
ତୃରଷ-30

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❊ ଷଷ୍ଠ ପୁଷ୍ପ ❊ ପଞ୍ଚମ ପାଖୁଡ଼ା ❊ ତ୍ରିଂଶତିତମ ସଂଖ୍ୟା ❊

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

**କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ**

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଜବ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।


❊ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : [illegible]ମୁଦ୍ରାଞ୍ଜଳି ❊

❋ କେଶବାବ୍ଦ : ଷଡ଼ଚତ୍ୱାରିଂଶତ୍ ❋ ଅଭ୍ୟୁତ୍ସବ ମାସ ❋ ମାଘ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଷଷ୍ଠ ପୁଷ୍ପ ❋
ପଞ୍ଚମ ପାଖୁଡ଼ା
ତ୍ରିଂଶତିତମ ସଂଖ୍ୟା

✤ ବୈଦିକ ପ୍ରାର୍ଥନା ✤

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।

ତୃତୀୟ ମହଳ, କେଶବାର୍ଦ୍ଧ – ୫୪


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ପ୍ରଭୁପାଦ ସ୍ତୁତି | ୧ |
| **ସିଂହଦ୍ୱାର** | |
| ଗୁହାରି ଶ୍ରୀପଦ ତଳକୁ | ୨ |
| ଶ୍ରୀ ପାଦୁକା ମହିମା | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟ : | ୧୬ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୧୯ |
| ଜିଜ୍ଞାସା : ଜିଜ୍ଞାସୁ : | ୨୩ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୪ |
| କଲ୍ୟାଣ ଦେଖି ତୋତେ | ୨୮ |
| କେଶବ କୈବଲ୍ୟ କଣିକା | ୨୯ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୩୧ |
| 'ନିଶବଦ ଘରୁ ଶବଦ ଶୁଭୁଛି'ର ବ୍ୟାଖ୍ୟା | ୩୪ |
| ପୂର୍ବ ସଂଖ୍ୟାରେ ପ୍ରଦତ୍ତ ଗଳ୍ପାଂଶର ମୀମାଂସା ଖଣ୍ଡ | ୩୬ |
| ଉତ୍ସବ ପରିଚିତି : ନନ୍ଦୀଶ୍ରୁତି ସ୍ମରଣେ | ୩୮ |
| ଆଶ୍ରମ ସନ୍ଦେଶ | ୪୨ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

– ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ଭାଲେ ଚନ୍ଦନଚର୍ଚ୍ଚିତ ଗୁରୁବର ଦୃଷ୍ଟିଷ୍ଟେ ଉଜ୍ଜ୍ୱଳମ୍
ଗାତ୍ରେ ଗୈରିକ ଦୁକୁଳଂ ପରିହିତଂ ସର୍ବାଙ୍ଗ ଶ୍ରୀଶୋଭିତମ୍ ।
ଜାଡ୍ୟ ନାଶକରଂ ପବିତ୍ର କୁଶଳଂ ଶିଷ୍ୟଗଣୈଃ ସେବିତମ୍
ବନ୍ଦେଽହଂ ଗୁରୁକେଶବମବିରତ ସୁକାନ୍ତିସୂତଂ ସଦା ।।

## ପ୍ରଭୁପାଦ ସ୍ତୁତି

ପ୍ରଭୁପାଦ ଗୁରୁସ୍ୱାମୀ ମୋ ଜୀବନ ସାଇଁ ।
ତୁମ ବିନୁ ଏ ଜୀବନେ ଆନ ଗତି ନାହିଁ ।।
ପ୍ରଭୁପାଦ ଗୁରୁସ୍ୱାମୀ ଜଗତର ନାଥ ।
ଶ୍ରୀପାଦପଦ୍ମ ପୀଠରେ ଲୋଟୁ ମୋର ମାଥ ।।
ପ୍ରଭୁପାଦ ଗୁରୁସ୍ୱାମୀ ବ୍ରହ୍ମାଣ୍ଡର ପତି ।
ଶ୍ରୀପାଦପଦ୍ମ କଳିରେ ଅଗତିର ଗତି ।।
ପ୍ରଭୁପାଦ ଗୁରୁସ୍ୱାମୀ ଆହେ ଦୀନବନ୍ଧୁ ।
ପତିତଜନ ପାବନ ଜଗତର ବନ୍ଧୁ ।।
ପ୍ରଭୁପାଦ ଗୁରୁସ୍ୱାମୀ ଦେବ ଇଚ୍ଛାମୟ ।
ସ୍ୱର୍ଗମର୍ତ୍ତ୍ୟ ପାତାଳରେ ସର୍ବ ଜଗତ୍ରୟ ।
ପ୍ରଭୁପାଦ ଗୁରୁସ୍ୱାମୀ ରାଧିକାମୋହନ ।
ସକଳ ନିଧାନ ବୀଜ ସକଳ କାରଣ ।।
ପ୍ରଭୁପାଦ ଗୁରୁସ୍ୱାମୀ କରୁଣାସାଗର ।
ଭକତଜନଙ୍କ ପାଇଁ କୃପାର ଆକର ।।
ପ୍ରଭୁପାଦ ଗୁରୁସ୍ୱାମୀ ଦେବ ଆର୍ତ୍ତତ୍ରାଣ ।
ଶ୍ରୀପାଦପଦ୍ମ ପୀଠରେ ସ୍ଥିର ରହୁ ମନ ।।
ପ୍ରଭୁପାଦ ଗୁରୁ ପୂର୍ଣ୍ଣବ୍ରହ୍ମ ଅବତାର ।
ସୃଜନ ପାଳନ ପୁଣି ସକଳ ସଂହାର ।।
ପ୍ରଭୁପାଦ ଗୁରୁଦେବ ଆଦି ନିରାକାର ।
ପଦ୍ମପାଦ ବିନୁ ନାହିଁ ଆନ ପ୍ରତିକାର ।
ପ୍ରଭୁପାଦ ଗୁରୁଦେବ ଗୋପିକାରମଣ ।
ଜଳସ୍ଥଳ ଶୂନ୍ୟେ ତୁମେ ସକଳ କାରଣ ।।

ପ୍ରଭୁପାଦ ଗୁରୁଦେବ ପଦ୍ମପାଦ ବେନି ।
ସଦା ଚିନ୍ତା କରେ ବୀଜମନ୍ତ୍ର ଜପ ଘେନି ।।
ପ୍ରଭୁପାଦ ଗୁରୁଲୀଳା ସବୁଠି ପ୍ରକାଶ ।
ଜଳସ୍ଥଳ ବନଗିରି ଆବର ଆକାଶ ।।
ପ୍ରଭୁପାଦ ଗୁରୁକୃପା ବିନା ନାହିଁ ଗତି ।
ପଦ୍ମପାଦ କୃପା କଲେ ମିଳଇ ମୁକତି ।।
ପ୍ରଭୁପାଦ ପଦ୍ମପାଦ ପୀଠରେ ଶରଣ ।
ନେଲେ ତରିଯାଏ ଭବୁ ଆବଦ୍ଧ ଜୀବନ ।।
ପ୍ରଭୁପାଦ ପଦ୍ମପାଦ ଖେଳଇ ହୃଦରେ ।
ଧନ୍ୟ ତା' ଜୀବନ ଯେହୁ ନିତି ତାହା ଧରେ ।।
ପ୍ରଭୁପାଦ ଜଗନ୍ନାଥ ପତିତପାବନ ।
ପ୍ରଭୁପାଦ ଗର୍ବହାରି ଭୁବନମୋହନ ।।
ପ୍ରଭୁପାଦ ପୂର୍ଣ୍ଣବ୍ରହ୍ମ କୃପା ଅକୂପାର ।
ପ୍ରଭୁପାଦ ପଦ୍ମ ବିନୁ ନାହିଁ ପ୍ରତିକାର ।।
ପ୍ରଭୁପାଦ ଭକ୍ତ ହୃଦ ସିଂହାସନେ ବସ ।
ପ୍ରଭୁପାଦ ଭକ୍ତ ଜନ ସହିତରେ ରସ ।।
ପ୍ରଭୁପାଦ କରୁଣାର ଅଥଳ ସାଗର ।
ପ୍ରଭୁପାଦ ପଦ୍ମ ବ୍ୟାପ୍ତ ଅଖିଳ ସଂସାର ।।
ପ୍ରଭୁପାଦ ଆକାରରେ ଦେବ ନିରାକାର ।
ପ୍ରଭୁପାଦ ପଞ୍ଚଭୂତେ ବ୍ୟାପ୍ତ ଚରାଚର ।।
ପ୍ରଭୁପାଦ ଇଚ୍ଛାରୁ ଏ ବ୍ରହ୍ମାଣ୍ଡ ଭିଆଣ ।
ପ୍ରଭୁ ପାଦପଦ୍ମେ ଦାସ ପଶଇ ଶରଣ ।।




## ଗୁହାରି ଶ୍ରୀପଦ ତଳକୁ

ପ୍ରଭୁ କ୍ଷେତ୍ର ଡେକି ଆସ କ୍ଷେତକୁ,
ନିଜ କ୍ଷେତ ଗୋଟି    ହେଲାଣି ବାଲୁଙ୍ଗା
ଦେଖାଇ କହୁଛି ପରକୁ ।।୦।।

ପଚିଶ ମୂଲିଆ    ପାଞ୍ଚ ଜଗୁଆଳି
ସଜାଇ ସାଜିଲେ ନିଜ ଘରକୁ ।
ଧାନ ଉପାଡ଼ିଣ    ବାଲୁଙ୍ଗା ରୋପନ୍ତି
ସଜାଇଣ ନିଜ ନିଜ ମନକୁ ।।୧।।

ଚିତା ଚନ୍ଦନ    ନକଲି ହେଲାଣି
ଆଖି ଠାରୁଛନ୍ତି ପରକୁ ।
ନାମ ଭଜି ଭଜି    ନାମୀ ନ ଆସନ୍ତି
କରମ କଲାଣି ବାମକୁ ।।୨।।

ବିଷୟା ଜଞ୍ଜାଳ    ଦେଇଛ ପିଆଇ
ଧରେ ମନଚାଞ୍ଚା ଡିକକୁ ।
କ୍ଷେତ୍ରେ କ୍ଷେତ୍ରବାସୀ    ନ ରହିବେ ଯେବେ
ଦେବ କେ ବିବେକ ଜ୍ଞାନକୁ ।।୩।।

ହୃଦ ପଣତକୁ    ନାମ ଜଳେ ଧୋଇ
ବିଛାଡୁଛି ଯୋଡ଼ି କରକୁ ।
ବିଜେ ହୁଅ ଆସି    ଆହେ ବ୍ରହ୍ମରାଣି
ଗୁହାରି ଶ୍ରୀପଦ ତଳକୁ ।।୪।।

# ଶ୍ରୀ ପାଦୁକା ମହିମା

ଶ୍ରୀପଦ ଶ୍ରୀପାଦୁକାର
ଅପୂର୍ବ ମହିମା
ସ୍ଥୂଳ ଭାବେ କିଏ
ଦର୍ଶିପାରେ ସୀମା ।ପଦ।
ସେହି ସିନା ଜାଣେ ଏକା
ତାହାରି ଶକତି
ଆଉ କାର ସାଧ ଅଛି
ମାପିବ ମୁକତି
ଉଡ଼ାଇଲା ତେଣୁ ତାର ଆର୍ତ୍ତତ୍ରାଣ ବାନା ।।୧।।
କଳ୍କୀର ସଂହାରୁ ବୀଜ
ସାଇତି ନେବାକୁ
ଯାତନାକୁ ସାଥୀ କରି
ଆସିଛି ଧରାକୁ
ଶାନ୍ତିର କପୋତ ସାଜି ହୋଇଛି ମଉନା ।।୨।।
କରି କରାଉଛି ସବୁ
ଅନ୍ତରେ ବାହାରେ
ବାନ୍ଧି ରଖି ଜୀବ କୂଳେ
ମୋହିନୀ ମାୟାରେ
ସୂକ୍ଷ୍ମରେ ଗୋପନେ ସେ ତ କରୁଅଛି ଲୀଳା ।।୩।।

# ମୁଖଶାଳା

## ସମ୍ପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!

ଧରାଧାମରେ ମନୁଷ୍ୟ ଜନ୍ମ ଲାଭ କରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମରେ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ୟାସ - ଏହି ଚାରିଗୋଟି ଆଶ୍ରମରେ ନୀତିନିଷ୍ଠ ଜୀବନଯାପନ କରିବା ଦ୍ୱାରା ପ୍ରକୃତ ଅର୍ଥରେ ଧର୍ମ, ଅର୍ଥ, କାମ, ମୋକ୍ଷ - ଏହି ଚତୁର୍ବର୍ଗ ପ୍ରାପ୍ତି ହୋଇଥାଏ । ଉପର୍ଯ୍ୟୁକ୍ତ ଚାରିଗୋଟି ଆଶ୍ରମ ଜୀବନଚର୍ଯ୍ୟା ମଧ୍ୟରେ ମନୁଷ୍ୟ ନିଜର କର୍ତ୍ତବ୍ୟ ସଂପର୍କରେ ସମ୍ୟକ୍ ଜ୍ଞାନ ଲାଭ କରିଥାଏ । ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ନବାକ୍ଷରୀ ଭାଗବତରେ ଭଗବାନ ଶ୍ରୀକୃଷ୍ଣ ଏ ସଂପର୍କରେ ଉପଦେଶ ଦେଇ କହିଛନ୍ତି :

"ଗୃହୀର ଇଷ୍ଟ ଧର୍ମ ରକ୍ଷା । ବ୍ରହ୍ମଚାରୀର ଗୁରୁଦୀକ୍ଷା ॥  
ତପସ୍ୟା ବିବେକ ଯେ ଶାନ୍ତି । ବନସ୍ଥ ଜନର ଏ ଗତି ॥  
ଅହିଂସା ସନ୍ୟାସ ଲକ୍ଷଣ । କୃଷ୍ଣ କହନ୍ତି ପୁଣ ପୁଣ ।।"

ଗାର୍ହସ୍ଥାଶ୍ରମରେ ବ୍ୟକ୍ତି ଇଷ୍ଟ ଗ୍ରହଣ ପୂର୍ବକ ଇଷ୍ଟ ଧର୍ମରକ୍ଷା କରିବା ଏକାନ୍ତ କର୍ତ୍ତବ୍ୟ । ବ୍ରହ୍ମଚର୍ଯ୍ୟାଶ୍ରମରେ ଶିଷ୍ୟ ଗୁରୁ ଗ୍ରହଣ ପୂର୍ବକ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ଗୁରୁଙ୍କ ସେବାରେ ନିଜକୁ ନିୟୋଜିତ କରିବା ବାଞ୍ଛନୀୟ । ବାନପ୍ରସ୍ଥାଶ୍ରମରେ ବ୍ୟକ୍ତି ତପଃ ଆଚରଣ ପୂର୍ବକ ବିବେକ ଜ୍ଞାନ ଆହରଣ କରି ଶାନ୍ତି ଲାଭ କରିବା ଉଚିତ । ଶେଷରେ ସନ୍ୟାସ ଜୀବନରେ ଅହିଂସାବ୍ରତ ପାଳନ ପୂର୍ବକ ଈଶ୍ୱର ଉପଲବ୍ଧି କରିବା ହିଁ ଏକମାତ୍ର ସାଧନା ଅଟେ ।

କାୟମନବାକ୍ୟରେ ଶ୍ରୀଗୁରୁଙ୍କର ଆଦେଶ ପାଳନ ହିଁ ପ୍ରକୃଷ୍ଟ ଓ ପ୍ରକୃତ ଗୁରୁ ସେବା ବୋଲି ଶାସ୍ତ୍ରବାଣୀ ଅଛି । ସେବାର ପ୍ରକୃତ ଅର୍ଥ ହେଉଛି ସୁଖ ଦେବା । ଶ୍ରୀଗୁରୁଙ୍କର ଆଦେଶ, ନିର୍ଦ୍ଦେଶ, ଆଜ୍ଞା, ଅନୁଜ୍ଞା ବିନା ଦ୍ୱିଧାରେ ଅକୁଣ୍ଠିତ ଚିତ୍ତରେ ପାଳନ କଲେ, ସେ ସୁଖୀ ହୁଅନ୍ତି । ତାଙ୍କୁ ସୁଖୀ କରିବା ହିଁ ଆମର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । ତାହାହିଁ ଆମର ଶ୍ରେଷ୍ଠ ଓ ପ୍ରକୃତ ସାଧନା ।

ଆମର ଏକମାତ୍ର ସାଧନା ଓ କର୍ତ୍ତବ୍ୟ ଗୁରୁସେବା । ଏହା ଦ୍ୱାରା ଶ୍ରୀଗୁରୁଙ୍କୁ ଆମେ ଉପକୃତ କରୁ ନାହିଁ । ବରଂ ସେବାର ସୁଯୋଗ ଓ ସୁବିଧା ଦେଇ ସେ ହିଁ ଆମମାନଙ୍କୁ ଉପକୃତ କରିଥାଆନ୍ତି । ସେ ପରମ ଦୟାଳୁ । ଆମପରି ଦୀନ ଅକିଞ୍ଚନମାନଙ୍କୁ କରୁଣା ଓ କଲ୍ୟାଣ କରିବା ହିଁ ତାଙ୍କ ଜୀବନର ବ୍ରତ । ଯାହା କଲେ ଆମର ହିଁ ମଙ୍ଗଳ ହେବ, ସେ ତାହାହିଁ କରନ୍ତି । ତେଣୁ ତାଙ୍କର ଅନ୍ୟ ନାମ ମଙ୍ଗଳମୟ । ଆମର ମୂଢ଼ତା, ଜଡ଼ତା, ଅଜ୍ଞାନତା ଦୋଷରୁ ଆମେ ତାଙ୍କର ମଙ୍ଗଳକର କ୍ରିୟାଶୀଳତା ବୁଝି ପାରୁନାହିଁ । ଅଯଥାରେ ତାଙ୍କୁ ଦୋଷାରୋପ କରୁଁ । ତଥାପି ଚିରମଙ୍ଗଳାକାଂକ୍ଷୀ ପରମପିତା ଆମକୁ କ୍ଷମା ଦିଅନ୍ତି । ସେ ପରା କ୍ଷମାନୁକମ୍ପାଧର !!

"ଜୀବେର ନିସ୍ତାର ଲାଗି ନନ୍ଦସୁତ ହରି ।  
ଭୁବନେ ପ୍ରକାଶ ହନ୍ ଗୁରୁରୂପ ଧରି ।।" - ଶ୍ରୀ ଚୈତନ୍ୟଚରିତାମୃତ ।।

ଅଜ୍ଞ ଜୀବ ଆମେମାନେ । ଆମେ ଅତି ମାତ୍ରାରେ ବିଷୟାଜଞ୍ଜାଳରେ ଛନ୍ଦି ହୋଇ ନିଜେ ନିଜର ଅମଙ୍ଗଳ ପଥ ଖୋଳି ଦେଉଁ । ଏଥିପାଇଁ ଶ୍ରୀଗୁରୁସ୍ୱାମୀ ପବିତ୍ର ପଦ୍ମପାଦ ପୀଠରେ ବାରମ୍ବାର ଅଳି କରୁଁ । କାରଣ ଆମେ ଅଜ୍ଞ, ନିର୍ବୋଧ, ଅଦୂରଦର୍ଶୀ । ଆମ ପାଇଁ ଆମର ଭବିଷ୍ୟତ ସଂପୂର୍ଣ୍ଣ ଅଜ୍ଞାତ । ତେଣୁ, କେଉଁଥିରେ ଆମର ମଂଗଳ ନିହିତ ତାହା ଜାଣି ପାରୁନା । ମାତ୍ର ଶ୍ରୀଗୁରୁସ୍ୱାମୀ ସର୍ବଜ୍ଞ, ସର୍ବାନ୍ତର୍ଯ୍ୟାମୀନ୍, ତ୍ରିକାଳଦର୍ଶୀ । ଆମର

ଭବିଷ୍ୟତ ତାଙ୍କର ସଂପୂର୍ଣ୍ଣ ଜ୍ଞାତ ଅଟେ । ସେ ହିଁ ଜାଣନ୍ତି କେଉଁଥିରେ ଆମର ମଂଗଳ ହେବ । ସେଥିପାଇଁ ସେ ଆମମାନଙ୍କୁ ସେହିପରି ଉପଦେଶ ଓ ଆଦେଶ ଦିଅନ୍ତି । ଏପରି ଆଦେଶ ଉପଦେଶ ଦେବାରେ ତାଙ୍କର ତିଳେମାତ୍ର ସ୍ୱାର୍ଥ ହିଁ ନ ଥାଏ । ବରଂ ଅନ୍ୟପକ୍ଷରେ ଆମର ମଂଗଳ ବିଧାନ କରି ସେ ସର୍ବତୋଭାବରେ ଆମର ହିଁ ସ୍ୱାର୍ଥ ରକ୍ଷା କରିଥାଆନ୍ତି । ତାଙ୍କ ଆଦେଶ ଉପଦେଶ, ଆଜ୍ଞା ଅନୁଜ୍ଞା ପାଳନ କଲେ, ଆମେମାନେ ହିଁ ଉପକୃତ ହେଉଁ । ଆମେ ଉପକୃତ ହେଲେ ସେ ସୁଖୀ ହୁଅନ୍ତି ।

ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞା ଆଦେଶ ପାଳନ ହିଁ ଆମର ସାଧନ ଭଜନ । ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ସାଧନ ଭଜନ କରୁଁ କରୁଁ ମନରେ ଆତ୍ମସୁଖର କାମନାବାସନା ଅଲକ୍ଷ୍ୟରେ ଜାଗ୍ରତ ହୁଏ । ଲାଭ, ପୂଜା, ପ୍ରତିଷ୍ଠା, ସମ୍ମାନ, ଗୌରବ, ଯଶ, ଉଚ୍ଚାସନ, ଉଚ୍ଚପଦବୀ, ଫୁଲଚନ୍ଦନ ଇତ୍ୟାଦି ପାଇବାର ଆଶାଆକାଂକ୍ଷା ସାଧକ ମନକୋଣରେ ପ୍ରବଳ ଭାବରେ ଉଙ୍କିମାରେ । ପ୍ରଶଂସାଦିର ଲୋଭ ହେତୁ ସାଧକ ଆଉ ପରମାର୍ଥ ପଥରେ ଆଗେଇ ଯାଇପାରେ ନାହିଁ । ହିତରେ ଅହିତ ହୁଏ । ଅଭିମାନ ମଧ୍ୟ ଅନ୍ତଃକରଣରେ ଠୁଳ ହୋଇଯାଏ । ଅଭିମାନ ଆସିଗଲେ, ସବୁ ସାଧନା ନଷ୍ଟ, ସବୁ ଯୋଗ ଭ୍ରଷ୍ଟ ହୋଇଯାଏ । 'ଦୟା ଧରମ କି ମୂଲ୍, ନରକ ମୂଲ୍ ଅଭିମାନ' ଏପରି ଦୁର୍ବିପାକରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ଶ୍ରୀଗୁରୁସ୍ୱାମୀଙ୍କ ଆଜ୍ଞାଆଦେଶ ନିର୍ବିଚାରରେ ପାଳନ କରିବା ।

ସିଦ୍ଧ ମହାପୁରୁଷ ହେବାର ଲକ୍ଷ୍ୟ ରଖି ସାଧନଭଜନ ଆଦି କରିବା ପାଗଳାମି ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ସିଦ୍ଧ ମହାପୁରୁଷ ହୋଇ ନିଜର ସିଦ୍ଧି ଓ ବିଭୂତି ବଳରେ ଲୋକ ସମାଜରେ ପୂଜ୍ୟ ହେବା ବା ପୂଜା ପାଇବା ଦ୍ୱାରା ଆମର କେଉଁ ଆତ୍ମୋନ୍ନୟନ ବା ହୋଇଯିବ ? ଆମମାନଙ୍କୁ ଶ୍ରୀଗୁରୁସ୍ୱାମୀ ଧାରା ଦେଇ ଅଭ୍ୟାସ କର୍ମଧାରା କରିବା, ସାଧନ, ଭଜନ, ନାମ, ମାନସ ଜପ କରିବା ପାଇଁ ଆଦେଶ ଦେଇଅଛନ୍ତି । ଆମେ ଏହା କଲେ, ସେ ସୁଖୀ ହେବେ । ତାଙ୍କୁ ସୁଖୀ କରିବା ପାଇଁ ଆମେ ଏହା କରିବା ଉଚିତ । ଆମର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ସାଧନା ହେଉ ତାଙ୍କୁ ସୁଖୀ କରିବା । ଏହାଦ୍ୱାରା ଗୁରୁଗଞ୍ଜନ/ଗୁର୍ବାଗଞ୍ଜନ ମୋହର ଦୋଷରୁ ଆମେ ନିଜକୁ ରକ୍ଷା କରି ପାରିବା, ତାଙ୍କୁ ମଧ୍ୟ ସୁଖୀ କରିବା । ଏହି ଲକ୍ଷ୍ୟରୁ ତିଳେ ମାତ୍ର ଚ୍ୟୁତ ହେଲେ, ଆମେ ନିଶ୍ଚିତ ଭାବରେ ଗୁରୁଦ୍ରୋହୀ ହେବା ହିଁ ହେବା ।

ମନେ ରଖିବାକୁ ହେବ ଯେ, ଆମେ ଜଣେ ଜଣେ ତେଲି ବଳଦ । ଘଣା ଟାଣିବା ହିଁ ଆମର କାମ । ତେଲି ଆମ କାନ୍ଧରେ କୁଆଳି ଯୋଚି ଘଣା ପେଲିବା କାମରେ ଲଗାଇ ଦେଇଛି । ଆମେ କୁଆଳି ଧରି ଘଣା ଚାରିପାଖେ ବୁଲିବା । ତେଲ ବାହାରିଲା କି ନାହିଁ ସେ ଖବର ରଖିବା ଆମର କାମ ନୁହେଁ । ତାହା ସେହି ତେଲିର କାମ । ସେହିପରି ଶ୍ରୀଗୁରୁସ୍ୱାମୀଙ୍କର ଆଦେଶ ଶିରୋଧାର୍ଯ୍ୟ କରି କାୟମନୋବାକ୍ୟରେ ତାଙ୍କ ଆଜ୍ଞା ପାଳନ କରିବା ହିଁ ଆମର କର୍ତ୍ତବ୍ୟ । ତହିଁର ଭଲମନ୍ଦ ଦିଗ ପ୍ରତି ବିଚାର କରିବା ଆମର ଅଜ୍ଞତା ବ୍ୟତୀତ ଅନ୍ୟ କିଛି ନୁହେଁ । ଶ୍ରୀଗୁରୁସ୍ୱାମୀ ମଙ୍ଗଳମୟ । ତାଙ୍କଠାରେ ଅମଙ୍ଗଳର ସ୍ଥାନ ନାହିଁ । ନିର୍ବିଚାରରେ ତାଙ୍କର ଆଜ୍ଞା ପାଳନ କଲେ, ଇନ୍ଦ୍ରିୟଗଣ ସହଜରେ ସଂଯତ ହୋଇଯାଆନ୍ତି । ସତ୍ୟେନ୍ଦ୍ରିୟ ଗୃହର ଦ୍ୱାର ଖୋଲିଯାଏ ।

''ଯା'ର୍ ପ୍ରତି ଗୁରୁଦେବ ହନ୍ ପରସନ୍ନ ।
କୋନ୍ ବିଘ୍ନେ ସେହୋ ନାହିଁ ହୟ ଅବସନ୍ନ ।।'' -ଶ୍ରୀ ଚୈତନ୍ୟଚରିତାମୃତ ।।

ଅଳମତି ବିସ୍ତରେଣ ! ଓମିତି ନମସ୍କାରାନ୍ତେ !! ଶ୍ରୀକେଶବସମର୍ପଣମସ୍ତୁ !!!

ସଂପାଦକ, 'ଚରମ' ।।

# ଚରମର ଚିନ୍ତନ : ଏ ପାଖୁଡ଼ାରେ

'ଚରମ' : ଷଷ୍ଠପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନବିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ......

"ଭୁଜଙ୍ଗ ନିର୍ମୋକ ତେଜିଲା ପରାୟେ କରେ ଯେ କ୍ରୋଧ ବର୍ଜନ ।
ଜିତେନ୍ଦ୍ରିୟ ବୋଲି ସେହି ମହାଜନେ ପୂଜନ୍ତି ଜଗତଜନ ।।" – ଶର୍ମିଷ୍ଠା, ନନ୍ଦକିଶୋର ବଳ ।।

କ୍ରୋଧ ପରି ଜୀବର ମହାଶତ୍ରୁକୁ ନିଜ ଆୟତ୍ତକୁ ଆଣି ପାରିବା ସମ୍ଭବ କି ନୁହେଁ ତାହା ମଧ୍ୟ ବିଚାର କରି ଦେଖିବା ଉଚିତ । କ୍ରୋଧକୁ ଆୟତ୍ତ ଓ ନିୟନ୍ତ୍ରଣ କରିବାର କ୍ଷମତା ପ୍ରତ୍ୟେକଙ୍କର ରହିଛି । ସ୍ଥାନ କାଳ ପାତ୍ର ପ୍ରତି ସଜାଗ ଓ ସଚେତନ ରହି ଅନ୍ତରେ କୋମଳ ଭାବସମୂହକୁ ନଷ୍ଟ ନ କରି ଧୈର୍ଯ୍ୟଶୀଳତାର ସହିତ ମନକୋଣରେ ଅଙ୍କୁରିତ ହେଉଥିବା କ୍ରୋଧ ବୀଜକୁ ପରିପୋଷଣ ନ କରି ଦୃଢ଼ତାର ସହିତ ଦମନ କରିବା ଏକାନ୍ତ କର୍ତ୍ତବ୍ୟ । ଫଳରେ ମନରେ ଦୟା, କ୍ଷମା, ବିନୟ ଓ ସ୍ନେହ ଭଳି କୋମଳ ଭାବ ରାଜି ଉଦ୍ରେକ ହୁଏ, କ୍ରୋଧ ଦୂରୀଭୂତ ହୁଏ ।

ଠାକୁରେ କ୍ରୋଧ ନିବାରଣର ଉପାୟ ଅତି ସୁନ୍ଦର ଭାବରେ ବତାଇ ଦେଇଛନ୍ତି । ଠାକୁରଙ୍କ ଭାଷାରେ – ପ୍ରାଣୀ ଦେହରେ ସ୍ଥୂଳ ଚିତ୍ତ ଦୁଇଟି ପ୍ରଣାଳୀରେ ରହିଥାଏ । ସେଥି ମଧ୍ୟରୁ ଗୋଟିଏ ବିଜେନ୍ଦ୍ରିୟ ବୃତ୍ତି ଓ ଅନ୍ୟଟି ସତ୍ୟେନ୍ଦ୍ରିୟ ବୃତ୍ତି । ଜୀବର ଏହି ଦୁଇଟି ବୃତ୍ତି ଦୁଇଗୋଟି ଦ୍ୱାର ସ୍ୱରୂପ ଅଟେ । ଜୀବର ଜନ୍ମମୁହୂର୍ତ୍ତରୁ ପ୍ରାକୃତିକ ଉପାୟରେ ବିଜେନ୍ଦ୍ରିୟ ବୃତ୍ତିର ଦ୍ୱାରଟି ସ୍ୱତଃ ଖୋଲା ଅବସ୍ଥାରେ ଥାଏ । ବିଜେନ୍ଦ୍ରିୟ ଦ୍ୱାର ଯେଉଁ ଗୃହ ବା ପ୍ରକୋଷ୍ଠର, ସେହି ଗୃହ ବା ପ୍ରକୋଷ୍ଠରେ କାମର ସୂକ୍ଷ୍ମମଞ୍ଜି ଗଚ୍ଛିତ ଥାଏ । ସେହି ସୂକ୍ଷ୍ମ କାମବୀଜ ଜୀବର ବିଜେନ୍ଦ୍ରିୟ ଗୃହରେ ଚେତନଶୀଳ ହୋଇ ବିକାଶ ପାଇଁ ସୁଯୋଗ ଅପେକ୍ଷାରେ ଥାଏ । ଚର୍ମର ଆକର୍ଷଣରେ ତାହା ବିକଶିତ ହୁଏ । ବିକଶିତ ହେଲେ, ଜୀବର ଅପ୍ରମିତ କାମନାବାସନା ଜାଗ୍ରତ ହୁଏ । କାମନାବାସନା ଜାଗ୍ରତ ହେବା କ୍ଷଣି ତହିଁର ତରଙ୍ଗ ସମଗ୍ର ଜୀବ ଶରୀରରେ ବିଦ୍ୟୁତ ତରଙ୍ଗ ଭଳି ପ୍ରବାହିତ ହୁଏ । ତହୁଁ ମନ ପାଗଳା ଘୋଡ଼ା ପରି ଇନ୍ଦ୍ରିୟଗଣଙ୍କ ଆଡ଼କୁ ଦ୍ରୁତ ଗତିରେ ଧାଇଁ ଆସେ । ମନର ଲକ୍ଷ୍ୟ ରହେ କାମନାର ପରିପୂରଣ ପାଇଁ ଇନ୍ଦ୍ରିୟ ମାଧ୍ୟମରେ ବିଷୟ ଉପଭୋଗ କରିବାକୁ । ବୟସ ବୃଦ୍ଧି ସହିତ କାମନାବାସନାର ପ୍ରକାର ମଧ୍ୟ ବଦଳିଯିବା ସହିତ ବିଷୟ ଉପଭୋଗର ଇଚ୍ଛା ଆକାଂକ୍ଷା ପ୍ରବଳ ହୁଏ । ଶରୀର କ୍ଷୀଣ ହୋଇଗଲେ ମଧ୍ୟ ମନ ଉପଭୋଗ ପାଇଁ ପ୍ରବଳ ଇଚ୍ଛା ପୋଷଣ କରେ । ଯେଉଁ ବ୍ୟକ୍ତି ଏହାର ନିରାକରଣ ଉପାୟ ଜାଣିପାରେ, ଜାଣିବା ପରେ ତଦନୁସାରେ କର୍ମକରେ, ତା' ହୃଦୟରେ ସ୍ୱତଃ ଜ୍ଞାନ ଉଦୟ ହୁଏ । ବାସନା ତରଙ୍ଗକୁ ଜୟ କରିପାରିଲେ, ସକଳ ଭୟ ଓ କ୍ଷୟରୁ ଜୀବ ରକ୍ଷା ପାଇଯାଏ ।

ଜନ୍ମ ସମୟରୁ ସତ୍ୟେନ୍ଦ୍ରିୟ ବୃତ୍ତି ପ୍ରକୋଷ୍ଠର ଦ୍ୱାରଟି ପ୍ରାକୃତିକ ଉପାୟରେ ବନ୍ଦ ଅବସ୍ଥାରେ ଥାଏ । ଜୀବକୁ ସାଧନା ମାର୍ଗରେ ଚଳି ଏହି ଦ୍ୱାରଟିକୁ ଖୋଲିବାକୁ ହୁଏ । ଏହି ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଥରେ ଖୋଲିଗଲେ, ସେ ପ୍ରକୋଷ୍ଠରେ ଗଚ୍ଛିତ ଥିବା କାମଦମନ ଶକ୍ତି ଜାଗରିତ ହୁଏ । ଏହି ଶକ୍ତି ବଳରେ ଜୀବ କାମକୁ ଦମନ କରିପାରେ, ମୂର୍ଚ୍ଛି ଦେଇପାରେ । ସତ୍ୟେନ୍ଦ୍ରିୟ ଦ୍ୱାର ଖୋଲିବା ପାଇଁ ଜୀବକୁ ଶ୍ରୀଗୁରୁସ୍ୱାମୀଙ୍କ ନିର୍ଦ୍ଦେଶରେ କଠୋର ତ୍ୟାଗ, ନିଷ୍ଠା, ଆଚରଣରେ ରହି ଧ୍ୟାନ, ଧାରା ଇତ୍ୟାଦି କରିବାକୁ ହୁଏ ଓ ଶ୍ରୀଗୁରୁସ୍ୱାମୀଙ୍କ ଉପଦେଶାଦିକୁ ଆଚରଣ ସିଦ୍ଧ ଅଭ୍ୟାସରେ ପକାଇବାକୁ ହୁଏ । ପ୍ରଗାଢ଼ ଶ୍ରଦ୍ଧା ଓ ନିଷ୍ଠାର ସହିତ ଓ ଗୁରୁସ୍ୱାମୀଙ୍କ ନିର୍ଦ୍ଦେଶିତ ଧାରାରେ ରହି ସାଧନ ଅଭ୍ୟାସ କଲେ, ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଖୋଲିଯାଏ । ଏହି ଦ୍ୱାର ଖୋଲିଯିବା ଦ୍ୱାରା ଜୀବର କାମକାମନା ଅବଦମିତ ହୋଇଯାଇ କାମଶକ୍ତି ଓଜଃଶକ୍ତିରେ ରୂପାନ୍ତରିତ ହୋଇଯାଏ ଓ ଓଜଃତରଙ୍ଗ ଜୀବର ସର୍ବାଙ୍ଗରେ ଲହରୀ ତୋଳେ । ଫଳତଃ ଜୀବର ଭ୍ରାନ୍ତି ତୁଟିଯାଏ ଏବଂ କ୍ରୋଧର ସ୍ଥୂଳ ତରଙ୍ଗ ନଷ୍ଟ

ହୋଇଯାଏ । ଏହାହିଁ କ୍ରୋଧ ଦମନର ଶ୍ରେଷ୍ଠତମ ଉପାୟ । ଏହି ଉପାୟ ଅବଲମ୍ବନ କରିପାରିଲେ, ଜୀବ ଅକ୍ଳେଶରେ କ୍ରୋଧରୂପକ ଶତ୍ରୁ କବଳରୁ ନିଜକୁ ରକ୍ଷା କରିପାରେ ।

ଏହି ତତ୍ତ୍ୱ ଅତୀବ ଗହନ । ଏହି ତତ୍ତ୍ୱଜ୍ଞାନ ଲାଭ ଦ୍ୱାରା ବାସ୍ତବ କ୍ଷେତ୍ରରେ କୌଣସି ସୁଫଳ ତତ୍ତ୍ୱଜ୍ଞାନୀ ପାଇପାରେ ନାହିଁ । କାରଣ, ଏହା କେବଳ ଜ୍ଞାନରେ ସୀମାବଦ୍ଧ ନୁହେଁ, ବାସ୍ତବକର୍ମରେ ଏହି ତତ୍ତ୍ୱଜ୍ଞାନ ସମ୍ବଳିତ ସାଧନ ଧାରା ଅଭ୍ୟାସ କରି ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ ନ କଲା ପର୍ଯ୍ୟନ୍ତ ଏହାର ସୁଫଳ ଲାଭ କରାଯାଇ ପାରେ ନାହିଁ । କ୍ରୋଧ ଦମନ ନିମନ୍ତେ ଜୀବକୁ ସର୍ବ ପ୍ରଥମେ ସଂକଳ୍ପ କରିବାକୁ ହୁଏ, ଦୃଢ଼ତାର ସହିତ ସଂକଳ୍ପ ଧାର୍ଯ୍ୟ କରିବା ପରେ ତହିଁରୁ ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବାର ମାନସିକତାର ଉତ୍ପତ୍ତି ହୁଏ, ଏହି ଉତ୍ପନ୍ନ ମାନସିକ ସ୍ଥିତିରେ ରହି ଦୃଢ଼ ପଦକ୍ଷେପରେ ସାଧନା ପଥରେ ଗତି କରିବାକୁ ହୁଏ । ସାଧନା ପଥରେ ଗତି କରୁଁ କରୁଁ ମୀମାଂସାରେ ଜୀବ ଉପନୀତ ହୁଏ ।

''କେଶବ ତତ୍ତ୍ୱ ମାଳିକା''ର ପ୍ରଥମ ଉଲ୍ଲାସ, ପ୍ରଥମ ପଲ୍ଲବ, ତୃତୀୟ ପତ୍ରରେ ପରମାରାଧ୍ୟ ଠାକୁରଙ୍କ ଭାଷାରେ-''କ୍ରୋଧର ଦମନ ଉପାୟ । କହିଲି କର ଉପଚୟ ।।

ଏ ତତ୍ତ୍ୱ ଅତୀବ ଗହନ । ଶୁଣିଲ ଦେଇ ମନ କର୍ଣ୍ଣ ॥
କେବଳ ଶୁଣି ନାହିଁ କାର୍ଯ୍ୟ । କର ସଂକଳ୍ପ ଦୃଢ଼େ ଧାର୍ଯ୍ୟ ॥
ସଂକଳ୍ପ ଉତ୍ପତ୍ତି ଯେ ସ୍ଥିତି । ତହିଁରୁ ଗତି, ମୀମାଂସାଟି ।।'' - କେଶବତତ୍ତ୍ୱ ମାଳିକା-୧/୧/୩ ।।

ବାଲ୍ମୀକି ରାମାୟଣ, କିଷ୍କିନ୍ଧ୍ୟାକାଣ୍ଡରେ ଉଲ୍ଲେଖ ଅଛି -

''ଯେହୁ କ୍ରୋଧ ଅନଳକୁ ଶାନ୍ତ କରିପାରେ ।
ଧନ୍ୟ ସେ ମହାତ୍ମା ଏହି ସଂସାର ମଧ୍ୟରେ ।।
କି ନ କରି ପାରେ ଲୋକ କ୍ରୋଧେ ଅନ୍ଧ ହୋଇ ।
ଭଲ ମନ୍ଦ କିଛି ସେହୁ ଜାଣି ନ ପାରଇ ।।''

ମହାତ୍ମାମାନେ ଉପଦେଶ ଦେଇ କହିଅଛନ୍ତି - କ୍ରୋଧ ଜାତ ହେଲେ, ତା'କୁ ଦୂର କରିବା ପାଇଁ ଯେତେ ଉପାୟ ଅଛି, ତନ୍ମଧ୍ୟରୁ ଈଶ୍ୱରଚିନ୍ତନ ସର୍ବୋତ୍କୃଷ୍ଟ । ଅଧିକମାତ୍ରାରେ କ୍ରୋଧୀ ବ୍ୟକ୍ତି କିଛିଦିନ ଅନୁଧ୍ୟାନ କରି ଆତ୍ମସମୀକ୍ଷା ପରେ କ୍ରୋଧର କାରଣ ଉପସ୍ଥିତ ହେବା ମାତ୍ରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ ଯେ, ଶାନ୍ତିରେ ବଞ୍ଚିବା ପାଇଁ ଈଶ୍ୱର ଶକ୍ତି ଦିଅନ୍ତୁ । କ୍ରମାଗତ ଏ ପ୍ରକାର ପ୍ରାର୍ଥନା କରି ଅଭ୍ୟସ୍ତ ହୋଇଯିବା ପରେ ଏହାର ସୁଫଳ ନିଶ୍ଚିତ ଭାବରେ ଜୀବନ ଉପରେ ପ୍ରଭାବ ପକାଇବ । ଫଳତଃ ପର୍ଯ୍ୟାୟକ୍ରମରେ କ୍ରୋଧଭଳି ଦୁର୍ଦ୍ଦାନ୍ତ ରାକ୍ଷସ କବଳରୁ ମନୁଷ୍ୟ ମୁକ୍ତି ପାଇବାକୁ ସମର୍ଥ ହୋଇ ପାରିବ ।

ନୀତି ନିର୍ଝରିଣୀରେ ସ୍ପଷ୍ଟ ଉଲ୍ଲେଖ ଅଛି -

''କ୍ରୋଧକୁ ଜୟ କରି ଥାନ୍ତି ସଜ୍ଜନ ।
ତେଣୁ ନୁହଁନ୍ତି କା'ର ଦୋଷ ଭାଜନ ।।
କ୍ରୋଧ ଜର୍ଜ୍ଜର ଯେଣୁ ଲଘୁର ଚିତ୍ତ ।
ସଂସାର ତା'ପକ୍ଷରେ ତେଣୁ ଅହିତ ।।''

❀❀❀

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !

ମହାପୁରୁଷ ଅଚ୍ୟୁତଙ୍କର ସାରସ୍ୱତ କୃତିର ଅନ୍ତ ନାହିଁ । ଆଜି ପର୍ଯ୍ୟନ୍ତ ତାଙ୍କର ଯେତେ ସବୁ କୃତି ଲୋକଲୋଚନକୁ ଆସିଛି, ତହିଁରୁ ଅଧିକ ଲୋକଲୋଚନର ଅନ୍ତରାଳରେ ରହିଯାଇଛି । ଅଚ୍ୟୁତଙ୍କ ରଚନାରେ ତାଙ୍କ ଭାବାଦର୍ଶ ସର୍ବତୋଭାବେ ପ୍ରତିବିମ୍ବିତ । ଅଚ୍ୟୁତଙ୍କ ଜୀବଦ୍ଦଶା ଭିତରେ ତାଙ୍କର ପରମାର୍ଥିକ ପ୍ରତିଭା ପାଇଁ, ସେ ଯେପରି ଭାବରେ ରାଜକୀୟ ସମ୍ମାନର ଅଧିକାରୀ ହୋଇଥିଲେ ସେହିପରି ଆଜି ପାଞ୍ଚଶହରୁ ଅଧିକ ବର୍ଷ ପରେ ମଧ୍ୟ ଓଡ଼ିଶାର ପତିତଜନତାର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଚିନ୍ତବୃତ୍ତିର ପରିଧି ହୋଇ ରହିପାରିଛନ୍ତି । ମହାପୁରୁଷଙ୍କ ରଚନାରୁ ଏ ପାଖୁଡ଼ାରେ ଆମର ଅର୍ଘ୍ୟ –

## ପର୍ବତ ଶିଖରେ ହଂସ

ପର୍ବତ ଶିଖରେ ହଂସର ବାସ ।
ଡିମ୍ବ ପାରିଗଲା ଅଣ୍ଡିରା ହଂସ ।।
କାଳେନ୍ଦୀ ହ୍ରଦରେ ପାତିଛି ଘର ।
ହଂସ ବିହରୁଛି ସଚରାଚର ।।
ମନ ହୋ ! ଶୁଣ ହଂସ ମହିମା ।
ଚତୁର୍ଭୁଜରେ ସେ ପାଉଛି ଶୋଭା ।।୧।।

ହଂସ ରହିଛି ଦେଉଳ ଭିତରେ ।
ହଂସୁଲୀ ଜଗି ବସିଛି ଦୁଆରେ ।।
ହଂସ ମୁଖରୁ ବ୍ରହ୍ମା ବିଷ୍ଣୁ ଜାତ ।
ସେ ହଂସ ଅଟଇ ସବୁରି ତାତ ।।
ମନ ହୋ ! ହଂସ ଉର୍ଦ୍ଧ୍ୱକୁ ମୁଖ ।
ଚତୁର୍ଭୁଜରେ ସେ ପାଉଛି ସୁଖ ।।୨।।

ଡିମ୍ବ ରହିଛି ଛୁଆ ଉଡ଼ିଗଲା ।
ଚଉଦ ବ୍ରହ୍ମାଣ୍ଡ ଛୁଆ ଘୋଟିଲା ।।
ଛୁଆକୁ ଚିହ୍ନିଲେ ପାଇବ ଗତି ।
ଛୁଆ ଗିଳିଛି ଅଣଚାଶ ହାତୀ ।।
ମନ ହୋ ! ଦୀନ ପାମର ବାଇ
ଛାର ଅଚ୍ୟୁତକୁ କରିବ ତ୍ରାହି ।।୩।।



# ପୁରାଣ ପୃଷ୍ଠାରୁ

# ଗଳ୍ପାଂଶ

*ପୁରାଣ ଆମ ସାହିତ୍ୟର ବେଦତୁଲ୍ୟ । ଏହା ଯେପରି ପ୍ରାଚୀନ, ସଂଖ୍ୟାରେ ସେହିପରି ପ୍ରଚୁର । ଏଣୁ ଏହାର ପ୍ରସାରର କ୍ଷେତ୍ର ମଧ୍ୟ ବ୍ୟାପକ । ସାଧାରଣ ପାଠକଙ୍କ ଦୃଷ୍ଟିରେ ପୁରାଣ ହେଉଛି ଧର୍ମଗ୍ରନ୍ଥ । ମୁକ୍ତିର ଅନିର୍ବାଣ ଦୀପଶିଖା ପୁରାଣର ପୃଷ୍ଠାରେ ଉଦ୍ଦୀପ୍ତ ରହି ଅଧ୍ୟାତ୍ମପ୍ରେମୀ ଜନସାଧାରଣଙ୍କୁ ଯୁଗେ ଯୁଗେ ଜ୍ୟୋତିର ପଥ ଦେଖାଇ ଆସିଛି । ପୁରାଣର ପ୍ରତିଟି ଗଳ୍ପାଂଶର ପ୍ରଚ୍ଛନ୍ନରେ ପିଣ୍ଡତତ୍ତ୍ୱ ମତ ସହିତ ଯୋଗମାର୍ଗର ପର୍ଯ୍ୟାୟର ମଧୁର ସମ୍ମିଶ୍ରଣ ଲୁକ୍କାୟିତ । ପୂର୍ବେ ଯୋଗାଶ୍ରୟୀ ମୁକ୍ତିମୋକ୍ଷ କାମୀ ପୁରାଣ ପାଠକମାନେ ପୌରାଣିକ ଗଳ୍ପାଂଶରୁ ପିଣ୍ଡତତ୍ତ୍ୱ ଓ ଯୋଗମାର୍ଗର ସାରାଂଶ ଗ୍ରହଣ କରି ଆପଣାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରି ସୁଫଳ ଲାଭ କରୁଥିଲେ । କାଳକ୍ରମେ ଏ ଭାବଧାରାର ଅବକ୍ଷୟ ଘଟିଲା । ''ଚରମ'' ପୃଷ୍ଠାରେ ପୁରାଣ ପୃଷ୍ଠାରୁ ଗଳ୍ପାଂଶ ସହିତ ମୀମାଂସାଖଣ୍ଡ ସଂଯୋଜିତ ହୋଇ ତାହାର ପୁନରୁଦ୍ଧାର କରାଯାଇଛି ।*

ବ୍ରହ୍ମବୈବର୍ତ୍ତ ପୁରାଣ : ତୃତୀୟ ଭାଗରୁ :

## ଯମଦଗ୍ନି ବିନାଶ

ନାରଦ ନାରାୟଣଙ୍କୁ ପ୍ରଶ୍ନ ପଚାରି କହିଲେ, ନରହରି ଗଣେଶଙ୍କ ପିଣ୍ଡରେ ଗଜମୁଣ୍ଡ ଆଣି ଯୁକ୍ତ କରିବା ବେଳେ ତହିଁରେ ଦୁଇଗୋଟି ଦନ୍ତ ଥିଲା । ସେ ପୁଣି କାହିଁକି ଏକଦନ୍ତ ହେଲେ ଓ ଅନ୍ୟ ଏକ ଦନ୍ତ କୁଆଡ଼େ ଗଲା । ନାରାୟଣ କହିଲେ, ସେ କଥା କହୁଛି । ମନ ଦେଇ ଶୁଣ । ଏହି ପୁରାଣ ଚରିତ ଇତିହାସ ସିଦ୍ଧ ଅଟେ । ଏହା ଶୁଣିଲେ, ଅଶେଷ ଦୁରିତ ଖଣ୍ଡିତ ହେବ ।

ଦିନେ କାର୍ତ୍ତବୀର୍ଯ୍ୟ ନାମକ ରାଜା ମୃଗୟା କରିବା ପାଇଁ ମନ ବଳେଇ ବନ ମଧ୍ୟରେ ପ୍ରବେଶ କଲେ ଓ ବହୁତ ମୃଗଙ୍କୁ ଶରବିଦ୍ଧ କଲେ । ଦିବସ ଶେଷରେ ରାତ୍ରି ପ୍ରବେଶ କଲା । ରାଜା ସେହି ବନରେ ରାତ୍ରି ଯାପନ କଲେ । ସେଠାରୁ ଅଳ୍ପ ଦୂରରେ ଯମଦଗ୍ନି ମୁନିଙ୍କର ମନୋରମ ଆଶ୍ରମ ଅବସ୍ଥିତ ଥିଲା । ରାଜା ସୈନ୍ୟ ସାମନ୍ତଙ୍କ ସହିତ ଆଶ୍ରମ ନିକଟରେ ମହାସୁଖରେ ରାତ୍ରି ଯାପନ କଲେ । ପ୍ରଭାତରେ ରାଜା ଶଯ୍ୟା ତ୍ୟାଗ କରି ନଦୀଜଳରେ ସ୍ନାନ ପରେ ସନ୍ଧ୍ୟାତର୍ପଣ କଲେ ଓ ଦତ୍ତାତ୍ରେୟ ଦେଇଥିବା ମନ୍ତ୍ରମହାଯନ୍ତ୍ର ସ୍ୱତନ୍ତ୍ର ହୋଇ ବସି ଜପ କଲେ । ସେ ସମୟରେ ମୁନି ଯମଦଗ୍ନି ମଧ୍ୟ ସେହି ନଦୀରେ ସ୍ନାନ କରୁଥିଲେ । ରାଜାଙ୍କୁ ଦେଖି ଆନନ୍ଦିତ ହୋଇ ଯମଦଗ୍ନି ତାଙ୍କୁ ନାନା କୁଶଳ ବାର୍ତ୍ତାମାନ ପଚାରିଲେ । ରାଜା ମୁନିଙ୍କ ପାଦରେ ବିନୟର ସହିତ ପ୍ରଣାମ କରି କୁଶଳ ବାର୍ତ୍ତାମାନ

କହିଲେ । ରାଜା କହିଲେ, ପୂର୍ବଜନ୍ମର ସୌଭାଗ୍ୟରୁ ଆଜି ଏଠାରେ ଆପଣଙ୍କ ଦର୍ଶନ ପାଇଲି । ଏହା ଶୁଣି ମୁନି ସନ୍ତୁଷ୍ଟ ହୋଇ ରାଜାଙ୍କୁ ଆପଣା ଆଶ୍ରମକୁ ନିମନ୍ତ୍ରଣ କରି ନେଲେ ।

ରାଜାଙ୍କୁ ନିମନ୍ତ୍ରଣ କରିବା ପରେ ମୁନି ଆପଣା ଆଶ୍ରମରେ ରାଜାଙ୍କର ସତ୍କାର ନିମନ୍ତେ କାମଧେନୁକୁ କହିଲେ । କାମଧେନୁ ସୁରଭୀ ଆପଣା ପ୍ରଭାବରେ ନାନା ପ୍ରକାର ଦ୍ରବ୍ୟମାନ ପ୍ରସ୍ତୁତ କରି ରଖିଲେ । ସୁବର୍ଣ୍ଣ ଓ ରଜତ ଭୋଜନ ପାତ୍ରରେ ନାନା ପ୍ରକାର ସୁସ୍ୱାଦୁ ଓ ସୁମିଷ୍ଟ ଅନ୍ନବ୍ୟଞ୍ଜନ, ଫଳମୂଳ ଆଦି ଗଦା କରି ଯତ୍ନର ସହିତ ରଖିଲେ । ରାଜଯୋଗ୍ୟ ରାଜଭୋଗ୍ୟ ପରିପକ୍ୱ ପରିଷ୍କୃତ ଖାଦ୍ୟ, ପାନୀୟ, ତାମ୍ବୁଳ ଆଦି ସଜାଡ଼ି ଦେଲେ ଏବଂ ନାନା ପ୍ରକାର ବସ୍ତ୍ର ଓ ଅଳଂକାର ମଧ୍ୟ ଯୋଗାଇ ଦେଲେ । ମୁନିଙ୍କର ନିମନ୍ତ୍ରଣ ରକ୍ଷା କରି ରାଜା ସୈନ୍ୟସାମନ୍ତଙ୍କ ସହିତ ମୁନି ଆଶ୍ରମର ଦିବ୍ୟପୁରରେ ମହାମୂଲ୍ୟ ଦୁର୍ଲଭ ପଦାର୍ଥମାନ ଦେଖି ବିସ୍ମିତ ହେଲେ ଏବଂ ମନ୍ତ୍ରୀଙ୍କୁ ଏ ସମ୍ବନ୍ଧରେ ମୁନିଙ୍କ ସହିତ ଆଲୋଚନା କରିବା ପାଇଁ ପଠାଇଲେ ।

ମନ୍ତ୍ରୀ ରାଜାଙ୍କ କଥା ଅନୁସାରେ ଆଶ୍ରମ ବୁଲି ଦେଖିଲେ ଓ ରାଜାଙ୍କୁ ଆସି ସବୁ ବିବରଣୀ କହିଲେ । ଆଶ୍ରମରେ ଯଜ୍ଞକୁଣ୍ଡ, ହୋମକାଷ୍ଠ, କୁଶ, ପୁଷ୍ପ, ଫଳ, ମୃଗଚର୍ମ, ଶ୍ରୁବ, ଶ୍ରୁଚ, ଯଜ୍ଞ ପାଇଁ ଆବଶ୍ୟକ ନାନାଦି ଶସ୍ୟ ବ୍ୟତୀତ ଅନ୍ୟ କିଛି ନ ଥିଲା । ମୁନିଙ୍କ ପାଖରେ ହିଂସା, କ୍ରୋଧ, ଅହଂକାର ଶୂନ୍ୟ ଶିଷ୍ୟଗଣ ବଳ୍କଳ ପିନ୍ଧି ବସିଥିଲେ । ସ୍ତ୍ରୀଲୋକମାନେ ମଧ୍ୟ ବଳ୍କଳ ପିନ୍ଧିଥିଲେ ଏବଂ କୌଣସି ଅଳଂକାର ପିନ୍ଧି ନ ଥିଲେ । ଆଶ୍ରମ ବାଳକମାନେ ଜଟା ଧାରଣ କରି ମନୋରମ ଦିଶୁଥିଲେ । କେବଳ ଗୋଟିଏ ସ୍ଥାନରେ ଗାଈଟିଏ ବନ୍ଧା ହୋଇଥିଲା । କପିଳ ବର୍ଣ୍ଣ ଓ ଇନ୍ଦ୍ରତୁଲ୍ୟ କାନ୍ତି ଥିଲା ଗାଈଟିର । ତା'ର ଆଖି ଦୁଇଟି ରକ୍ତପଦ୍ମ ସଦୃଶ ସୁନ୍ଦର ଥିଲା । ସେହି ଗାଈର ତେଜ ଦେବତୁଲ୍ୟ ଥିଲା । ସେହି ଗାଈ ପ୍ରଭାବରୁ ତପସ୍ୱୀ ଯମଦଗ୍ନି ଆମ୍ଭମାନଙ୍କୁ ଏ ସମସ୍ତ ଦ୍ରବ୍ୟରେ ସତ୍କାର କଲେ । ଆମ୍ଭେ ଯଦି ଏହି ଗାଈଟିକୁ ନେଇଯାଇ ପାରିବା, ତେବେ ଏହା ଆମ୍ଭର ବହୁତ କାମରେ ଲାଗିବ । ମନ୍ତ୍ରୀଙ୍କ ମୁଖରୁ ରାଜା ଏହା ଶୁଣି ବିବେକଶୂନ୍ୟ ହୋଇ ଗାଈଟିକୁ ପାଇବା ପାଇଁ ମନ ବଳାଇଲେ । କାଳ ରାଜାଙ୍କର କେଶ ଆକର୍ଷଣ କରି ଥିଲା, ତେଣୁ କାମଧେନୁ ପାଇଁ ସେ ଲାଳସା କଲେ । ରାଜା ମହର୍ଷି ଯମଦଗ୍ନିଙ୍କୁ କାମଧେନୁଟି ମାଗିଲେ । ମୁନି ରାଜାଙ୍କ କଥା ଶୁଣି ସାମାନ୍ୟ କ୍ରୋଧ ପ୍ରକାଶ କରି କହିଲେ, ଏହି କାମଧେନୁ ସୁରଭୀକୁ ଶ୍ରୀକୃଷ୍ଣ ଗୋଲୋକପୁରରେ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ । ବ୍ରହ୍ମା ସନ୍ତୁଷ୍ଟ ହୋଇ ସେ ଧେନୁକୁ ନିଜପୁତ୍ର ଭୃଗୁଙ୍କୁ ଦେଲେ । ମୁଁ ଭୃଗୁଙ୍କର ପୁତ୍ର, ତେଣୁ ଏହା ମୋତେ ପ୍ରାପ୍ତ ହୋଇଅଛି । ମୋର ପିତୃଅର୍ଜିତ ସମ୍ପତ୍ତିକୁ ତୁମ କଥାରେ ମୁଁ କିପରି ତ୍ୟାଗ କରିପାରିବି ?

ମୁନିଙ୍କର କଥା ଶୁଣି ରାଜା କ୍ରୋଧ ଜର୍ଜରିତ ହେଲେ । ଆପଣାର ସୈନ୍ୟ ସାମନ୍ତଙ୍କୁ କାମଧେନୁକୁ ଆଣିବା ପାଇଁ ଆଦେଶ ଦେଲେ । ମୁନି ଏହା ଶୁଣି କାମଧେନୁ ନିକଟକୁ ଯାଇ ତାହା ଜଣାଇ ଦେଲେ । କାମଧେନୁ ତହୁଁ ନିଜ ଅଙ୍ଗପ୍ରତ୍ୟଙ୍ଗରୁ କୋଟି କୋଟି ସୈନ୍ୟ ଉଦ୍ଭବ କରି ରାଜସୈନିକଙ୍କ ସହିତ ଯୁଦ୍ଧ ପାଇଁ ପ୍ରେରଣ କଲେ । ରାଜାଙ୍କର ଗୁପ୍ତଚର ଋଷିଙ୍କର ସୈନ୍ୟବଳ ସମ୍ବନ୍ଧରେ ରାଜାଙ୍କୁ ଅବଗତ କଲାରୁ ରାଜା ଦୂତ ପଠାଇ ରାଜ୍ୟର ରାଜଧାନୀରୁ ଆହୁରି ଅଧିକ ସୈନ୍ୟ ମଗାଇଲେ । ରାଜସୈନ୍ୟ ଏବଂ ଋଷିସୈନ୍ୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହେଲେ । ଯୁଦ୍ଧରେ ରାଜା କାର୍ତ୍ତବୀର୍ଯ୍ୟ ମୁନି ଯମଦଗ୍ନିଙ୍କୁ ବିନାଶ କଲେ ।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ମୋହାନ୍ଧ ଧୃତରାଷ୍ଟ୍ରଙ୍କର ଅପତ୍ୟ ମୋହ ବିଶାଳ କୁରୁବଂଶ ବୃକ୍ଷର ମୂଳୋତ୍ପାଟନର ପ୍ରଧାନ କାରଣ । ମୋହ ଚରାଚରେ ପ୍ରଭୂତ କ୍ଷତି ସାଧନ କରେ, କରିଛି, କରୁଛି ମଧ୍ୟ । ମୋହାବିଷ୍ଟ ବ୍ୟକ୍ତି ଅନ୍ଧତୁଲ୍ୟ । ପଥ ଅପଥର ବିଚାର ବିବେକ ଶକ୍ତି ହରାଇ ମୋହାବିଷ୍ଟ, ପଥଚ୍ୟୁତ, ଲକ୍ଷ୍ୟଭ୍ରଷ୍ଟ ହୋଇ ଯୋଗସାଧନା ନଷ୍ଟ କରିଥାଏ । ତେଣୁ, ଆଧ୍ୟାତ୍ମିକ ଜୀବନରେ ପଦାର୍ପଣ କରି ପରମାର୍ଥ ଲାଭ ଇଚ୍ଛା ପୋଷଣ କରୁଥିବା ପ୍ରତ୍ୟେକଙ୍କ ନିମନ୍ତେ 'ମୋହ' ବିଷୟରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଆହରଣ କରିବା ଏକାନ୍ତ କର୍ତ୍ତବ୍ୟ । ଏହା ସାଧକ ଏବଂ ଯୋଗୀର ଗନ୍ତବ୍ୟ ପଥରେ ଚୁମ୍ବକୀୟ ଦିଗ୍‌ଦର୍ଶିନୀ (ଯନ୍ତ୍ର) ଭଳି କାର୍ଯ୍ୟକରେ । ଯୋଗୀ ସାଧକ ବାଟବଣା ହେବାର ଆଶଙ୍କା ନ ଥାଏ । ଏହି ଉଦ୍ଦେଶ୍ୟରେ 'ଚରମ' ପୃଷ୍ଠାରେ 'ମୋହ' ଏକ ନିୟମିତ ଧାରାବାହିକ ।*

## ଯୁକ୍ତମୋହ

ସିପ୍ସା ମୋହ ଏବଂ ଧିସିପ୍ସା ମୋହ ସମ୍ବନ୍ଧରେ ତତ୍ତ୍ୱଜ୍ଞାନ ଲାଭ କରିବା ପରେ ଜିଜ୍ଞାସୁ ଭକ୍ତ ପ୍ରଭୁଙ୍କର ପାଦପୀଠରେ ବସି ପାଦପଦ୍ମରେ ମନୋନିବେଶ କରି ଯୁକ୍ତ ମୋହ ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକଟ କରି ସାନୁନୟ ନିବେଦନ କରି କହନ୍ତି :

**ଶିଷ୍ୟ ଉବାଚ :**

ଭୋ ସ୍ୱାମୀ ଦୟା ଅବତାର । ଏବେ ବଳୁଛି ମନ ମୋର ॥
ଶୁଣିବି ଯୁକ୍ତ ମୋହ ରୀତି । ପାଦପଦ୍ମରେ ଦେଇ ମତି ॥
ଯୁକ୍ତ ମୋହର କଥା କହି । ତୋଷ ମୋ ମନ କୃପା ବହି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଜ୍ୟୋତିଃ କେନ୍ଦ୍ରର ମୂଳବିନ୍ଦୁ । ଯହିଁ ସତତ ଉଦେ ଇନ୍ଦୁ ॥
ପ୍ରାଣୀ ତଥିରେ ଅବସ୍ଥାନ । କରିଣ ସୂକ୍ଷ୍ମ ଦେବଯାନ ॥
ମଣ୍ଡଳେ ଯୁକ୍ତ ହୋଇଥାଏ । ତା' ଯୁକ୍ତ ମୋହ କୁହାଯାଏ ॥

ପରମପ୍ରିୟ ଜିଜ୍ଞାସୁ ଭକ୍ତର ମାନସିକ ଇଚ୍ଛା ଶୁଣି ଭକ୍ତବାଞ୍ଛା କଳ୍ପତରୁ ପରମ କାରୁଣିକ କରୁଣାବତାର ଚରମପାଦ ପରମପୁରୁଷ ଠାକୁରେ ରକ୍ତିମ ଅଧର ପଲ୍ଲବରେ ମଧୁର ସ୍ମିତହାସ୍ୟ ଫୁଟାଇ ପରମ ସନ୍ତୋଷ ପ୍ରକାଶ ପୂର୍ବକ କହନ୍ତି; ଯେଉଁ ମୋହରେ ଆବିଷ୍ଟ ହୋଇ ପ୍ରାଣୀ (ଯୋଗୀ) ଜ୍ୟୋତିଃକେନ୍ଦ୍ରର ମୂଳବିନ୍ଦୁ ତ୍ରିକୂଟରେ ଅବସ୍ଥାନ କରି ସୂକ୍ଷ୍ମାତିସୂକ୍ଷ୍ମ ଦେବଯାନ ମଣ୍ଡଳରେ ଯୁକ୍ତ ହୋଇଥାଏ,ସେହି ମୋହକୁ 'ଯୁକ୍ତମୋହ' କୁହାଯାଏ । ଜୀବ ଆତ୍ମୋନ୍ନୟନ ପ୍ରତି ଆକୃଷ୍ଟ ହୋଇ ଯୋଗମାର୍ଗରେ ଗତି କରୁଁ କରୁଁ ଯୁକ୍ତମୋହରେ ପଡ଼ି ଯୁକ୍ତମୋହର କ୍ରିୟାଶୀଳତାରୁ ଧ୍ୟାନସ୍ଥ ଯୋଗାରୂଢ଼ ଅବସ୍ଥାରେ ତ୍ରିକୂଟ ସନ୍ନିହିତ ଜ୍ୟୋତିକେନ୍ଦ୍ରର ମୂଳବିନ୍ଦୁରେ ଅବସ୍ଥାନ କାଳରେ ଦେବଯାନ

ମଣ୍ଡଳରେ ଯୁକ୍ତ ହୋଇଯାଏ । ଯୋଗାବସ୍ଥାରେ ଯୋଗୀର ଏହି ଅବସ୍ଥା ଯୁକ୍ତମୋହର କ୍ରିୟାଶୀଳତାରୁ ସଂଘଟିତ ହୁଏ, ତେଣୁ ଏହି ମୋହକୁ 'ଯୁକ୍ତମୋହ' କୁହାଯାଏ ।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଏହି ମଣ୍ଡଳେ ଯୁକ୍ତ ଥାଇ । ଆତ୍ମା ସଦ୍‌ଗତି ପ୍ରାପ୍ତ ହୋଇ ॥
ଆତ୍ମ ଜ୍ଞାନର ନିର୍ଗମନ । ଏଠାରେ ହୁଅଇ ସ୍ଫୁରଣ ॥
ଧରାପୃଷ୍ଠରେ ସର୍ବଜ୍ଞାନ । ଗୃହୀତ ହୁଏ ଦେବଯାନ ॥
ମଣ୍ଡଳେ ଜ୍ୟୋତିଃର ଆଲୋକ । ସତତ ହୁଏ ପ୍ରକାଶକ ॥
ମଣ୍ଡଳ ଗୋଟି ଦେବଯାନ । ଏଠାରେ ସ୍ଥିର ହୁଏ ମନ ॥
ସର୍ବଦା ପ୍ରଭାବ ଜ୍ୟୋତିଃର । ପଡ଼ଇ ପ୍ରାଣୀର ଉପର ॥
ଏଠାରେ ପ୍ରାଣୀ ଇଚ୍ଛା କରି । ସ୍ଥୂଳ ଭାବରେ ଦେହ ଧରି ॥
ସ୍ଥୂଳ ଶରୀର ସହିତରେ । ମିଶଇ ପରମ ଜ୍ୟୋତିଃରେ ॥

ଯୋଗୀ ଦେବଯାନ ମଣ୍ଡଳରେ ଯୁକ୍ତ ଥିବା ଅବସ୍ଥାରେ ତାହାର ଆତ୍ମା ସଦ୍‌ଗତି ପ୍ରାପ୍ତ ହୋଇଥାଏ । ଏହି ଅବସ୍ଥାରେ ଯୋଗୀର ଆତ୍ମଜ୍ଞାନର ସ୍ଫୁରଣ ହୋଇ ତାହା ଜଗତକଲ୍ୟାଣ ଉଦ୍ଦେଶ୍ୟରେ ମୁଖବିବର ଦେଇ ନିର୍ଗମନ ହୋଇଥାଏ । ଦେବଯାନ ମଣ୍ଡଳରେ ଜ୍ୟୋତିଃର ଆଲୋକ ସର୍ବଦା ପ୍ରକାଶମାନ ହୋଇଥାଏ ଏବଂ ଏହି ମଣ୍ଡଳରେ ଯୁକ୍ତ ଥିବା ଯୋଗୀର ଧରାପୃଷ୍ଠରେ ସର୍ବଜ୍ଞାନ ଗୃହିତ ହୁଏ । ଏହି ମଣ୍ଡଳରେ ଜୀବର ମନ ସର୍ବଦା ସ୍ଥିର, ନିଶ୍ଚଳ, ଅଚଞ୍ଚଳ, ଶାନ୍ତ ଅବସ୍ଥାରେ ରହିଥାଏ । ଦେବଯାନ ମଣ୍ଡଳରେ ଯୁକ୍ତଥିବା ଯୋଗୀ ଉପରେ ଜ୍ୟୋତିଃବିନ୍ଦୁର ପ୍ରଭାବ ସବୁବେଳେ ପଡୁଥାଏ । ଏଠାରେ ଯୁକ୍ତଥିବା ଯୋଗୀ ସ୍ୱଇଚ୍ଛାରେ ସ୍ଥୂଳ ଭାବରେ ଦେହ ଧାରଣ କରି ମଧ୍ୟ ସ୍ଥୂଳଶରୀର ସହିତ ପରମ ଜ୍ୟୋତିଃରେ ମିଶିଯାଇପାରେ ।

ଶ୍ରୀ ଚୈତନ୍ୟ ଦେବ, ମୀରାବାଈ, ଅରକ୍ଷିତ ଦାସ, ଭୀମଭୋଇ, ଗଦାଧର (ରାମକୃଷ୍ଣ ପରମହଂସ ଦେବ), ଶ୍ରୀ ରାମଚନ୍ଦ୍ର ଓ ସୀତା, ଯୁଧିଷ୍ଠିର ଇତ୍ୟାଦି ସ୍ଥୂଳ ଶରୀର ଧାରଣ କରି ମଧ୍ୟ ପରମଜ୍ୟୋତିଃ ସହିତ ଯୁକ୍ତମୋହାବିଷ୍ଟ ଯୋଗୁ ଯୁକ୍ତ ହୋଇ ପାରିଥିଲେ । ବତ୍ସ ! ମନଦେଇ ଯୁକ୍ତମୋହର ଏହି ତତ୍ତ୍ୱ ଏବେ ବୁଝି ପାରିଲ ବୋଲି ଆମର ହୃଦ୍‌ବୋଧ ହେଉଅଛି । ଠାକୁରେ ପରମ ସନ୍ତୋଷରେ ମଧୁର ଭାଷାରେ ସୁଲଳିତ ସ୍ୱରରେ ଏହା କହିଲେ ।

## ବିଯୁକ୍ତ ମୋହ

**ଶିଷ୍ୟ ଉବାଚ :**

ବିଯୁକ୍ତ ମୋହ କା'ରେ କହି । ଭୋ ଦେବ, କୁହ ଦୟା ବହି ॥

ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀମୁଖରୁ ଯୁକ୍ତମୋହ ସମ୍ପର୍କରେ ଶୁଣି ସାରିବା ପରେ ବିଯୁକ୍ତମୋହ ବିଷୟରେ ଶୁଣିବା ପାଇଁ ଇଚ୍ଛା ବ୍ୟକ୍ତ କରି ଜିଜ୍ଞାସୁ ଭକ୍ତ ବିନୀତ ହୋଇ ପ୍ରଭୁଙ୍କୁ ନିବେଦନ କରନ୍ତି । ଅନୁସନ୍ଧିତ୍ସୁ ପ୍ରିୟଶିଷ୍ୟର ଜିଜ୍ଞାସାରେ ପରିତୋଷର ସହିତ ସନ୍ତୁଷ୍ଟ ହୋଇ ପରମ ପ୍ରେମମୟ ଭକ୍ତବତ୍ସଳ ଠାକୁରେ ସୁମଧୁର ସ୍ୱରରେ କହନ୍ତି:

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରତ୍ୟେକ ବ୍ୟକ୍ତିଠାରେ ଶୁଣ । ପରମ ଶକ୍ତି ବିଦ୍ୟମାନ ॥
ଲଭିଣ ତାହାରି ଇଙ୍ଗିତ । ସର୍ବପ୍ରାଣୀ ପରିଚାଳିତ ॥
କେତେକ ଜଡ଼ବୁଦ୍ଧି ବ୍ୟକ୍ତି । ଭୁଲିଣ ସେ ପରମ ଶକ୍ତି ॥
ଅହଂକାରର ବଶବର୍ତ୍ତୀ । ହୋଇଣ କରିଥାନ୍ତି ଯୁକ୍ତି ॥
ଅର୍ଥ ଯୌବନ ମାନ ଯଶ । ଆଦିର ହୋଇଥା'ନ୍ତି ବଶ ॥

‘ମୁଁ’ କରୁଅଛି ବୋଲି ଯୁକ୍ତି । କରନ୍ତି ଦେଖାଇଣ ଶକ୍ତି ॥
ବିଯୁକ୍ତ ମୋହର ଏ କ୍ରିୟା । ରଚଇ ତେଣୁ ମହାମାୟା ॥
ନାସ୍ତିକ ଏ ପ୍ରକାର ପ୍ରାଣୀ । ସତ୍ତାକୁ ନ ପାରନ୍ତି ଚିହ୍ନି ॥

ଶ୍ରୀଗୁରୁସ୍ୱାମୀ ବିଯୁକ୍ତମୋହ ସମ୍ବନ୍ଧରେ ତତ୍ତ୍ୱଜ୍ଞାନ ଦେବାକୁ ଯାଇ ପ୍ରିୟ ଅନୁସନ୍ଧିତ୍ସୁ ଶିଷ୍ୟକୁ ସମ୍ବୋଧନ କରି କହିଲେ, ବତ୍ସ ! ଶୁଣ । ପ୍ରତ୍ୟେକ ବ୍ୟକ୍ତି ପାଖରେ ପରମଶକ୍ତି ବିଦ୍ୟମାନ ଅଛି । ସେହି ପରମଶକ୍ତିର ଇଙ୍ଗିତରେ ପ୍ରତ୍ୟେକ ବ୍ୟକ୍ତି ପରିଚାଳିତ ଅଟନ୍ତି । ମାତ୍ର କେତେକ ଜଡ଼ବୁଦ୍ଧିସମ୍ପନ୍ନ ବ୍ୟକ୍ତି ଏ ଧରାପୃଷ୍ଠରେ ଅଛନ୍ତି, ଯେଉଁମାନେ ସେହି ପରମଶକ୍ତିକୁ ଉପଲବ୍ଧ କରିପାରନ୍ତି ନାହିଁ । ତେଣୁ, ସେମାନେ ପରମଶକ୍ତିକୁ ଭୁଲିଯାଇ ବା ଅସ୍ୱୀକାର କରି ଅହଂକାରର ବଶବର୍ତ୍ତୀ ହୋଇ ନାନାଦି ଅଯଥା ଯୁକ୍ତି ଦର୍ଶାଇ ଥାଆନ୍ତି । ସେମାନେ ଅହଂବୁଦ୍ଧିକୁ ଅର୍ଥ (ଧନସମ୍ପତ୍ତି), ଯୌବନ, ପ୍ରଭୁତ୍ୱ, ଅବିବେକତା, ମାନ (ସମ୍ମାନ/ଅଭିମାନ), ଯଶ ଇତ୍ୟାଦିକୁ ଆଦରି ନେଇ, ସେ ସବୁରେ ବଶବର୍ତ୍ତୀ ହୋଇ ‘ମୁଁ’କାରର ବହୁଳ ପ୍ରୟୋଗ କରନ୍ତି । ‘ମୁଁ’ ସବୁ କରୁଛି ବୋଲି ସେମାନେ ଯୁକ୍ତି ବାଢ଼ନ୍ତି । ଅହଂଶକ୍ତି ଦେଖାଇ ସେମାନେ ନିଜ ନିଜର ପ୍ରୌଢ଼ି ଦେଖାଇଥାନ୍ତି । ଏହା ବିଯୁକ୍ତମୋହର କ୍ରିୟା ଅଟେ । ଏହି କ୍ରିୟାଶୀଳତା ମାୟା ସୃଷ୍ଟି କରେ । ଏ ପ୍ରକାର ବିଯୁକ୍ତ ମୋହରେ ଆବିଷ୍ଟ ବ୍ୟକ୍ତିମାନଙ୍କୁ **ନାସ୍ତିକ** କୁହାଯାଏ, କାରଣ ସେମାନେ ଉତ୍ତମପୁରୁଷର ସତ୍ତା ବା ପରମଶକ୍ତିକୁ ଚିହ୍ନି ପାରନ୍ତି ନାହିଁ, ଅନୁଭବ କିମ୍ବା ଉପଲବ୍ଧ ମଧ କରି ପାରନ୍ତି ନାହିଁ ।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ମଦ ଗର୍ବରେ ବୁଡ଼ି ରହି । ଧରାରେ ସ୍ଥୂଳ ଦେହ ବହି ॥
ପରମ ଶକ୍ତି ଅନୁଭୂତି । ଲଭି ପାରେନା ମୂଢ଼ମତି ॥
ପରକାଳରେ ମୃତ୍ୟୁପରେ । ପରମେ ଯୁକ୍ତ ନୋହି ପାରେ ॥
ଇହ ଓ ପର ବେନି କାଳ । ତେଣୁ ହୁଅଇ ଅସମ୍ଭାଳ ॥
ଅ, ଉ, ମ ଛାଡ଼ିଦ୍ୟନ୍ତି ସିନା । ମ, ଉ, ଅ ବିପରୀତ କିନା ॥
‘ଓଁ’ କାର ପ୍ରଣବ ନ ଚିହ୍ନି । ‘ମୁଁ’ କାର ଭଜିଥାଏ ଘେନି ॥
ଯୁକ୍ତ ନ ହୋଇ ପରମରେ । ଭ୍ରମଇ ସଦା ଭରମରେ ॥
ତେଣୁ ବିଯୁକ୍ତ ମୋହ କହି । ଶୁଣିଲ ବତ୍ସ ତତ୍ତ୍ୱ ଏହି ॥

ବିଯୁକ୍ତମୋହର ତତ୍ତ୍ୱ ବୁଝାଇବାକୁ ଯାଇ ଠାକୁରେ ଆହୁରି ମଧ କହିଲେ ଯେ, ଧରାପୃଷ୍ଠରେ ଯେଉଁମାନେ ମଦଗର୍ବ ଦାମ୍ଭିକତାଦିରେ ସର୍ବଦା ବୁଡ଼ି ରହି ସ୍ଥୂଳ ଦେହରେ ପ୍ରଭୁଙ୍କର ପରମଶକ୍ତିର ଅନୁଭୂତି ମୂଢ଼ତା ହେତୁ ଲାଭ କରିପାରନ୍ତି ନାହିଁ, ସେମାନେ ଇହକାଳରେ ଜୀବନ ଓ ଜନ୍ମକୁ ସଫଳ ଓ ସାର୍ଥକ କରିପାରନ୍ତି ନାହିଁ କିମ୍ବା ମୃତ୍ୟୁପରେ ପରକାଳରେ ପରମବ୍ରହ୍ମଙ୍କ ସହିତ ମଧ ଯୁକ୍ତ ହୋଇ ପାରନ୍ତି ନାହିଁ । ତେଣୁ ସେମାନଙ୍କର ଉଭୟ ଇହକାଳ ଓ ପରକାଳ ବ୍ୟର୍ଥ ଯାଏ, ବ୍ୟଥାଗ୍ରସ୍ତ ହୁଏ ଏବଂ ଅସମ୍ଭାଳ ହୋଇ ଉଠେ । ସେମାନେ ‘ଓଁ’ ବା ପ୍ରଣବ ଧ୍ୱନିର ମୌଳିକ ‘ଅ’, ‘ଉ’ ଏବଂ ‘ମ’ କୁ ତ୍ୟାଗ କରି ଦେଇଥିବାରୁ ତାହାର ବିପରୀତ ‘ମୁଁ’କାରର ମୌଳିକତା ‘ମ’, ‘ଉ’ ଏବଂ ‘ଅ’ କୁ ଅହର୍ନିଶି ଭଜନ କରନ୍ତି । ଏହା ଫଳରେ ସେମାନେ କଦାପି କସ୍ମିନ୍ କାଳେ ପରମଙ୍କ ସହିତ ଯୁକ୍ତ ହୋଇ ନ ପାରି ବୃଥା ମାୟାମୋହ ଏବଂ ଆସକ୍ତିର ଭ୍ରମରେ ପଡ଼ି ଧରାପୃଷ୍ଠରେ ବିଫଳତାର ସହିତ ଏଣେତେଣେ ଭ୍ରମଣ ହିଁ କରୁଥାଆନ୍ତି । ଏହି ମୋହ ଜୀବକୁ ଯୁକ୍ତ ନ କରି ବିଯୁକ୍ତ କରି ରଖୁଥିବାରୁ, ଏହାକୁ ବିଯୁକ୍ତମୋହ କୁହାଯାଏ । ବତ୍ସ, ବିଯୁକ୍ତ ମୋହର ତତ୍ତ୍ୱ ଶୁଣି ତୁମେ ଏହାକୁ ବିଶେଷ ଭାବରେ ନିଜର ବୋଧଗମ୍ୟ କରି ପାରିଥିବ ନିଶ୍ଚୟ ।



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ଚିତ୍ ଶକ୍ତିର ଛାୟା ପ୍ରକୃତିରେ ଥିବା ବହିରଙ୍ଗା ଶକ୍ତି ମାୟା ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ । ମାୟା ହିଁ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ସାଧନକାରୀ ଶକ୍ତି । ଭାରତୀୟ ସଂସ୍କୃତିରେ ଦୁର୍ଗା ଓ ମାଧବ ଏକ ଏବଂ ଅଭିନ୍ନ ତତ୍ତ୍ୱ ରୂପେ ସ୍ୱୀକୃତ । 'ବ୍ରହ୍ମ ସଂହିତା'ରେ ଏହା ସ୍ପଷ୍ଟତଃ ଦର୍ଶାଇ ଦିଆଯାଇଛି । ମାୟାର ତତ୍ତ୍ୱ ମଧ୍ୟ ନିଗୁଢ଼ ଓ ନିଗମ । ଅନେକ ସମୟରେ ମାୟା ପ୍ରସଙ୍ଗ ଆଧାତ୍ମିକ ତତ୍ତ୍ୱପ୍ରେମୀମାନଙ୍କୁ ଦ୍ୱନ୍ଦ୍ୱ ଓ ସଂଶୟରେ ପକାଇଥାଏ । ତା'ର ସମାଧାନ ନିମନ୍ତେ 'ଚରମ'ରେ ପ୍ରୟାସ :*

**'ଚରମ' : ଷଷ୍ଠପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :**

### ନାରୀହିଁ ପ୍ରକୃତି : ବୈଷ୍ଣବୀ ମାୟା

ବୈଷ୍ଣବୀ ମାୟା ବ୍ରହ୍ମଙ୍କ ଆଦେଶ ମତେ ମହାଶୂନ୍ୟରେ ବ୍ରହ୍ମଶକଟକର ୧୦୮ ମଣ୍ଡଳ ପର୍ଯ୍ୟନ୍ତ ତା'ର ମାୟାର କାୟା ବିସ୍ତାର କରି ରହିଛି । ଏହାର ବର୍ଣ୍ଣ ନୀଳ, ଚକ୍ଷୁ ଗୋଲାକାର ଏବଂ ଲାଲ ବର୍ଣ୍ଣ । ଆପାଦ ଲମ୍ବିତ କଳାକୁଞ୍ଚିତ କେଶ । ଏହା ବ୍ରହ୍ମଙ୍କ ଆଜ୍ଞାରେ ହିରଣ୍ୟଗର୍ଭକୁ ବ୍ୟାପକ ଭାବରେ ଜଗି ରହିଅଛି । ଶ୍ରୁତି ଦ୍ୱାର ହେଉଛି ବୈଷ୍ଣବୀ । ଏହି ବୈଷ୍ଣବୀଙ୍କର ମାୟା କୋଟି ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବ୍ୟାପି ରହିଛି । ବୈଷ୍ଣବୀ ମାୟାର କାୟା ସୁବିସ୍ତୃତ । ବ୍ରହ୍ମଙ୍କ ଇଚ୍ଛାନୁସାରେ ବୈଷ୍ଣବୀ ମାୟା ଚଉଦ ଭୁବନ ପର୍ଯ୍ୟନ୍ତ  ସୃଜନି, ସତ୍ୟ ଓ ମାୟା ନୀଳବର୍ଣ୍ଣ ଧାରଣ କରି ବିସ୍ତାର କରେ । ଏହା କାରଣଜଗତରୁ ଆଶିଷ ସୂକ୍ଷ୍ମରୁ ସ୍ଥୂଳ ପିଣ୍ଡ ପର୍ଯ୍ୟନ୍ତ ଦାନ କରାଇବାରେ ସହାୟକ ହୋଇଥାଏ । ଇଷ୍ଟ ଦେବୀମାନଙ୍କର ପୂଜାର୍ଚ୍ଚନା ବିଧି ପଦ୍ଧତିର ଜ୍ଞାନଲୀଳା ବୈଷ୍ଣବୀ ମାୟା ମାଧ୍ୟମରେ ଯାତାୟତ କରେ । ବୈଷ୍ଣବୀ ମାୟା ପ୍ରଭାବରୁ ପୂଜକ ଓ ଉପାସକ, ସେବକ ସଂକଳ୍ପ ବଦ୍ଧ ହୋଇଥାଏ । କଳ୍ପ ପର୍ଯ୍ୟାୟରେ ପ୍ରତି କଳ୍ପରେ ବୈଷ୍ଣବୀ ମାୟା ଶକଟକ ବ୍ରହ୍ମମଣ୍ଡଳରେ ନୀଳବର୍ଣ୍ଣର ବର୍ଷାଧାରା ପରି ବର୍ଷିଯାଏ । ଏହା ଫଳରେ ବ୍ରହ୍ମଙ୍କ ଆଜ୍ଞାମତେ ବୈଷ୍ଣବୀମାୟାର ଦୟାରୁ ଜ୍ଞାନତତ୍ତ୍ୱ ଓ ବ୍ରହ୍ମବିଜ୍ଞାନ ତତ୍ତ୍ୱ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୁଏ । ବୈଷ୍ଣବୀମାୟା ପ୍ରଭାବ ବିସ୍ତାର କରୁ ନ ଥିଲେ ଜ୍ଞାନୀପୁତ୍ରମାନେ ପରିପକ୍ୱ ଜ୍ଞାନର ଅଧିକାରୀ ହୋଇ ପାରନ୍ତେ ନାହିଁ କିମ୍ବା ପୂଜକ, ଉପାସକ ସେବକମାନେ ଦେବାଦେବୀ ପୂଜାର୍ଚ୍ଚନା ପାଇଁ ଦୃଢ଼ ସଂକଳ୍ପ କରି ପାରନ୍ତେ ନାହିଁ । ଜଗତରେ ପୂଜା ଉପାସନାରେ ଦୃଢ଼ ସଂକଳ୍ପ ହୋଇ ପାରନ୍ତା ନାହିଁ ।

ବ୍ରହ୍ମ ବୈଷ୍ଣବୀମାୟା ମାଧ୍ୟମରେ ମହାଶୂନ୍ୟରେ ବ୍ରହ୍ମମହାବିଜ୍ଞାନ ସୃଷ୍ଟି କରି ଭାସମାନ ଅବସ୍ଥାରେ ରଖି ଥାଆନ୍ତି । ମହାଶୂନ୍ୟର କାରଣଜଗତରେ ପରା, ବଧିଃ କାରଣଜଗତରେ ପଶ୍ୟତି, ଦୃଷ୍ଟା ସୂକ୍ଷ୍ମାଦି କାରଣଜଗତରେ ମଧ୍ୟମା ଓ ଓଧର୍ହେ କାରଣଜଗତରେ ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ ତତ୍ତ୍ୱ ରହିଅଛି । ଏହାର ଆକାର ଶଗଡ଼ଚକ ପରି ଗୋଲାକାର ଏବଂ ବର୍ଣ୍ଣ ଧୂସର ଅଟେ । ଏହା ବୈଷ୍ଣବୀ ମାୟାର କପାଳରେ ଥାଏ । ବ୍ରହ୍ମଙ୍କ ଆଦେଶ ଆଜ୍ଞା ପ୍ରାପ୍ତ ମହାମାନବ, ମୁନି, ଋଷି, ଯୋଗୀମାନେ ଏହା ଅନୁଭବ କରି ଅନୁଭୂତିରେ ଆଣି ପାରିଥାଆନ୍ତି । ସାଧାରଣ

ମାନବମାନେ ଏହି ପରା, ପଶ୍ୟନ୍ତି, ମଧ୍ୟମା, ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ ତତ୍ତ୍ୱ ଠିକ ଭାବରେ ପ୍ରାପ୍ତ/ଲାଭ କରିପାରନ୍ତି ନାହିଁ । ସେହି ସାଧାରଣ ମାନବମାନଙ୍କ ହୃଦୟରେ ଦିବ୍ୟଜ୍ଞାନ ପ୍ରକାଶ କରିବା ପାଇଁ ବ୍ରହ୍ମ ପୁଣି ବୈଷ୍ଣବୀମାୟାକୁ ଆଦେଶ ଦିଅନ୍ତି । ପାଞ୍ଚକଳ୍ପ ଭୋଗ ସରିବା ପରେ ବୈଷ୍ଣବୀମାୟା ମହାବିଜ୍ଞାନ ବ୍ରହ୍ମତତ୍ତ୍ୱକୁ ବ୍ରହ୍ମଙ୍କର ଆଦେଶମତେ କ୍ଷୁଦ୍ରକ୍ଷୁଦ୍ର ଜ୍ଞାନମଣ୍ଡଳରେ ବିଭକ୍ତ କରି ଦିଅନ୍ତି । ବୈଷ୍ଣବୀମାୟାର ପ୍ରଭାବଶାଳୀ କ୍ରିୟାରୁ ବିଭିନ୍ନ ସୂତ୍ରାଦୀୟ କ୍ଷୁଦ୍ରଜ୍ଞାନଖଣ୍ଡରେ ପରିଣତ ହେବା ପରେ ତାହା ସୌର ବିଜ୍ଞାନ ତନ୍ତ୍ରରେ ପରିଣତ ହୁଏ । ସୌର ବିଜ୍ଞାନ ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ସୂର୍ଯ୍ୟାଲୋକ ସହିତ ଜ୍ଞାନ କିରଣ ସ୍ୱରୂପ ଧରାପୃଷ୍ଠକୁ ଅବତରଣ କରିଥାଏ । ଏହି ଜ୍ଞାନ ସର୍ବସାଧାରଣ ଲାଭ କରିପାରନ୍ତି ।

ଧରାଧାମରେ ଦେଖାଯାଏ ଯେ ପଶୁପକ୍ଷୀ, କୀଟପତଙ୍ଗ ସରୀସୃପ ଏପରିକି ମନୁଷ୍ୟମାନେ ଜୀବନଚର୍ଯ୍ୟା ଚଳାଇ ନିମନ୍ତେ କେତେକ ଜ୍ଞାନ ଆବଶ୍ୟକ କରନ୍ତି । ଏହି ଜ୍ଞାନ ତାଙ୍କୁ କୌଣସି ଗୁରୁ ବା ଶିକ୍ଷକ ଶିକ୍ଷା ଦେଇ ନ ଥାନ୍ତି । ତଥାପି ସେମାନେ ପର୍ଯ୍ୟାୟକ୍ରମରେ ସେହି ଜ୍ଞାନ ସ୍ୱତଃ ଲାଭ କରିଥାନ୍ତି । ଏହା କିପରି ସମ୍ଭବ ହୁଏ ? ଏହି ପ୍ରଶ୍ନର ସମାଧାନ କରେ ସୌର ବିଜ୍ଞାନ ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ଓ ଜ୍ଞାନ କିରଣ ସ୍ୱରୂପ ଧରାପୃଷ୍ଠକୁ ଅବତରଣ କ୍ରିୟା । ଏହି କ୍ରିୟା ବୈଷ୍ଣବୀ ମାୟାଙ୍କ ଅପାର କରୁଣାରୁ ସମ୍ଭବ ହୋଇଥାଏ । ବୈଷ୍ଣବୀ ମାୟାର କଲ୍ୟାଣରୁ ଧରାଧାମରେ ନିଜନିଜର ପ୍ରକୃତିଗତ ଶୃଙ୍ଖଳା ରକ୍ଷା କରି ସ୍ରଷ୍ଟାଙ୍କର ସୃଷ୍ଟିକୁ ଶୃଙ୍ଖଳିତ କରିପାରିଛନ୍ତି ।

ପ୍ରାଣୀ ଜଗତକୁ ପର୍ଯ୍ୟବେକ୍ଷଣ କଲେ ଦେଖାଯାଏ ଯେ, ସଦ୍ୟଜାତ ଶିଶୁ ମାତୃସ୍ତନ ପାନ କରିବାର ଶୈଳୀ ସ୍ୱତଃ ଶିକ୍ଷା କରିଥାଏ । ଏହା କେବଳ ମାନବ ଶିଶୁ ପକ୍ଷରେ ସତ୍ୟ ନୁହେଁ, ଏପରିକି ପଶୁ ଶାବକମାନେ ମଧ୍ୟ ଏଥିରେ ଧୁରନ୍ଧର ଅଟନ୍ତି । ଖାଦ୍ୟ ଅଖାଦ୍ୟ ବାଛିବାର ଜ୍ଞାନ ମଧ୍ୟ ପଶୁ ଶାବକମାନେ ଶୈଶବରୁ ଶିକ୍ଷା କରିଥିବା ପରି ବୋଧହୁଏ । ଗୋଟିଏ ବ୍ୟାଘ୍ର ଶାବକକୁ ନଡ଼ା ବା ଘାସ ଦେଲେ, ସେ କଦାପି ତାହା ଖାଏ ନାହିଁ । ସେହିପରି ଗୋଟିଏ ଛେଳିଛୁଆ ଓ ବାଛୁରୀ ଛୁଆକୁ ମାଂସ ଖଣ୍ଡେ ଦେଲେ ତାହା ସେ କଦାପି ଖାଇ ପାରେ ନାହିଁ । ବିରାଡ଼ି ଛୁଆ, କୁକୁର ଛୁଆ, ନେଉଳ ଛୁଆ ଓ ପକ୍ଷୀ ଜଗତରେ ଶୁଆ, ଶାରୀ, ପାରା ଶାବକମାନଙ୍କର ଅଭ୍ୟାସ ଓ ଶିକ୍ଷା ଓ ଆଚରଣ ଆଦିକୁ ଲକ୍ଷ୍ୟ କଲେ, ବୈଷ୍ଣବୀମାୟାର କାର୍ଯ୍ୟକାରୀତା ସ୍ପଷ୍ଟ ବୁଝାପଡ଼େ । ଏହା ଏକ ବିଜ୍ଞାନ ସିଦ୍ଧ ସତ୍ୟ ଅଟେ । ସ୍ରଷ୍ଟା ପୁରୁଷ କରୁଣା କରି ତାଙ୍କ ସୃଷ୍ଟିର ପ୍ରତ୍ୟେକଙ୍କ ପାଇଁ ଶୃଙ୍ଖଳା ଓ ବ୍ୟବସ୍ଥା ସୁଚାରୁରୂପେ କରି ଦେଇ ଅଛନ୍ତି । ଏଥିପାଇଁ କାହାକୁ ବ୍ୟସ୍ତ ବିବ୍ରତ ହେବାକୁ ପଡୁନାହିଁ । ସୃଷ୍ଟିଦତ୍ତ ପ୍ରକୃତିରେ ବିକୃତି ଆଣିଲେ ହିଁ ସକଳ ସମସ୍ୟା ଓ ଅସୁବିଧା ସୃଷ୍ଟି ହୋଇଥାଏ ।

ମାନବ ସମାଜରେ ମଧ୍ୟ ବୈଷ୍ଣବୀ ମାୟା ପ୍ରବଳ ସୌର ବିଜ୍ଞାନତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ଓ ଜ୍ଞାନ କିରଣର କାର୍ଯ୍ୟକାରୀତା ଲକ୍ଷ୍ୟ କରାଯାଇପାରେ । ଯୌବନ ଉଦ୍‌ଗମ ହେବା ପୂର୍ବରୁ ତଦ୍ ସଂପର୍କିତ ଜ୍ଞାନ ସ୍ୱତଃ କିଶୋରକିଶୋରୀ, ଯୁବକଯୁବତୀମାନେ ଆହରଣ କରିପାରନ୍ତି । ଏହା ତାଙ୍କୁ କେହି ଶିକ୍ଷା ଦେଇ ନ ଥାନ୍ତି । ସୌର ବିଜ୍ଞାନତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ଧରାପୃଷ୍ଠକୁ ଖସିବା ଫଳରେ ଧରାଧାମରେ ଜଣେ ବ୍ୟକ୍ତି ଅନ୍ତତଃ ଗୋଟିଏ ଜ୍ଞାନରେ ସମ୍ୟକ୍ ଦକ୍ଷତା ଅର୍ଜନ କରିବାରେ ସମ୍ଭବ ହୋଇ ପାରୁଛି । କୃଷକ କୃଷି କାର୍ଯ୍ୟରେ, ବଢ଼େଇ ନିର୍ମାଣ କାର୍ଯ୍ୟରେ ଓ ଏହିପରି ଅନେକ । ପୁଣି ଜଣେ ଗଣିତରେ, ଜଣେ ସାହିତ୍ୟରେ, ଜଣେ ବିଜ୍ଞାନରେ, ଜଣେ ଭୂତତ୍ତ୍ୱରେ, ଜଣେ ଦର୍ଶନରେ, ଜଣେ ଅର୍ଥଶାସ୍ତ୍ରରେ ତ ଅନ୍ୟଜଣେ ରାଜନୀତି ବିଜ୍ଞାନରେ ପାରଦର୍ଶିତା ଲାଭ କରି ପାରୁଛନ୍ତି । ସାମାଜିକ ଦୃଷ୍ଟିରୁ ଏହି ସବୁ ଉଦାହରଣ ପାଠକମାନଙ୍କର ବୁଝିବାରେ ସହଜ ହେବ ବୋଲି ଏଠାରେ ପ୍ରସଙ୍ଗ କ୍ରମେ ସଂକେତ ସ୍ୱରୂପ ଦିଆଯାଇଛି । ଏହି ସଂକେତରୁ ପାଠକପାଠିକାମାନେ ସୂତ୍ର ଖୋଜି ସଚରାଚର ଜଗତରେ ବୈଷ୍ଣବୀ ମାୟାର ଉପଯୋଗୀତା ସ୍ପଷ୍ଟ ଭାବରେ କିପରି କାର୍ଯ୍ୟଶୀଳ ହୋଇ ପାରିଛି ତାହା ବୁଝି ପାରିବେ । ବୈଷ୍ଣବୀ ମାୟା ଯୋଗ ବିଜ୍ଞାନ, ସୌର ବିଜ୍ଞାନ, ଜ୍ୟୋତିଷ ବିଜ୍ଞାନ, ଶରୀର ବିଜ୍ଞାନ ଆଦି ସକଳ ଜ୍ଞାନବିଜ୍ଞାନ ବିତରଣରେ ସହଯୋଗ କରିଥାଏ । ଏହା ସୃଷ୍ଟିଚକ୍ର ଚଳନରେ ଶୃଙ୍ଖଳା ରକ୍ଷା କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାର ଉପକାରିତା ଓ ସହୃଦୟତା ପାଇଁ ଆମେ ବୈଷ୍ଣବୀଙ୍କୁ ଦେବୀତୁଲ୍ୟ ଉପାସନା କରୁଁ । ଦଶମହାବିଦ୍ୟା ମଧ୍ୟରେ ବୈଷ୍ଣବୀ ଅପରାଜିତା ଅନ୍ୟତମା ଅଟନ୍ତି । କ୍ରମଶଃ...

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଅଜଣା ଭୟରେ ଶଙ୍କିତ ହୋଇ ମୁଁ ବଞ୍ଚିତ ହୋଇଗଲି ।
ତୁମେ ପ୍ରଭୁ ମୋର ପ୍ରାଣତ୍ରାଣକର୍ତ୍ତା ଜାଣି ବି ଅଜଣା ହେଲି ।।
ଜନ୍ମ ପରେ ଜନ୍ମ ବିତିଗଲା ପ୍ରଭୁ କର୍ମ ମୋ ବିଅର୍ଥ ହେଲା ।
ଧରାଧାମ ପରେ ତୁମେ ନିକେ ଥାଇ ଚେତନା ମୋ ନ ଆସିଲା ।।
କୃପାକର ନାଥ ଏ ଦୀନ ଅଧମେ ଅନ୍ଧକାର ନାଶ ଯାଉ ।
ତୁମ ନାମ ପ୍ରେମ ସାଗରେ ବୁଡ଼ି ମୋ ଏହି ଜନ୍ମ ସରି ଯାଉ ।।

*ଶିଳ୍ପୀ ମୂର୍ତ୍ତି ନିର୍ମାଣ ପାଇଁ କଞ୍ଚାମାଟି ଖୋଜେ । କାରଣ କଞ୍ଚାମାଟିର କୋମଳତା ଯୋଗୁଁ ସେ ତା'ର ନିଜ ଇଚ୍ଛାରେ କଳ୍ପିତ ମୂର୍ତ୍ତି ନିର୍ମାଣ କରିପାରିବ । ମାଟି ଯଦି ଶୁଷ୍କ କଠିନ ହୋଇଯାଏ, ତେବେ କ'ଣ ମୂର୍ତ୍ତି ନିର୍ମାଣ ସମ୍ଭବ ହେବ ? ସେହିପରି ପରମକାରୁଣିକ ସ୍ୱୟଂ ଧରାପୃଷ୍ଠରେ ଅବତରିତ ହେବା କ୍ଷଣରୁ କୋମଳମତି, ସରଳ ପ୍ରାଣ ଶିଶୁର ସନ୍ଧାନରେ ସର୍ବଦା ବ୍ୟସ୍ତ । ସେହିମାନଙ୍କ ମାଧ୍ୟମରେ ସେ ମର୍ତ୍ତ୍ୟଭୂମିରେ ଧର୍ମରାଜ୍ୟ, ସତ୍ୟ ପ୍ରଜ୍ଞାର ସ୍ଥାପନ କରିବେ । ତେଣୁ କଳିର ପ୍ରଚଣ୍ଡ ଆଘାତ ଓ ଯୁଗବାଦର ନିଷ୍ଠୁରତାରେ ପଥହରା ହୋଇ ଯାଉଥିବା ଚପଳ ଶିଶୁ ଓ କିଶୋରମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ଧର୍ମରାଜ୍ୟର ମହାଦ୍ରୁମରେ ପରିଣତ କରିବା ଲକ୍ଷ୍ୟରେ ଧାରାବାହିକ ଭାବେ ମହାପୁରୁଷମାନଙ୍କ ଆତ୍ମଜୀବନୀ ପ୍ରସାରଣ କରାଇ ସେମାନଙ୍କ ମନରେ ଭକ୍ତି, ଭାବ, ପ୍ରେମ ଓ ବିଶ୍ୱାସ ଜାଗ୍ରତ କରି ଚାଲିଛନ୍ତି ''ଚରମ''ର ଏହି ସ୍ତମ୍ଭରେ ।*

ଚରମ: ଷଷ୍ଠପୁଷ୍ପ: ଚତୁର୍ଥ ପାଖୁଡ଼ା: ଊନତ୍ରିଂଶ ସଂଖ୍ୟା ଅନୁଶ୍ରୁତିରୁ......

## ଦେବଶିଶୁ ସୁଧାନନ୍ଦ

ମାତ୍ର ତିନିବର୍ଷ ବୟସରେ ସୁଧାନନ୍ଦ ଆପେ ଆପେ ଖାଦ୍ୟ ଗ୍ରହଣ କରିବା ସଂଗେ ସଂଗେ ବ୍ରହ୍ମସ୍ଥିତି, ବ୍ରହ୍ମ ନିରୂପଣ ଓ ବ୍ରହ୍ମପୂଜନ ସଂପର୍କିତ ଗୁପ୍ତ ରହସ୍ୟ ପ୍ରାପ୍ତ ହୋଇ ପିତା, ମାତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଲା । ତାହାପରେ...

ଋତୁରାଜ ବସନ୍ତର ପୂର୍ବାବସ୍ଥା । ବସନ୍ତ ଆଗମନରେ ପ୍ରସ୍ତୁତି କର୍ମର ଶୁଭାରମ୍ଭ ଦିବସ ବକୁଳ ଅମାବାସ୍ୟା । ସୁଧାନନ୍ଦ ଜନ୍ମ ପରେ ତିନୋଟି ବସନ୍ତ ଭୋଗ କରି ଚତୁର୍ଥ ବସନ୍ତ ଅପେକ୍ଷାରେ ରହି ଅଦ୍ଭୁତ ଲୀଳା ପ୍ରକଟ କରି ଚାଲିଛି । ପ୍ରତ୍ୟେକ ପର୍ଯ୍ୟାୟର ନିତ୍ୟନୂତନ ଅଲୌକିକତା ଦର୍ଶନ କରି ମଧ୍ୟ ବାତ୍ସଲ୍ୟ ମୋହରେ ବନ୍ଦୀ ପିତା, ମାତା ସୁଧାନନ୍ଦଙ୍କୁ ଦେବଶିଶୁ ଭାବରେ ଗ୍ରହଣ କରିବାକୁ ନାରାଜ । ଅଖଣ୍ଡାନନ୍ଦଙ୍କ ନିର୍ଦ୍ଦେଶ ପାଳନ କରି ପୁତ୍ରକୁ ନିକଟରୁ ଅନ୍ତର କରିବା ପାଇଁ ସଂପୂର୍ଣ୍ଣ ବିମୁଖ । ତଥାପି ସେମାନେ ଭାବୁଛନ୍ତି, ଅବୋଧ ଶିଶୁଟି ତାଙ୍କର କିପରି ଗୁରୁଗୃହରେ ଗୁରୁବାଦର କଠୋରତା ସହ୍ୟ କରି ପାରିବ । ସୁଧାନନ୍ଦ ବିଭିନ୍ନ ପ୍ରଣାଳୀରେ ନିଜ ଅସୀମ ଶକ୍ତିର

ସୂଚନା ଦେଇ ପିତା, ମାତାଙ୍କ ମନର ଅସହାୟ ବୋଧକୁ ଦୂରେଇ ଦେବାପାଇଁ ସର୍ବଦା ଚେଷ୍ଟା କରୁଛି । କିନ୍ତୁ ସମର୍ଥ ହୋଇ ବାତ୍ସଲ୍ୟ ମୋହରୁ ସେମାନଙ୍କୁ ରକ୍ଷା କରି ପାରୁନାହିଁ ।

ସେଦିନ (ଅମାବାସ୍ୟା) ପ୍ରାତଃ ସମୟରୁ ମାତା ସାରଥୀ ଶଯ୍ୟାତ୍ୟାଗ କରି ଫୁଲ ସଂଗ୍ରହ କରୁଛନ୍ତି । ତାଙ୍କ ମନେ ମନେ ପୁଅ ଶୋଇଛି । ଉଠିବା ଆଗରୁ ଫୁଲ ତୋଳି ଫେରି ଆସିବେ । କିନ୍ତୁ ସେ କ'ଣ ଜାଣିଛନ୍ତି ଯେ ଜାତିସ୍ମର ପୁଅ ତାଙ୍କର ଚିରଜାଗ୍ରତ ? ମାଆ ଫୁଲ ତୋଳିବାରେ ବ୍ୟସ୍ତ । ପୁଅ କାୟା ପଛରେ ଛାୟା ଘୂରିଲା ପରି ମାଆଙ୍କ ପଛରେ ଧୀର ଭାବରେ ଚାଲିଛି । ହଠାତ୍ କୌଣସି ଇସାରା ପାଇ ପଛକୁ ଚାହିଁ ଦେଖନ୍ତି ଯେ, ପୁଅ ତାଙ୍କର ହସି ହସି ଆସୁଛି ଏବଂ ପୁଅର ପଛେ ପଛେ ଏକ ବିରାଟ ନାଗସାପ ତା'ର ବିଶାଳ ଫଣା ଟେକି ଚାଲିଛି । ଏଭଳି ପରିସ୍ଥିତିରେ କିଂକର୍ତ୍ତବ୍ୟମୂଢ଼ ହୋଇ ଅତି ବିଚଳିତ ହୋଇଗଲେ ମାତା ସାରଥୀ । ଫୁଲ ଡାଲା ଫିଙ୍ଗି ଦେଇ ପୁଅକୁ କୋଳେଇ ନେଇ ଛାତିରେ ଚାପି ଧରିଲେ ଏବଂ ପ୍ରଭୁଙ୍କୁ ସ୍ମରଣ କରି କାନ୍ଦିବାକୁ ଲାଗିଲେ । ତଥାପି ସାପ ଯାଉ ନାହିଁ । ସେହିପରି ଫଣା ଟେକି ସ୍ଥିର ହୋଇ ସୁଧାନନ୍ଦକୁ ଚାହିଁ ରହିଛି । ମାଆ ପୁଅକୁ ଧରି ଆଗକୁ ଗଲାବେଳକୁ ସାପ ମଧ୍ୟ ଅନୁଧାବନ କରୁଛି । ବ୍ୟାକୁଳ ହୋଇ ମାଆ ଚିତ୍କାର କରି ପିତା ସତ୍ୟବ୍ରତଙ୍କୁ ଡାକି ପକାଇଲେ । ପିତା ମଧ୍ୟ ଆସି ଏ ଦୃଶ୍ୟ ଦେଖି ସ୍ତମ୍ଭୀଭୂତ ହୋଇ ନାଗଦେବଙ୍କୁ ସ୍ତୁତି କରିବାକୁ ଲାଗିଲେ । ସେ ପର୍ଯ୍ୟନ୍ତ ସୁଧାନନ୍ଦ ଅବୋଧ ଶିଶୁଟି ପରି ମାଆଙ୍କ ଛାତିରେ ମୁହଁ ଲୁଚାଇ ଦେଇଛି । ସତେ ଯେପରି ସାପ ଦେଖି ଅତ୍ୟନ୍ତ ଭୟଭୀତ ହୋଇ ଯାଇଛି । ଧନ୍ୟ ମହାପ୍ରଭୁ ! ତୁମେ ଯେପରି ଛଳନାମୟ, ତୁମର ଭକ୍ତ ମଧ୍ୟ ତା'ଠାରୁ ଅଧିକ ଛଳନାପୂର୍ଣ୍ଣ ।

ପିତାଙ୍କ ସ୍ତୁତିରେ ବୋଧହୁଏ ସୁଧାନନ୍ଦଙ୍କର ଭୟ ଦୂର ହୋଇଗଲା । ମା'ଙ୍କ ଛାତିରୁ ମୁହଁ ଉଠାଇ କହିଲେ, "ମାଆ ! ମୋତେ ତଳକୁ ଛାଡ଼ି ଦିଅ । ମୋତେ ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ଏ ନାଗସାପ କଦାପି ଏଠାରୁ ଯିବ ନାହିଁ ।" ଆକୁଳ ହୋଇ କାନ୍ଦି ଉଠିଲେ ଜନନୀ । କିପରି ଜାଣିଶୁଣି ନିଜର ଗଳାମାଳିକୁ କ୍ରୁର ସର୍ପ ଆଗକୁ ଛାଡ଼ି ଦେବେ ? ପୁଅର ଜିଦ୍ ତଳକୁ ଆସିବ । ମାଆର ନିଷ୍ପତ୍ତି ଯାହା ହେଲେ ମଧ୍ୟ ପୁଅକୁ କାଖରୁ ତଳକୁ ଛାଡ଼ିବି ନାହିଁ । ସାପର ଦୃଢ଼ତା, ଭକ୍ତପ୍ରବରଙ୍କୁ ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ସ୍ଥାନ ପରିତ୍ୟାଗ କରିବ ନାହିଁ । କିପରି ସମସ୍ୟା ସମାଧାନ ହେବ ? ପିତା ସତ୍ୟବ୍ରତ କହିଲେ 'ସାରଥୀ' ! ଆଉ କାହିଁକି ମୋର ପୁଅ କହି ଏହି ଦେବଦୂତଙ୍କୁ ନ୍ୟୁନ କରି ଦେଉଛ ? ଛାଡ଼ି ଦିଅ । ଆମେ ଜାଣିନେ ଆମ କୋଳକୁ ଆସିଥିବା ଶିଶୁ କିଏ ? ଏ ନାଗରାଜ କିଏ ? ତେଣୁ ସେମାନେ ତାଙ୍କ କାର୍ଯ୍ୟ ସଂପୂର୍ଣ୍ଣ କରନ୍ତୁ । ଆମେ କେବଳ ନୀରବ ଦର୍ଶକ ସାଜିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ? ସ୍ୱାମୀଙ୍କ ଉପଦେଶରେ ମାଆ ସୁଧାନନ୍ଦଙ୍କୁ ତଳକୁ ଓହ୍ଲାଇ ଦେଲେ । ଭୟଶୂନ୍ୟ ବାଳକ ହସ ହସ ଭାବ ନେଇ ଆଗକୁ ଚାଲିଲେ । ସାପଟି ମଧ୍ୟ ତାଙ୍କ ପଛେ ପଛେ ଧୀର ମନ୍ଥର ଗତିରେ ଚାଲିଲା । ଫୁଲବଗିଚାର ଅପରପାର୍ଶ୍ୱରେ ଏକ ବିରାଟ ବକୁଳ ଗଛ । ସୁଧାନନ୍ଦ ଯାଇ ସେହି ଗଛ ମୂଳରେ ବସିଗଲେ । ସାପଟି ଧୀରେ ଧୀରେ ତାଙ୍କର ଦେହକୁ ଆଚ୍ଛାଦିତ କରି ନିଜର ଫଣାରେ ସୁଧାନନ୍ଦଙ୍କ କପାଳ ସ୍ପର୍ଶ କଲା । ସତେ ଯେମିତି ସାପଟି ଅତି ସ୍ନେହରେ ଆପଣାର ପୁଅକୁ ଚୁମ୍ବନ ଦେଉଛି । କିଛି ସମୟ ପରେ ସାପଟି ଚାଲିଗଲା ଏବଂ ସୁଧାନନ୍ଦ ଫେରି ଆସିଲେ ମାଆଙ୍କ କୋଳକୁ । ହତବାକ୍ ହୋଇ ଚାହିଁ ରହିଥିଲେ ଅବୋଧ ପିତାମାତା ।

ସେହି ଅମାବାସ୍ୟାର ଗଭୀର ଅନ୍ଧକାର ରାତ୍ରି । ମମତାମୟୀ ମାଆର କୋଳରେ ଶୋଇ ଯାଇଛି ଅଳିଅଳି ପୁଅ ସୁଧାନନ୍ଦ । ମାଆ ବାହୁପାଶରେ ପୁଅକୁ ବନ୍ଧନ କରି ରଖିଛନ୍ତି । ହଠାତ୍ ମାଆଙ୍କର ନିଦ ଭାଙ୍ଗିଗଲା । ହସ୍ତ ପ୍ରସାରଣ କରି ଦେଖନ୍ତି ଯେ ତାଙ୍କ ପୁଅ ଆଉ ତାଙ୍କ ବାହୁପାଶ ମଧ୍ୟରେ ନାହିଁ । ଅଜଣା ଆଶଙ୍କାରେ ଭୀତତ୍ରସ୍ତା ଜନନୀ ସଂଗେ ସଂଗେ ଦୀପଟିଏ ଜାଳି ଦେଲେ । ଘରର ଭିତର ପଟୁ ଠିକ୍ ପୂର୍ବପରି କବାଟ ଦିଆଯାଇଅଛି ।

କିନ୍ତୁ ପୁଅ ନାହିଁ । ଶୂନ୍ୟରେ ଅଦୃଶ୍ୟ ହୋଇ ଯାଇଛି । ବ୍ୟାକୁଳ ହୋଇ ପିତାଙ୍କୁ ଡାକି ପକାଇଲେ । ପିତା ମଧ୍ୟ ଆସି ଅନେକ ଖୋଜିଲେ । ତା'ପରେ ମାଆ କାନ୍ଦି କାନ୍ଦି ପାଗଳିନୀ ପ୍ରାୟ ବାହାରକୁ ଯିବାକୁ ଉଦ୍ୟତ ହେବା ସମୟରେ ଦେଖନ୍ତି ଯେ, ପୁଅ ତାଙ୍କ ଠିକ୍ ପୂର୍ବଭଳି ନିଜ ଶଯ୍ୟାରେ ବସିଛି ଏବଂ ହସୁଛି । ଏହି ସମୟରେ ଗୁରୁ ଅଖଣ୍ଡାନନ୍ଦ ସହସା ଆବିର୍ଭାବ ହୋଇଛନ୍ତି । ତାଙ୍କୁ ପ୍ରଣାମ କରିବା ସମୟରେ ପିତା, ମାତାଙ୍କ ଚକ୍ଷୁରେ ଲୋତକ ଦେଖି ସେ କାରଣ ଜିଜ୍ଞାସା କଲେ । ମାଆ ପୁଅର ଅଦୃଶ୍ୟ ହେବା କଥା ବର୍ଣ୍ଣନା କରିବା ପରେ ଗୁରୁ ଅବିଶ୍ୱାସ ମୁଦ୍ରାରେ କେବଳ ଚାହିଁ ରହିଲେ । ତାହାପରେ ତା'ର ଜନ୍ମରୁ ଘଟି ଚାଲିଥିବା ସମସ୍ତ ଅଲୌକିକ ଘଟଣାବଳୀକୁ ଗୁରୁଙ୍କୁ ଅବଗତ କରାଇ ପିତା ମାତା ଆକୁଳ ନିବେଦନ କରି ତାଙ୍କ ପୁଅର ପରିଚୟ ଜାଣିବାକୁ ଚାହିଁଲେ । ଗୁରୁ ଉତ୍ତର ଦେବାପାଇଁ ନିଜର ଅସହାୟତା ପ୍ରକାଶ କରି ନିଜର ଆସିବା କାରଣ ବୁଝାଇ ଦେଲେ । ''ତୁମ ପୁଅ ବର୍ତ୍ତମାନ ଶିଶୁ ଅବସ୍ଥାରେ ଥିଲେ ମଧ୍ୟ ଅନେକ ଜ୍ଞାନର ଅଧିକାରୀ ହୋଇ ସାରିଲାଣି । ନିଜେ ନିଜର ଯତ୍ନ ନେବାକୁ ମଧ୍ୟ ସେ ସମର୍ଥ ହୋଇଗଲାଣି । ତେଣୁ ନିର୍ଦ୍ଧାରିତ ଦିବସକୁ ଅପେକ୍ଷା କରିବାର କୌଣସି ପ୍ରୟୋଜନ ନାହିଁ । ମୁଁ ଆସିଛି ତାକୁ ଆଜି ହିଁ ମୋ ଆଶ୍ରମକୁ ନେଇଯିବି ।'' ପିତା, ମାତା କାନ୍ଦି କାନ୍ଦି ତାଙ୍କ ଚରଣରେ ଲୋଟିଗଲେ ଏବଂ ପୁଅକୁ ଛାଡ଼ିବାକୁ ଆଦୌ ରାଜି ହେଲେ ନାହିଁ । ଏ ପର୍ଯ୍ୟନ୍ତ ସୁଧାନନ୍ଦ ନୀରବ ଥିଲେ । ପିତାମାତାଙ୍କର କ୍ରନ୍ଦନ ଓ ଗୁରୁଦେବଙ୍କ ଜିଦ୍‌କୁ ଲକ୍ଷ୍ୟ କରି ବିନମ୍ର ଭାବରେ କହିଲେ, ''ହେ ମୋର ପରମ ପୂଜ୍ୟ ଗୁରୁଦେବ ! ସ୍ରଷ୍ଟାଙ୍କ ଇଚ୍ଛା ଓ ଆଜ୍ଞା ପାଳନ କରିବା ହିଁ ତାଙ୍କର ସେବା । ତାଙ୍କରି ଇଚ୍ଛାରେ ମୋର ଗୁରୁ ଆଶ୍ରମକୁ ଯିବାର ଦିବସ ଧାର୍ଯ୍ୟ ହୋଇଅଛି । ତା ପୂର୍ବରୁ ବା ପରେ ମୋର ସେଠାକୁ ଯିବାଟା ବ୍ରହ୍ମବିରୋଧ କର୍ମ ହେବ ନାହିଁ କି ? ତେଣୁ ହେ ତପସ୍ୱୀ ! ମୋର ପ୍ରାର୍ଥନା ରକ୍ଷାକରି ସ୍ରଷ୍ଟାଙ୍କ ଇଚ୍ଛା ବିରୁଦ୍ଧରେ ଯାଆନ୍ତୁ ନାହିଁ । ମୁଁ ଅନୁଭବ କରୁଛି, ମୋ ପ୍ରତି ଆପଣଙ୍କର ଅତ୍ୟନ୍ତ ସ୍ନେହ, ମମତା ଥିବାରୁ ଅତି ଶୀଘ୍ର ମୋତେ ଆପଣଙ୍କ ସାନିଧ୍ୟକୁ ନେଇ ଯିବା ପାଇଁ ଆଗ୍ରହୀ ହୋଇ ଉଠୁଛନ୍ତି । ସେଥିପାଇଁ ମୁଁ ଚିର ଋଣୀ । ତା ସଂଗେ ସଂଗେ ଈଶ୍ୱରଙ୍କ ଇଚ୍ଛା ଓ ନିଷ୍ପତ୍ତିକୁ ସଭକ୍ତି ସମ୍ମାନ ଦେବା ମଧ୍ୟ ଆମ ଉଭୟଙ୍କର କର୍ତ୍ତବ୍ୟ । ତେଣୁ ନିର୍ଦ୍ଧାରିତ ଲଗ୍ନ ପୂର୍ବରୁ ମୋତେ ନେବା ପାଇଁ ବାଧ୍ୟ କରନ୍ତୁ ନାହିଁ ।'' ଚମକି ଉଠିଲେ ଗୁରୁ ଅଖଣ୍ଡାନନ୍ଦ । ମୁହଁରୁ ତାଙ୍କର ଭାଷା ସ୍ଫୁରିଲା ନାହିଁ । ମନେ ମନେ ଭାବିଲେ, ଏ ଅଦ୍ଭୁତ ଶିଶୁକୁ ଶିଷ୍ୟ ରୂପରେ ଗ୍ରହଣ କରିବାର ଯୋଗ୍ୟତା ମୋର ଅଛି ତ ? ପ୍ରସନ୍ନ ବଦନରେ କହିଲେ ''ସୁଧାନନ୍ଦ ! ପ୍ରକୃତିଙ୍କ ନିୟମରେ ତୁ ସିନା ମୋର ଶିଷ୍ୟ ହେବାକୁ ଯାଉଛୁ ? ମାତ୍ର କି ଶିକ୍ଷା ତୋତେ ମୁଁ ଦେବି ? ତୁ ତ ସ୍ୱୟଂ ସଂପୂର୍ଣ ହୋଇ ସାରିଲୁଣି । ତୋର ନିଷ୍ପତ୍ତିକୁ ସମ୍ମାନ ଦେଇ ମୁଁ ଫେରି ଯାଉଛି । ସେହି ନିର୍ଦ୍ଧାରିତ ଲଗ୍ନରେ ତୋ ଆସିବା ପଥ ଚାହିଁ ବସି ରହିବି ।''

-କ୍ରମଶଃ

ବାଇଆ ଧନ ଭୟ ନ କର ।
ଗୁରୁ ବଚନେ ଦୃଢ଼ ତୁ ଧର ।।

ଗୁରୁ ଆଦେଶ ସାଧନ ପଥ ।
ଦେହ ମନ୍ଦିର ଚଳନ୍ତି ରଥ ।।

# ଉତ୍ତିଷ୍ଠତ ! ଜାଗ୍ରତ !!

ମନକୁ ସଂଯତ କରି ଆତ୍ମାରେ ବାନ୍ଧି ଈଶ୍ୱରଙ୍କ ନାମ ଧାରଣା । ବାରମ୍ବାର ଧାରଣା ଅଭ୍ୟାସ କଲେ, ଧ୍ୟାନ ସମ୍ଭବ ହୁଏ । 'ଧ୍ୟାନଂ ନିର୍ବିଷୟ ମନଃ' – ସାଂଖ୍ୟଦର୍ଶନ ମତରେ ଇନ୍ଦ୍ରିୟ ଗ୍ରାହ୍ୟ ବିଷୟ ସକଳରୁ ମନକୁ ନିବୃତ୍ତ କରି ଅଲଗା ରଖି ଏକାଗ୍ରତାର ସହିତ ଏକମୁଖୀ ହୋଇବା ହିଁ ଧ୍ୟାନ । ମନମୁଖୀ ହେଲେ, ଧାରଣା ତ ସମ୍ଭବ ହୋଇପାରେ ନାହିଁ, ଧ୍ୟାନ କଥା ନ କହିବା ହିଁ ଭଲ । କେବଳ ଧାରା ଧରିଛୁଁ ବୋଲି ଆସନ, ମୁଦ୍ରା, ଲୟ, ଧ୍ୟେୟର ସହିତ ବୀଜମନ୍ତ୍ର ଜପ କରି ଦେଲେ ଯେ ଧ୍ୟାନ ହୋଇଯାଏ, ଏପରି ଭାବିବା ଭୁଲ୍ । ପ୍ରଥମେ ଆମମାନଙ୍କୁ ଏକମୁଖୀ ଓ ଏକାଗ୍ର ହେବାକୁ ହେବ । ଏଥିପାଇଁ କଠିନ ସାଧନା କରିବାକୁ ହେବ । ମନକୁ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦଠାରୁ ଟାଣି ଓଟାରି ଅଲଗା କରି ଆତ୍ମା ସହିତ ସଂଯୁକ୍ତ କରିବାକୁ ହେବ । ଏତେକ ସାଧନା କରି ସାଧନ କରି ପାରିଲେ, ଧାରଣା ଠିକ୍ ହେବ । ଠିକ୍ ଧାରଣା ହୋଇଗଲେ, ଧ୍ୟାନ ପ୍ରକ୍ରିୟା ସହଜ ସରଳ ସୁନ୍ଦର ହେବ । ଧ୍ୟାନ ଠିକ୍ ହେଲେ ଦିବ୍ୟାନୁଭୂତି, ନିତ୍ୟାନନ୍ଦ ନିଶ୍ଚୟ ମିଳିବ । ପର୍ଯ୍ୟାୟକ୍ରମରେ ଈଶ୍ୱରୋପଲବ୍ଧି, ଆତ୍ମାନୁଭୂତି ଓ ଆତ୍ମଦର୍ଶନ ସହିତ ଭଗବତ୍ ପ୍ରାପ୍ତି ସହଜ ଓ ସମ୍ଭବ ହେବ ହିଁ ହେବ ।

## ମନ ସଂଯମ

**'ଚରମ' : ଷଷ୍ଠପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନତ୍ରିଂଶତିତମ ସଂଖ୍ୟାରୁ ଅନୁଶ୍ରୁତିରୁ**

ମନ ଏବଂ ମନର ଅତି ସୂକ୍ଷ୍ମ ଓ ସମ୍ବେଦନଶୀଳ ଶକ୍ତି ମନୁଷ୍ୟ ଶରୀରକୁ ନିୟନ୍ତ୍ରଣ ଏବଂ ପରିଚାଳନା କରିଥାଏ । ତଦନୁଯାୟୀ ମନୁଷ୍ୟ ଚିନ୍ତା କରେ, କଥା କହେ ଏବଂ କାମ କରେ । ମନୁଷ୍ୟର ଚିନ୍ତନ, ମନନ, ବଚନ ଏବଂ କର୍ମର ପ୍ରଭାବ ତା'ର ମନ ଉପରେ ଗଭୀର ରେଖାପାତ କରେ । ଏହାକୁ ସଂସ୍କାର କୁହାଯାଏ । ସଂସ୍କାରର ପ୍ରଭାବ ମନ ଉପରେ ଗଭୀର ରେଖାପାତ କରିଥାଏ । ଜୀବନର ଚଲାପଥରେ, ଆଚରଣରେ ଏବଂ ଜୀବନଚର୍ଯ୍ୟା ମଧ୍ୟରେ ଅନେକ କିଛି ପ୍ରତି ମନ ସ୍ୱତଃ ଆକର୍ଷିତ ହୁଏ ଏବଂ ତାହାର ପ୍ରଭାବ ମନ ଉପରେ ଲାଖି ରହେ । ଏହା ସଂସ୍କାର ହୋଇ ମନ ଉପରେ ଗଭୀର ରେଖା ଟାଣିଦିଏ । ଅବଶ୍ୟ ଚେତନାର ବିକାଶ ସହିତ ଅବଚେତନ ମନର ସଂସ୍କାର କାଳକ୍ରମେ କେତେକ ପରିମାଣରେ ଲିଭିଯାଏ । ତଥାପି, ଅନେକଙ୍କ କ୍ଷେତ୍ରରେ ପୁରୁଣା ସଂସ୍କାର ବ୍ୟକ୍ତିର ଚେତନାସ୍ତରକୁ ପ୍ରଭାବିତ କରିବାର ଲକ୍ଷ୍ୟ କରାଯାଏ ।

ମନୁଷ୍ୟ ମୁଖ୍ୟତଃ ଯେଉଁ ସବୁ କର୍ମ କରେ, ତା'ର ସଂସ୍କାରର ଛାପ (ଚିହ୍ନ) ମନ ଉପରେ ଅଳିଭା ରହିଯାଏ । ଭଲ କର୍ମ କଲେ, ମନରେ ଭଲ ସଂସ୍କାର, ଏବଂ ମନ୍ଦ କର୍ମ କଲେ, ମନରେ ମନ୍ଦ ସଂସ୍କାର ନିଶ୍ଚିତ ଗାଢ଼ ଭାବରେ ଆସନ ଜମାଇ ବସିଥାଏ । କର୍ମ କରିବା ବେଳେ ବ୍ୟକ୍ତିର ମନ ସେହି କର୍ମରେ ଏକ ରୂପ ଓ ତଦ୍‌ଗତ ହୋଇଗଲେ, ତାହାର ସଂସ୍କାର ମନ ଉପରେ ଚିରସ୍ଥାୟୀ ହୋଇ ଜନ୍ମଜନ୍ମାନ୍ତର ପାଇଁ ଅଳିଭା ରହିଯାଏ । ଦେହାନ୍ତ ସମୟରେ ଆତ୍ମା ପିଣ୍ଡ ଛାଡ଼ି ଯିବାବେଳେ, ସେ ପଞ୍ଚଇନ୍ଦ୍ରିୟାନୁଭୂତି ସହିତ ମନକୁ (ମନ ସହିତ ସଂସ୍କାରକୁ) ନେଇ ଯାଆନ୍ତି ଏବଂ ପୁନଶ୍ଚ ନୂତନ ପିଣ୍ଡରେ ପ୍ରବେଶ ସମୟରେ ସେ ସମସ୍ତ ସଂସ୍କାର ସହିତ ହିଁ ପିଣ୍ଡସ୍ଥ ହୁଅନ୍ତି । ବେଦାନ୍ତ ମତରେ ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚପ୍ରାଣ ଏବଂ ବୁଦ୍ଧି ଓ ମନ – ଏହି ସପ୍ତଦଶ (୧୭) ସୂକ୍ଷ୍ମାବୟବକୁ ନେଇ ସୂକ୍ଷ୍ମ ଶରୀର (ଜିନ୍) ଗଠିତ । ଆତ୍ମାର ବିଭିନ୍ନ ଆବରଣ ବା ଶରୀରକୁ କୋଷ କୁହାଯାଏ । କୋଷ ପାଞ୍ଚଗୋଟି । (୧) ଅନ୍ନମୟ କୋଷ (ପଞ୍ଚଭୂତରେ ଗଠିତ ସ୍ଥୂଳଶରୀର) । (୨) ମନୋମୟ କୋଷ (ମନ ଓ ପଞ୍ଚଜ୍ଞାନେନ୍ଦ୍ରିୟ) (୩) ପ୍ରାଣମୟ କୋଷ (ପଞ୍ଚପ୍ରାଣ ଓ ପଞ୍ଚକର୍ମେନ୍ଦ୍ରିୟ) । (୪) ବିଜ୍ଞାନମୟ କୋଷ (ବୁଦ୍ଧି ଓ ପଞ୍ଚଜ୍ଞାନେନ୍ଦ୍ରିୟ) (ସୂକ୍ଷ୍ମଶରୀର ବା ଜିନ୍) ଏବଂ (୫) ଆନନ୍ଦମୟ କୋଷ (କାରଣ ଶରୀର) ।

ତାମସିକ ଗୁଣ ପ୍ରଧାନ ବ୍ୟକ୍ତି କ୍ଷେତ୍ରରେ ମନ ତାମସ ଭାବପ୍ରବଣ ହୋଇ ନାନା ପ୍ରକାର କୁକର୍ମରେ ବ୍ୟକ୍ତିକୁ ଲିପ୍ତ କରାଇ ଥାଏ । ଏତାଦୃଶ ବ୍ୟକ୍ତି ସଦ୍‌ଚିନ୍ତା, ସଦ୍‌ଭାବନା, ସଦ୍‌ସଂଗ, ସଦ୍‌ବଚନ ଏବଂ ସଦ୍‌କର୍ମ ପ୍ରତି ସର୍ବଦା ଓ ସର୍ବଥା ବୀତସ୍ପୃହ ରହନ୍ତି । ସେମାନେ ଆବଶ୍ୟକତା ଅନୁଯାୟୀ ମନକୁ ନିୟନ୍ତ୍ରଣ ଓ ସଂଯମ କରିପାରନ୍ତି ନାହିଁ । ରାଜସିକ ଗୁଣ ପ୍ରଧାନ ବ୍ୟକ୍ତି ମନର ଆଲୋଡ଼ନର ଶିକାର ହୁଅନ୍ତି । ସେମାନଙ୍କର ମନ ପ୍ରାୟତଃ ଗୋଲକ (ପେଣ୍ଡୁଲାମ୍) ପରି ଆନ୍ଦୋଳିତ ହେଉଥାଏ । ସେମାନେ ସାଧାରଣତଃ ବିଶ୍ୱାସ, ଅବିଶ୍ୱାସ, ସଦ୍‌ଅସଦ୍, ପାପପୂଣ୍ୟ, ଧର୍ମାଧର୍ମ, ସୁ ଓ କୁ ମଧ୍ୟରେ ରହି କ୍ଷଣକ୍ଷଣକେ ରଂଗ ବଦଳାଉ ଥାଆନ୍ତି । ରଜଗୁଣ ପ୍ରଭାବରୁ ସେମାନଙ୍କର ମନ କେବଳ 'ସୁ' ବା କେବଳ 'କୁ'ରେ ସର୍ବଦା ବା ସର୍ବଥା ଲାଖି ରହିପାରେ ନାହିଁ । ସତ୍ତ୍ୱଗୁଣୀ ବ୍ୟକ୍ତିମାନେ ମୁଖ୍ୟତଃ ସଦ୍ ଏବଂ 'ସୁ' ରେ ମନୋନିବେଶ କରିପାରନ୍ତି । ସଦ୍‌ଚିନ୍ତନ, ସଦ୍‌ଭାବନା, ସଦ୍‌ସଂଗ ଏବଂ ସଦ୍‌ବଚନ ଏବଂ ସଦ୍‌କର୍ମରେ ସେମାନେ ପ୍ରଭୂତ ଆନନ୍ଦ ଓ ତୃପ୍ତି ଲାଭ କରିଥାଆନ୍ତି । ସେମାନେ ନିଜ ମନକୁ ସଂଯତ୍ ଓ ନିୟନ୍ତ୍ରଣ କରିପାରନ୍ତି । ତେଣୁ ପ୍ରାୟତଃ ସେମାନଙ୍କର ମନ ସ୍ଥିର ଅଚଞ୍ଚଳ ଅବସ୍ଥାରେ ରହିଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ମନୋନିବେଶ କରିବା ସେମାନଙ୍କ ପକ୍ଷରେ ଅତ୍ୟନ୍ତ ସହଜସାଧ୍ୟ ହୋଇଥାଏ ।

ମାନସ ତପସ୍ୟା ଦ୍ୱାରା ମନ ସଂଯମ କରିବା ଶାସ୍ତ୍ରୋକ୍ତ ମତ ଅଟେ । ଚିତ୍ତପ୍ରସାଦ, ସୌମ୍ୟଭାବ, ମୌନତା ବା ବାକ୍ ସଂଯମ ଅର୍ଥାତ୍ ମନଃ ସଂଯମ, ଆତ୍ମନିଗ୍ରହ ଅର୍ଥାତ୍ ବିଷୟ ସକଳରୁ ମନକୁ ଆକର୍ଷଣ କରି ଧ୍ୟେୟ (ପଦ୍ମପାଦ)ରେ ନିବିଷ୍ଟ କରିବା ଏବଂ ଭାବଶୁଦ୍ଧି ଅର୍ଥାତ୍ ଅକପଟ ବ୍ୟବହାର ଓ ଆଚରଣ ଇତ୍ୟାଦିର ଅଭ୍ୟାସକୁ ମାନସ ତପସ୍ୟା କୁହାଯାଏ । ଅଭ୍ୟାସ କରୁଁ କରୁଁ ଯେତେବେଳେ ମନରୁ ସମସ୍ତ ଦ୍ୱନ୍ଦ, ଦ୍ୱିଧା, ସନ୍ଦେହ ଓ ସଂଶୟାଦି ସଂପୂର୍ଣ୍ଣ ରୂପେ ଦୂର ହୋଇଯାଇ ମନ ସ୍ୱଚ୍ଛ ଓ ନିର୍ମଳ ହୋଇଉଠେ, ସେତେବେଳେ ମାନସିକ ତପସ୍ୟା ପୂର୍ଣ୍ଣତା ପ୍ରାପ୍ତ ହୋଇ ସିଦ୍ଧ ହୋଇଥାଏ । ପବିତ୍ର ସ୍ଥାନରେ ନିଶ୍ଚଳ ଭାବରେ ସ୍ଥିର ଆସନରେ ଧ୍ୟେୟ, ଲୟ ଓ ବୀଜମନ୍ତ୍ର ମାନସଜପ ସହିତ ବ୍ରହ୍ମଧ୍ୟାନ ରତ ହୋଇ ପାରିଲେ, ଏତାଦୃଶ ଯୋଗାଭ୍ୟାସରୁ ଚିତ୍ତ ଶୁଦ୍ଧି, ଭାବଶୁଦ୍ଧି, ମନ ସଂଯମ କରିବାର ପଥ ସ୍ୱତଃ ପରିଷ୍କାର ହୋଇଯାଏ । ଏପରି ଅବସ୍ଥାରେ ଅନ୍ତଃକରଣରେ ମନୋଧର୍ମର ବେଗ ବିନଷ୍ଟ ହୋଇଯାଏ । କଳ୍ପନା କରିବାର ଶକ୍ତି ଚାଲିଯାଏ । ମନ ବୋଲି ଗୋଟାଏ କିଛି ଅଛି ଏ ଭାବ ଆପେ ଆପେ ଚାଲିଯାଏ । କ୍ଷୁଧା କ'ଣ, ନିଦ୍ରା କୁଆଡ଼େ ଗଲା, ସବୁ ବିସ୍ମୃତି ଗର୍ଭରେ ଲୀନ ହୋଇଯାଏ ।

ଇନ୍ଦ୍ରିୟଗଣ ସ୍ଥୂଳ ଦେହଠାରୁ ଶ୍ରେଷ୍ଠ ଅଟେ । ଇନ୍ଦ୍ରିୟଗଣଠାରୁ ମନ ଶ୍ରେଷ୍ଠ, ମନ ଅପେକ୍ଷା ବୁଦ୍ଧି ଶ୍ରେଷ୍ଠ, ବୁଦ୍ଧିଠାରୁ ଆତ୍ମା ଶ୍ରେଷ୍ଠ । ଶୁଦ୍ଧବୁଦ୍ଧମୁକ୍ତ ସ୍ୱଭାବ ପରମାତ୍ମା ହିଁ ସର୍ବଶ୍ରେଷ୍ଠ । ମନକୁ ଅନ୍ତରିନ୍ଦ୍ରିୟ କୁହାଯାଏ । ତେଣୁ ଏହି ମନ ବହିଃରିନ୍ଦ୍ରିୟଠାରୁ ଶ୍ରେଷ୍ଠ । ବୁଦ୍ଧି ମନର ଚାଳକ ଅଟେ । ସେଥିପାଇଁ ମନଠାରୁ ବୁଦ୍ଧି ଶ୍ରେଷ୍ଠ । ପୁଣି ଦେହ, ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧିଠାରୁ ଯେ ଶ୍ରେଷ୍ଠ ସେହିଁ ଆତ୍ମା । କଠୋପନିଷଦ୍‌ରେ ପରମାତ୍ମାଙ୍କ ସମ୍ବନ୍ଧରେ ସ୍ପଷ୍ଟ ଉଲ୍ଲେଖ ରହିଛି –

"ଅଣୋରଣୀୟାନ ମହତୋ ମହୀୟାନ୍
ଆତ୍ମାଽସ୍ୟ ଜନ୍ତୋର୍ନିହିତୋ ଗୁହାୟାମ୍ ।।" –୧/୨/୨୦

– ଅର୍ଥାତ୍, ସୂକ୍ଷ୍ମଠାରୁ ସୂକ୍ଷ୍ମତର ଏବଂ ବିଶାଳଠାରୁ ବିଶାଳତର ଏହି ଆତ୍ମା ପ୍ରତ୍ୟେକ ଜୀବର ହୃଦୟଗୁହାରେ ଅବସ୍ଥିତ । ପୁଣି, ସେହି ପରମାତ୍ମାଙ୍କୁ ହିଁ କୁହାଯାଇଛି –

"ଶ୍ରୋତସ୍ୟ ଶ୍ରୋତ୍ରଂ ମନସୋ ମନୋ ଯଦ୍
ବାଚୋ ହିଁ ବାଚଂ ସଉ ପ୍ରାଣସ୍ୟ ପ୍ରାଣଃ ।
ଚକ୍ଷୁଷଶ୍ଚକ୍ଷୁଃ........." – କେନୋପନିଷଦ୍ – ୭/୨

– ଏହି ଆତ୍ମା ଶ୍ରବଣର ଶ୍ରବଣ, ମନର ମନ, ବାକ୍ୟର ବାକ୍ୟ, ପ୍ରାଣର ପ୍ରାଣ, ଚକ୍ଷୁର ଚକ୍ଷୁ ସ୍ୱରୂପ । ଯେ ସାକ୍ଷୀ ସ୍ୱରୂପ ଏବଂ ସମସ୍ତଙ୍କର ଅନ୍ତରବ୍ୟାପୀ ସେ ହିଁ ଆତ୍ମା ।

କାମନାବାସନା ହିଁ ବନ୍ଧନର କାରଣ । ନିର୍ବାସନ ହେଲେ ହିଁ ଭଗବଦ୍ ପ୍ରାପ୍ତି ଅର୍ଥାତ୍ ମୁକ୍ତି । ମନ ସଂଯମ ଦ୍ୱାରା ଆତ୍ମଶକ୍ତି ସାହାଯ୍ୟରେ ଜୀବାତ୍ମାକୁ ବାସନାମୁକ୍ତ କରିବାକୁ ହେବ । ଏଥି ନିମନ୍ତେ ବିବେକ ଓ ବୈରାଗ୍ୟର ବିଶେଷ ଆବଶ୍ୟକ । ବିବେକ ବୈରାଗ୍ୟ ନ ହେଲେ, ଭଗବଦ୍ ପ୍ରାପ୍ତି ସମ୍ଭବ ହୁଏ ନାହିଁ । ଏତେ ଟିକିଏ ବି ଆସକ୍ତି ମନ ମଧ୍ୟରେ ଲାଖି ରହିଥିଲେ, ତାଙ୍କୁ ଲାଭ କରାଯାଇ ପାରେ ନାହିଁ । ସୂତାରେ ଏତେ ଟିକିଏ ଆଂଶୁ ଥିଲେ, ଛୁଞ୍ଚି କଣାରେ ତାହା ଗଳି ଯାଏ ନାହିଁ । ମନ ଆସକ୍ତି ଶୂନ୍ୟ ହେଲେ ଯାଇ ତାଙ୍କର ଦର୍ଶନ ମିଳେ । ଶୁଦ୍ଧ ମନରେ ଯାହା ଉଠେ ତାହାହିଁ ଠାକୁରଙ୍କର ବାଣୀ । ଶୁଦ୍ଧମନ ଯାହା, ଶୁଦ୍ଧ ଚିତ୍ତ ମଧ୍ୟ ତାହା, ଶୁଦ୍ଧବୁଦ୍ଧି, ଶୁଦ୍ଧ ଆତ୍ମା ମଧ୍ୟ ତାହା । କାରଣ ତାଙ୍କ ବ୍ୟତୀତ ଆଉ ଅନ୍ୟ କେହି ଶୁଦ୍ଧ ନୁହେଁ । ତେଣୁ ଠାକୁରଙ୍କର ସ୍ୱରୂପ ଦର୍ଶନ ଓ ଠାକୁରଙ୍କର ଠାକୁରତ୍ୱ ପ୍ରାପ୍ତି (ଚରମପ୍ରାପ୍ତି) ନିମନ୍ତେ ମନଶୁଦ୍ଧି, ଚିତ୍ତଶୁଦ୍ଧି, ଆତ୍ମଶୁଦ୍ଧି ଇତ୍ୟାଦିର ଆବଶ୍ୟକତା ଅପରିହାର୍ଯ୍ୟ ।

ମନର ରଜଃଗୁଣରୁ ଉତ୍ପନ୍ନ ସଂପୂର୍ଣ୍ଣ ଆସୁରିକ ଉପାଦାନ ଦ୍ୱାରା କାମ, କ୍ରୋଧ, ମୋହାଦି ଗଠିତ । ଏମାନେ ମୂର୍ତ୍ତିମନ୍ତ କୃତାନ୍ତ ତଥା ଜ୍ଞାନରୂପୀ ସଂପଦର କାଳସର୍ପ । ବିଷୟରୂପକ ଗୁମ୍ଫାର ବ୍ୟାଘ୍ର । ଭଜନ ପଥରେ ନରଘାତକ ଚଣ୍ଡାଳ । ଦେହରୂପକ ଦୁର୍ଗର ପ୍ରସ୍ତର ଏବଂ ଇନ୍ଦ୍ରିୟ ନଗରୀର ପ୍ରାଚୀର ସ୍ୱରୂପ । ଅବିଦ୍ୟା ଦ୍ୱାରା ପରିପୁଷ୍ଟ । ରଜୋଗୁଣରୁ ଉତ୍ପନ୍ନ ହେଲେ ମଧ୍ୟ ତମୋଗୁଣର ଅତ୍ୟନ୍ତ ପ୍ରିୟ । ତମଗୁଣ ମନକୁ ନିଜର ପଦମର୍ଯ୍ୟାଦା ଦେବା ସହିତ ନାନାଭ୍ରମ ଓ ମାୟା ମୋହ ମଧ୍ୟ ଦେଇଥାଏ । ମନକୁ ବେଳହୁଁ ସଂଯତ ନ କଲେ, ଏହାର ଭ୍ରାନ୍ତି, ମୋହ ଏବଂ ତୃଷ୍ଣା ପବିତ୍ରତା ଶାନ୍ତିକୁ ନିରାଭରଣା କରି ମାୟାରୂପିଣୀ ବାରବନିତାକୁ ସୁସଜ୍ଜିତ କରେ । ଏହା ଦ୍ୱାରା ସାଧୁ ହୁଏ ଅସାଧୁ, ଯୋଗୀ ହୁଏ ଯୋଗଭ୍ରଷ୍ଟ, ବିବେକୀର ବିବେକବଳ ନଷ୍ଟ ହୁଏ, ବୈରାଗୀର ଚମଡ଼ା ସୁଦ୍ଧା ଉତୁରି ଯାଏ । ଧୈର୍ଯ୍ୟର ଦୁର୍ଗ ଭୁଷୁଡ଼ି ପଡ଼େ । ଜ୍ଞାନର ଅଙ୍କୁର ସୁଦ୍ଧା ଛିନ୍ନଭିନ୍ନ ହୁଏ ।

କର୍ମ ଉତ୍ପନ୍ନ କରେ ପ୍ରବୃତ୍ତି । ଇନ୍ଦ୍ରିୟ ହିଁ ପ୍ରବୃତ୍ତିର ଉତ୍ପତ୍ତିସ୍ଥଳ । ଇନ୍ଦ୍ରିୟଗଣକୁ ସହାୟତା କରେ ମନ । ମାନସତପସ୍ୟା ଦ୍ୱାରା ମନକୁ ଧ୍ୟେୟ (ପଦ୍ମପାଦ) ବା ଆତ୍ମା ସହିତ ଯୁକ୍ତ କରି ବାନ୍ଧି ଦେଇପାରିଲେ, ମନର ଦୌଡ଼ଧାପଡ଼ ଆପେ ଆପେ ବନ୍ଦ ହୋଇଯିବ । ବୁଦ୍ଧି ମଧ୍ୟ ମୁକ୍ତି ପାଇପାରିବ । ଏହିପରି ଭାବରେ ମନର ଦୌରାତ୍ମ୍ୟ ଆମ ହାତମୁଠାରେ ଧରା ହୋଇ ରହିଯିବ । ସୂର୍ଯ୍ୟକିରଣ ଥିଲେ ହିଁ ମାୟା ମରୀଚିକା ଥାଏ । ମନ ଥିଲେ ହିଁ କାମ, କ୍ରୋଧ, ଲୋଭ, ମୋହ ଆଦି ଥାଏ । ତେଣୁ ପୂର୍ବୋକ୍ତ ଉପାୟ ଅବଲମ୍ବନରେ ମନକୁ ବିନଷ୍ଟ କରିଦେଇ ପାରିଲେ, ବ୍ରହ୍ମରୂପୀ ସ୍ୱରାଜ୍ୟ ଲାଭହୁଏ, ଚରମପ୍ରାପ୍ତି ହୁଏ । ଏହା ହେଉଛି ଶ୍ରୀଗୁରୁସ୍ୱାମୀ ଏବଂ ଶିଷ୍ୟର ରହସ୍ୟ ସମ୍ବାଦ । ଏହାହିଁ ଜୀବ ଓ ବ୍ରହ୍ମର ମିଳନ । ଏହି ଅବସ୍ଥାରେ ପହଞ୍ଚିବା ପାଇଁ ସାଧମତେ ସାଧନଭଜନ ଚଳାଇ ନେବା ପ୍ରତ୍ୟେକଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞାଅନୁଜ୍ଞା, ଆଦେଶ ଉପଦେଶ ପାଳନ କରୁଁକରୁଁ ଏହା ସମ୍ଭବ ହେବ । ଥରେ ଏହି ଅବସ୍ଥାରେ ପହଞ୍ଚିଗଲେ, ସ୍ଥିର ହୋଇ ରହିଥାଅ, ଆଦୌ ହଲଚଲ ହୁଅ ନାହିଁ ।

କାମନାବାସନା ନିଃଶେଷରେ ତ୍ୟାଗ କରି ବିବେକ ସମ୍ପନ୍ନ ମନଦ୍ୱାରା ଚକ୍ଷୁରାଦି ଇନ୍ଦ୍ରିୟଗଣକୁ ସେମାନଙ୍କର ବିଷୟ ସକଳରୁ ନିବୃତ୍ତ କରି ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ଧିରେ ଧିରେ ନିରୁଦ୍ଧ କରିବା ପରେ, ସଂଯତ ମନକୁ

ପଦ୍ମପାଦ ଧ୍ୟାନରେ ନିବିଷ୍ଟ କରି ପ୍ରେମମୟ ଠାକୁରଙ୍କ ଚିନ୍ତନ, କଥନ, ମନନ, ସ୍ମରଣ, ବଚନରେ ଧରିବା ବ୍ୟତୀତ ଅନ୍ୟ କୌଣସି ଚିନ୍ତା ନ କଲେ, ଆତ୍ମଧ୍ୟାନ ସମାହିତ ହେବ ଅର୍ଥାତ୍ ସମାଧି ଯୋଗାଭ୍ୟାସର ପ୍ରକ୍ରିୟା ଆରମ୍ଭ ହେବ ଏବଂ ପର୍ଯ୍ୟାୟକ୍ରମରେ ଯଥାକାଳରେ ସମାଧି ସିଦ୍ଧି ସମ୍ଭବ ହେବ ।

ମଦ୍‌ଗତଚିତ୍ତ ହୋଇ ମୋର ସ୍ମରଣ, ମନନ, ନିଦିଧ୍ୟାସନ ପରାୟଣ ହୁଅ, ମୋତେ ଭକ୍ତି କର, ପୂଜାକର, ପ୍ରଣାମ କର । ଏହିପରି ଭାବରେ ମଦ୍‌ପରାୟଣ ହୋଇ ମୋଠାରେ ମନ ନିଯୁକ୍ତ କଲେ, ମୋତେ ହିଁ ଲାଭ କରିବ (ଚରମ ପ୍ରାପ୍ତି ହେବ) ବୋଲି ଠାକୁରେ କହିଅଛନ୍ତି । ଏହି କଥାକୁ ଠାକୁରେ ବଡ଼ ସୁନ୍ଦର ସରଳ ଭାବରେ ବୁଝାଇବାକୁ ଯାଇ କହିଅଛନ୍ତି : ତୁମେ ତୁମ ମନକୁ ମୋ ସ୍ୱରୂପ କରିନିଅ । ସପ୍ରେମ ଭଜନ କର । ମୁଁ ସର୍ବତ୍ର ବିଦ୍ୟମାନ ଅଛି ମନେ କରି ମୋତେ ହିଁ ପ୍ରଣାମ କର । ଯିଏ ମୋତେ ଧ୍ୟାନ କରି ସଂକଳ୍ପକୁ ଜାଳି ପୋଡ଼ି ଧ୍ୱଂସ କରି ଦେଇ ପାରେ,ସେହିଁ ପ୍ରକୃତ ଭଜନକାରୀ । କେବଳ ମୋ ଚିନ୍ତାରେ ମନୋନିବେଶ କଲେ, ମୋ ସ୍ୱରୂପ (ଚରମପ୍ରାପ୍ତି) ଲାଭ କରି ପାରିବ । ମୁଁ ମୋ ଅନ୍ତରର କଥା ତୁମକୁ କହିଲି । ଯେଉଁ ରହସ୍ୟକୁ ମୁଁ ଅନ୍ୟ ସମସ୍ତଙ୍କ ପାଖରେ ଗୋପନ ରଖି ଆସିଛି, ତା'କୁ ଲାଭ କରି ତୁମେ ବି ଆନନ୍ଦସ୍ୱରୂପ ହୋଇଯାଅ ।

ମୋଠାରେ ହୃଦୟ ଅର୍ପଣ କର, ମୋର ଭକ୍ତ ହୁଅ, ମୋର ପୂଜନଶୀଳ ହୁଅ, ମୋତେ ପୂଜା କର, ମୋତେ ହିଁ ପ୍ରଣାମ କର । ମୁଁ ସତ୍ୟ ପ୍ରତିଜ୍ଞା କରି କହୁଅଛି – ଏହା କଲେ, ମୋ ପ୍ରସାଦଲବ୍ଧ ଜ୍ଞାନ ଦ୍ୱାରା ତୁମେ ମୋତେ ହିଁ ପାଇବ, କାରଣ ତୁମେ ମୋର ପ୍ରିୟ । ତୁମର କୌଣସି ଭୟ ନାହିଁ, ତୁମେ ମୋର ଅଭୟ କୋଳ ନିଶ୍ଚୟ ପାଇବ । କେହି ତୁମର କିଛି ଅନିଷ୍ଟ କରି ପାରିବେ ନାହିଁ । ମୁଁ ତୁମକୁ ଭଲପାଏ । ତୁମେ ଅନ୍ତର ଓ ବାହାର ସର୍ବତ୍ର ମୋତେ ହିଁ ପୋଷଣ କର । ଆକାଶରେ ବାୟୁ ଯେପରି ସର୍ବବ୍ୟାପକ ସେହିପରି ସବୁ ସମୟରେ ଏବଂ ସବୁ କାମରେ ମୋ ସହିତ ମିଳିତ ହୋଇ ରହିଥାଅ । ତୁମ ମନକୁ ଏକମାତ୍ର ମୋ ମନ୍ଦିର କରି ରଖ । କେବଳ ମୋ କଥା ଶୁଣିବା ପାଇଁ କାନ ଡେରି ରହିଥାଅ । ଯେଉଁ ସାଧୁସନ୍ଥଙ୍କର ମନ ଆତ୍ମଜ୍ଞାନରେ ନିର୍ମଳ, ସେହିମାନଙ୍କ ପ୍ରତି ଦୃଷ୍ଟି ରଖ । କାରଣ, ସେମାନେ ହେଉଛନ୍ତି ମୋର ଛୋଟଛୋଟ ପ୍ରତିମା ସ୍ୱରୂପ ଅର୍ଥାତ୍ ସତ୍‌ସ୍ୱରୂପ । ନିଖିଳ ବିଶ୍ୱର ବିଶ୍ରାମସ୍ଥଳ ହେଉଛି ମୁଁ । ମୋର ଶୁଦ୍ଧ ନାମ ଯେପରି ଅବାଧରେ ପ୍ରବେଶ କରି ପାରିବ, ସେଥିପାଇଁ ତୁମ ଅନ୍ତର ଦ୍ୱାର ଖୋଲି ରଖ । ସ୍ଥିର ହୁଅ, ଧୀର ହୁଅ, ଅଚଞ୍ଚଳ ହୁଅ, ଲକ୍ଷ୍ୟ କରି ଦେଖ – ଆକାଶର ବାୟୁ ଓ ସାଗରର ତରଙ୍ଗର ମିଳନରେ ବାଧାବନ୍ଧ କିଛି ନାହିଁ । ଦେହଧର୍ମ ଯୋଗୁଁ ତୁମେ ଓ ମୁଁ ଅଲଗା ଅଲଗା ମନେ ହେଉଛି । କିନ୍ତୁ, ଦେହଭାବ ତୁଟିଗଲେ, ତୁମେ ଓ ମୋ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଆମେ ଦୁହେଁ ଏକ, ଅଭିନ୍ନ । ଶପଥ କରି କହୁଛି ଏଥିରେ ସନ୍ଦେହ କରିବାର କିଛି ନାହିଁ । ତୁମ ରାଣ (ମୋ ରାଣ) ଏଥିଲାଗି ମନରେ କୌଣସି ଶଙ୍କା ରଖ ନାହିଁ ।

ମନ ସଂଯତ କରିପାରିଲେ, ଶୁଦ୍ଧମନରେ ଠାକୁରଙ୍କର ଏହି ପ୍ରେମର ସଘନବାଣୀର ସତ୍ୟତା ଆମେ ନିଶ୍ଚିତ ରୂପେ ଉପଲବ୍ଧ କରିପାରିବା ।

***

# ଜିଜ୍ଞାସା : ଜିଜ୍ଞାସୁ

''ମୋଦ ଦିଏ ଯାହା ତାହା ମୋଦକ,
ଦଶ ମୋଦକକୁ ସାଧେ ସାଧକ ।।''

*ସନ୍ଦେଶ ପତ୍ରସ୍ଥ ଦଶମୋଦକ ମଧ୍ୟରୁ ଅନ୍ୟତମ ମୋଦକ –ଚରିତ୍ର ଗଠନ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତବାଣୀ ଅନୁସାରେ ଚରିତ୍ର ଏକ ଠୁଳ ବସ୍ତୁ ନୁହେଁ । ଏହା ଏକ ମହାଦ୍ରୁମ ସଦୃଶ । ଏହାର ଅନେକ ଶାଖା, ଅସଂଖ୍ୟ ପ୍ରଶାଖା ରହିଅଛି । ଦଶମୋଦକ ଅନ୍ତର୍ଗତ ପ୍ରତିଟି ମୋଦକକୁ ପ୍ରତ୍ୟେକ ସନ୍ଦେଶପତ୍ରଧାରୀ ପର୍ଯ୍ୟାୟାନୁକ୍ରମିକରେ ଗୋଟିଏ ପରେ ଗୋଟିଏ ସାଧନ କରି ଚାଲିଲେ ଆଧ୍ୟାତ୍ମିକ ଜଗତରେ ଯଥା କାଳକ୍ରମରେ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରି ଉର୍ଦ୍ଧମୁଖୀ ଲକ୍ଷ୍ୟପଥରେ ଆଗେଇ ଯାଇପାରିବ, ଏଥିରେ ସନ୍ଦେହ ନାହିଁ । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ''ଚରମ'' ପୃଷ୍ଠାରେ ''ଜିଜ୍ଞାସା:ଜିଜ୍ଞାସୁ:' ସ୍ତମ୍ଭରେ ଜଟାଣି ଦା'ଙ୍କର ସଂଗୃହୀତ ପ୍ରଶ୍ନ ଓ ଶ୍ରୀଗୁରୁସ୍ୱାମୀଙ୍କର ବୋଧଗମ୍ୟ ସରଳ ସହଜ ଉତ୍ତର ପତ୍ରସ୍ଥ ହୋଇ ଆସୁଅଛି । ଏହି ଆଚରଣୀୟ ବସ୍ତୁ ସକଳକୁ ଆମେ ପ୍ରତ୍ୟେକେ ସ୍ମରଣ ରଖି ପ୍ରତିଦିନର ପ୍ରତି ମୁହୂର୍ତ୍ତର ଆଚରଣରେ ଫୁଟାଇ ପାରିଲେ ପ୍ରକୃତ ଅର୍ଥରେ ଦିବ୍ୟାତ୍ମାରେ ରୂପାନ୍ତରିତ ହୋଇପାରିବୁ । ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ମଧ୍ୟ ସମ୍ଭବ ହୋଇ ପାରିବ ।*

**''ଚରମ'' : ଷଷ୍ଠପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନତ୍ରିଂଶତମ ସଂଖ୍ୟାର ଅନୁଶ୍ରୁତିରୁ :**

ଜିଜ୍ଞାସୁ : କର୍ମରୁ ଐଶ୍ୱର୍ଯ୍ୟ ନା ଐଶ୍ୱର୍ଯ୍ୟରୁ କର୍ମ ? କେଉଁଟା ଠିକ୍ ?

ଠାକୁର : ତୁମେ କ'ଣ କହୁଛ ?

ଜିଜ୍ଞାସୁ : ସମସ୍ତେ କହନ୍ତି କର୍ମରୁ ଫଳ । କିନ୍ତୁ ଆପଣ କହୁଛନ୍ତି ଐଶ୍ୱର୍ଯ୍ୟରୁ ଫଳ ଗୃହୀତ ହୋଇ କର୍ମରେ ପରିଣତ ହୁଏ ।

ଠାକୁର : ଦୁଇଟି ଯାକ କଥା ଠିକ୍ । ପ୍ରଥମ ସ୍ତରରେ ଆଗ ଫଳ ଗୃହୀତ ହୋଇ ପଛରେ କର୍ମ ସମ୍ପାଦନ ହୋଇଥାଏ । ଯଥା – ଶିଶୁଟିଏ ଜନ୍ମ ନେବାପୂର୍ବରୁ ମାତାଠାରେ କ୍ଷୀର ସଞ୍ଚାର ହୋଇଥାଏ । ଶିଶୁ ଏହି ଗୃହୀତ ଫଳରୁ କ୍ଷୀର ଖାଇ ବଢ଼ିଥାଏ । ବଡ଼ ହେଲାପରେ କର୍ମ କରି ଭୌତିକ ଫଳ ଅର୍ଜନ କରେ । ଏଣୁ ଐଶ୍ୱର୍ଯ୍ୟ ଫଳ କର୍ମର ପୂର୍ବରୁ ଗୃହୀତ ହୋଇଥାଏ । ଆଉ ଭୌତିକ ଫଳ ଜୀବର କର୍ମରୁ ଗୃହୀତ ହୋଇଥାଏ । ଧର୍ମଜ୍ଞାନ, ବିବେକ ଆଉ ଐଶ୍ୱର୍ଯ୍ୟର ଫଳ ଗୃହୀତ କରିବାର କ୍ଷମତା ମହତ୍ ବୁଦ୍ଧିକେନ୍ଦ୍ରରୁ ଉତ୍ପନ୍ନ ହୋଇଥାଏ । ତତ୍‌ସଙ୍ଗେ ସଙ୍ଗେ ମଧ୍ୟ ଏହାର ବିପରୀତ ତଥା ବ୍ୟାପକ ଫଳ ମଧ୍ୟ ଉତ୍ପନ୍ନ ହୋଇଥାଏ ।

ଜିଜ୍ଞାସୁ : ଏହି ବିପରୀତ ତଥା ବ୍ୟାପକ ଫଳ କ'ଣ ?

ଠାକୁର : ଧର୍ମର ବିପରୀତ ହେଉଛି ଅଧର୍ମ, ଅପର ପକ୍ଷରେ ବ୍ୟାପକ ଅର୍ଥରେ ଅନନ୍ତଧର୍ମ । ସେହିପରି ବିପରୀତ ଅର୍ଥରେ ଜ୍ଞାନର ଅଜ୍ଞାନ ଓ ବ୍ୟାପକ ଅର୍ଥରେ ଅନନ୍ତଜ୍ଞାନ । ବୈରାଗ୍ୟର ବିପରୀତ ଅବିବେକ ସଂଯୋଗ ଓ ବ୍ୟାପକ ଅର୍ଥରେ ଅନନ୍ତ ବିଷୟରେ ବିବେକ ସଂଯୋଗ । ସେହିପରି ଐଶ୍ୱର୍ଯ୍ୟର ଐଶ୍ୱର୍ଯ୍ୟବିହୀନ ଓ ବ୍ୟାପକ ଅର୍ଥରେ ଅନନ୍ତ ଐଶ୍ୱର୍ଯ୍ୟର ସମାହାର । ଏହିପରି କ୍ଷମତା ମହତ୍ ବୁଦ୍ଧି କେନ୍ଦ୍ରର ଅଛି । ଏକରୁ ଅନେକ ଓ ଅନେକରୁ ଏକ କରିବା ।

ଜିଜ୍ଞାସୁ : ଗୋଟିଏ କେନ୍ଦ୍ରରୁ ଦୁଇଟି ତତ୍ତ୍ୱ ଏକାବେଳେ କିଭଳି ଉଦ୍ଭବ ହୁଏ ।

ଠାକୁର : ବୁଦ୍ଧି ଉପରେ ତ୍ରିଗୁଣର ପ୍ରଭାବରୁ ଏହିପରି ଧର୍ମ, ଅଧର୍ମ, ଜ୍ଞାନ, ଅଜ୍ଞାନ ତତ୍ତ୍ୱ ଉତ୍ପନ୍ନ ହୁଏ ।

ଜିଜ୍ଞାସୁ : ଏହା କିପରି ସମ୍ଭବ ହୁଏ ?

ଠାକୁର : ପ୍ରଥମେ ତ୍ରିଗୁଣ କ'ଣ ଜାଣିଛ ? ତ୍ରିଗୁଣ ହେଲା – ସତ୍ତ୍ୱ, ରଜ, ତମ । ଏହି ଗୁଣମାନଙ୍କ ପାଇଁ ବୁଦ୍ଧିର ଏହିପରି ବୈଷମ୍ୟ ହୋଇଥାଏ । ଗୁଣ ସର୍ବଦା ପରିବର୍ତ୍ତନଶୀଳ ଅଟେ । ସେ ମୁହୂର୍ତ୍ତ ମଧ ସ୍ଥିର ନୁହେଁ । ଆହୁରି ମଧ ଗୁଣମାନେ କେତେବେଳେ ନ୍ୟୂନ ତ କେତେବେଳେ ଅଧିକ ଶକ୍ତି ସମ୍ପନ୍ନ ହୋଇଥାଆନ୍ତି, ପୁନଶ୍ଚ ପରସ୍ପର ସହିତ ମଧ ସଂଯୋଗ ହୋଇ ରହିଥାନ୍ତି । ଏହି ସଂଯୋଗ ଥିବା ଅବସ୍ଥାରେ ନିଜ ନିଜର ଧର୍ମକୁ ସ୍ୱତନ୍ତ୍ର ଭାବେ ବଜାୟ ରଖିବା ସହ ମିଳିତ ଭାବରେ ମଧ ଏକ ଧର୍ମ ପ୍ରକାଶ କରନ୍ତି । ପରସ୍ପର ପରସ୍ପରକୁ ସହଯୋଗ କରନ୍ତି ତଥା ନ୍ୟୂନାଧିକ ହେତୁରୁ ପରସ୍ପର ପରସ୍ପରର ମଧ ବିରୋଧ କରନ୍ତି ବା ବିରୋଧି ଭାବରେ କାର୍ଯ୍ୟ କରନ୍ତି ।

ଜିଜ୍ଞାସୁ : ଗୁଣମାନେ କିଭଳି ପରିବର୍ତ୍ତନଶୀଳ ଅଟନ୍ତି ?

ଠାକୁର : ଉଦାହରଣଟିଏ ଦେଉଛି ମନଦେଇ ଶୁଣ । କ୍ଷୀର ହେଉଛି ଏକ ମଧୁର ରସଯୁକ୍ତ ଖାଦ୍ୟ, କିନ୍ତୁ କିଛି ସମୟ ଏହାକୁ ରଖି ଦେଲେ ଏହି ମଧୁର ରସର ପରିବର୍ତ୍ତନ ହୋଇ ଖଟା ସ୍ୱାଦଯୁକ୍ତ ଦହିରେ ପରିଣତ ହୁଏ । ଆହୁରି ଏକ ଫଳ କଦଳୀର ଉଦାହରଣ ନେବା । କଦଳୀ କଞ୍ଚା ଅବସ୍ଥାରେ କଷା ଲାଗିଥାଏ କିନ୍ତୁ ତାହା କ୍ରମେ ପାଚିଗଲେ କଷା ସ୍ୱାଦର ପରିବର୍ତ୍ତନ ହୋଇ ମିଠା ଲାଗେ । ସେହିପରି ବାଲ୍ୟ ଅବସ୍ଥାରୁ ବୃଦ୍ଧାବସ୍ଥା, ମଞ୍ଜିଟିରୁ ବିରାଟ ଗଛର ସୃଷ୍ଟି । ଏହି ସବୁକୁ ପରିଣାମ ପ୍ରାପ୍ତ ବା ରୂପାନ୍ତରିତ କ୍ରିୟା କୁହାଯାଏ । ଏ ସୃଷ୍ଟିରେ ଯାହା ସବୁ ଦେଖୁଛ ସମସ୍ତ ଦୃଶ୍ୟମାନ ପଦାର୍ଥ ରୂପାନ୍ତରିତ କ୍ରିୟାରେ ପରିଣାମ ପ୍ରାପ୍ତ ହୁଅନ୍ତି ଏବଂ ଏହି ରୂପାନ୍ତରିତ କ୍ରିୟା ସୃଷ୍ଟିର ଆଦ୍ୟରୁ ଏ ପର୍ଯ୍ୟନ୍ତ ଚାଲୁ ରହିଅଛି ଓ ଅନନ୍ତ କାଳ ଧରି ଚାଲିବ ମଧ । ଏହି ସବୁ ଗୁଣମାନଙ୍କର ରୂପାନ୍ତରିତ କ୍ରିୟାର ଫଳ । ଏଣୁ ଗୁଣ ସଦାସର୍ବଦା ପରିବର୍ତ୍ତନଶୀଳ ।

ଜିଜ୍ଞାସୁ : ଏହି ଗୁଣମାନଙ୍କର ଏଭଳି ପରିବର୍ତ୍ତନ କ୍ରିୟା ହେତୁ ସୃଷ୍ଟିର ତଥା ବାସ କରୁଥିବା ସମସ୍ତ ପ୍ରାଣୀର ସ୍ୱରୂପରେ ପରିବର୍ତ୍ତନ ହୋଇଥାଏ କି ?

ଠାକୁର : ହଁ, ଯେ ହେତୁ ସମସ୍ତ ପ୍ରାଣୀ ତ୍ରିଗୁଣ ଯୁକ୍ତ ଅଟନ୍ତି ତେଣୁ ଏପରି ପରିବର୍ତ୍ତନ ହୋଇଥାଏ ।

ଜିଜ୍ଞାସୁ : ଗୁଣମାନେ ନ୍ୟୂନାଧିକ ଅର୍ଥାତ୍ କମ୍ ବେଶୀ ଶକ୍ତି ସମ୍ପନ୍ନ କିପରି ହୁଅନ୍ତି ?

ଠାକୁର : ଚେତନ ପୁରୁଷର ପ୍ରଭାବରେ ପ୍ରକୃତିସ୍ଥ ଗୁଣ ସମୂହ ଉତ୍ତେଜିତ ବା ଉଦ୍ରେକ ହୋଇଥାଆନ୍ତି । ଲୁହାଛଡ଼କୁ ଯେପରି ନିଆଁରେ ପକାଇଲେ, ଅଗ୍ନିର ପ୍ରଭାବରେ ତାହା ଗରମ ହୋଇ ନିଆଁଭଳି ହୋଇଯାଏ ସେହିପରି ଚେତନ୍ୟ ପୁରୁଷର ପ୍ରଭାବରେ ରଜଗୁଣ ଉତ୍ତେଜିତ ହୋଇ ଚୈତନ୍ୟ ଯୁକ୍ତ ହେବାରୁ ଶକ୍ତିଶାଳୀ ହୋଇ ଅନ୍ୟ ଦୁଇଗୁଣ ସତ୍ତ୍ୱ ଓ ତମକୁ ଉତ୍ତେଜିତ କରିଥାଏ । ପ୍ରଥମେ ରଜଗୁଣ ଶକ୍ତିଶାଳୀ ହୋଇ ନ୍ୟୂନ ଥିବା ସତ୍ତ୍ୱଗୁଣ ଉପରେ ପ୍ରଭାବ ବିସ୍ତାର କରିଥାଏ । ତତ୍ପରେ ଉଭୟ ରଜ ଓ ସତ୍ତ୍ୱଗୁଣ ଶକ୍ତିଶାଳୀ ହୋଇ ତମ ଗୁଣକୁ ଉତ୍ତେଜିତ କରିଥାଆନ୍ତି । ଏହି କାରଣରୁ ଗୁଣମାନଙ୍କର ନ୍ୟୂନାଧିକ ହୋଇଥାଏ । ରଜଗୁଣ ଯାହା ସାଥିରେ ମିଶିଯାଏ ସେହି ଗୁଣର ପ୍ରାବଲ୍ୟ ପରିଲକ୍ଷିତ ହୋଇଥାଏ ।

ଜିଜ୍ଞାସୁ : ଗୁଣମାନଙ୍କର ସ୍ୱତନ୍ତ୍ର ଧର୍ମ ସବୁ କ'ଣ ଓ କାହା ଦ୍ୱାରା କେଉଁ କାର୍ଯ୍ୟ ସମ୍ପାଦନ ହୁଏ ?

ଠାକୁର : ସତ୍ତ୍ୱଗୁଣ ପ୍ରକାଶକ ଅଟେ । ଏହା ହାଲୁକା ଓ ଶ୍ୱେତବର୍ଣ୍ଣ ହେତୁ ବିକର୍ଷକ ଅଟେ । ଅର୍ଥାତ୍ ଶ୍ୱେତବର୍ଣ୍ଣ ଯେପରି ସୂର୍ଯ୍ୟରଶ୍ମିକୁ ଧାରଣ ନ କରି ବିକର୍ଷଣ କରିଥାଏ ସେହିପରି ସତ୍ତ୍ୱଗୁଣ ଶ୍ୱେତବର୍ଣ୍ଣ ହେତୁ ସମସ୍ତ ବିଷୟକୁ ଉତ୍ପନ୍ନ କରି ଅନ୍ତରୀକ୍ଷକୁ ପ୍ରେରଣ କରିଥାଏ । କୌଣସି ବିଷୟକୁ ଗ୍ରହଣ କରେ ନାହିଁ ବରଂ ନିଜେ ଗ୍ରାହ୍ୟ ରୂପେ ଅନ୍ୟ ଗ୍ରହଣ ହୋଇଥାଏ । ପ୍ରସନ୍ନତା, ସ୍ୱଚ୍ଛତା, ପ୍ରୀତି, ତିତିକ୍ଷା, ସୁଖାତ୍ମକ ଓ ସନ୍ତୋଷାଦି ବହୁ ଦିବ୍ୟ ପ୍ରତିଭାର ପୂର୍ଣ୍ଣ ଥାଇ ମୋଟାମୋଟି ସୁଖାତ୍ମକ ବୋଲି ବୁଝ ।

ଜିଜ୍ଞାସୁ : ତମଗୁଣ ସମ୍ପର୍କରେ କୁହନ୍ତୁ ।

ଠାକୁର : ତମଗୁଣ ଗୁରୁ (ଭାରି) । ପ୍ରକାଶକର ପ୍ରତିବନ୍ଧକ । କୃଷ୍ଣବର୍ଣ୍ଣ ହେତୁ ବିକର୍ଷକ ଅଟେ । ମୋହରୂପୀ (ଜଡ଼ିତ ରହିବା) ନିଦ୍ରା, ତନ୍ଦ୍ରା, ଆଳସ୍ୟ, ମନ୍ଦ ବୁଦ୍ଧି, ପ୍ରଭୃତି ନାନାଭେଦ ଥିଲେ ମଧ୍ୟ ମୋଟା ମୋଟି ମୋହାତ୍ମକ ବୋଲି ବୁଝ ।

ଜିଜ୍ଞାସୁ : ଏବେ ରଜଗୁଣ ସମ୍ପର୍କରେ କୁହନ୍ତୁ ।

ଠାକୁର : ରଜଗୁଣର ବିଶେଷ କାର୍ଯ୍ୟ ହେଲା ସତ୍ତ୍ୱ ଓ ତମର ସଂଯୋଗ । ବଳ ଓ ବାଧାର ସମାବେଶ କାରକ, ଚଳନଶୀଳ, ଶୋକାତ୍ମକ, ପ୍ରେରଣାଦାୟକ ଏହିପରି ନାନା ଭେଦଥିଲେ ମଧ୍ୟ ମୋଟାମୋଟି ଦୁଃଖାତ୍ମକ ବୋଲି ବୁଝ ।


ଜିଜ୍ଞାସୁ : ଗୁଣକ୍ରିୟାର ପ୍ରଭାବରେ ବୁଦ୍ଧିରେ ବୈଷମ୍ୟ ସୃଷ୍ଟି ହୁଏ କି ?

ଠାକୁର : ହଁ । ଏହି ଗୁଣମାନଙ୍କ ପାଇଁ ବୁଦ୍ଧିରେ ବିଷମତା ସୃଷ୍ଟି ହୁଏ । ଯଥା ଧର୍ମ-ଅଧର୍ମ, ଜ୍ଞାନ-ଅଜ୍ଞାନ ଇତ୍ୟାଦି । ସତ୍ତ୍ୱଗୁଣର ବିଷମତାରୁ ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ ସୃଷ୍ଟି ହେଉଥିବା ସ୍ଥଳେ, ତମଗୁଣରୁ ତାର ବିପରୀତ ଅଧର୍ମ, ଅଜ୍ଞାନ, ଅନୈଶ୍ୱର୍ଯ୍ୟ ଇତ୍ୟାଦି ସୃଷ୍ଟି ହୋଇଥାଏ । ରଜଗୁଣ ଅନ୍ୟ ଦୁଇଗୁଣର ସଂଯୋଜକ ହୋଇଥିବାରୁ ତହିଁରୁ ଅନନ୍ତ ତଥା ବ୍ୟାପକତା ସୃଷ୍ଟିହୁଏ ଯଥା ଅନନ୍ତ ଧର୍ମ, ଅନନ୍ତ ଜ୍ଞାନ ଇତ୍ୟାଦିର ତତ୍ତ୍ୱ ସୃଷ୍ଟି ହୋଇଥାଏ ।

❋❋❋

ଜନମ ଠାରୁ ମରଣ ଯାଏ ।
ଜଞ୍ଜାଳ ଝଡ଼ ବୁଦ୍ଧି ବଡାଏ ।।
ବୁଦ୍ଧି ବଳରେ ବାଛିବୁ ଯେବେ ।
ବୋଧ ସାଗରେ ପାଇବୁ ତେବେ ।।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



ଜନନୀ ଜରାୟୁ ତତ୍ତ୍ୱ ଅନାଦି ଅନନ୍ତ । ପ୍ରଭୁକୃପାରୁ ଯେ ଜାଣେ ସେହି ଭାଗ୍ୟବନ୍ତ ।
ଅନନ୍ତ ଅସୀମ ପୁଣି ତାହା ଅସମାପ୍ତ । ସାଧ କା'ର ଅଛି ତାହା କରିବ ଆୟତ୍ତ ।
ଧନ୍ୟ ପ୍ରଭୁ କୃପାକରି ଦେଉଛ ବୁଝାଇ । ଧନ୍ୟ କରୁଛ ଆମକୁ ବ୍ୟାଖ୍ୟା ତା'ର ଦେଇ ।
ତୁମେ ହିଁ ତ ତାତମାତ ହିରଣ୍ୟ ଗରଭ । ତୁମ ପାଦେ ଠୁଳ ସବୁ ସିଦ୍ଧି ବଇଭବ ।

*ଅନାଦି ଅନନ୍ତ ଅସମାପ୍ତ ଏବଂ ଏଯାବତ୍ ଅସମାହିତ ଜନନୀ ଜଠର ଜରାୟୁ ତତ୍ତ୍ୱ 'ଚରମ'ର ଏହି ସ୍ତମ୍ଭରେ ନିୟମିତ ଧାରାବାହିକ ଭାବରେ ପ୍ରକାଶ ହୋଇ ଆସୁଅଛି । ପରମ କାରୁଣିକ ଠାକୁରେ ଜଗତର କଲ୍ୟାଣ ନିମନ୍ତେ ଏହି ଅବ୍ୟକ୍ତ ପରମ ତତ୍ତ୍ୱକୁ ଯଥା ସମ୍ଭବ ସହଜ ସୁନ୍ଦର ଭାବ ଓ ଭାଷାରେ ପ୍ରକାଶ କରି ଆମମାନଙ୍କର ମଙ୍ଗଳ ଓ ଆଧାତ୍ମିକ ଉନ୍ନୟନ ବିଧାନ କରୁଛନ୍ତି । ଅଧ୍ୟାତ୍ମବାଦୀ ପରମାର୍ଥୀ ଭକ୍ତ, ଶିଷ୍ୟ, ଅନୁଗତ ଭାଇଭଉଣୀମାନେ ଏହି ଅଧ୍ୟାୟକୁ 'ଚରମ'ର ପ୍ରଥମ ସଂଖ୍ୟାରୁ ନିୟମିତ ବାରମ୍ବାର ପଠନ ଅଭ୍ୟାସ ଜାରି ରଖିଲେ, ଏହାର ପ୍ରକୃତ ମଧୁର ରସ ଆସ୍ୱାଦନ କରିବା ସହିତ ସୃଷ୍ଟିତତ୍ତ୍ୱର ଗୂଢ ରହସ୍ୟ ଅବଶ୍ୟ ଉପଲବ୍ଧ କରିପାରିବେ – ଏହା ଆମର ଦୃଢ଼ ବିଶ୍ୱାସ ।*

'ଚରମ' : ଷଷ୍ଠ ପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନତ୍ରିଂଶତମ ସଂଖ୍ୟାର ଅନୁବୃତ୍ତିରୁ :

## ଜନନୀ, ଜଠର, ଜରାୟୁ

### ରକ୍ତୁଗୁର୍ଜରୀ କୋଷ : (୪୦) (୩) ମୈତୀମାୟା ସ୍ନାୟୁ

ଜୀବ ଧରାପୃଷ୍ଠରେ ଜନ୍ମଲାଭ କରିବା ପରେ ପିଣ୍ଡସ୍ଥ କୋଷ, କୋଷକେନ୍ଦ୍ର, ସ୍ନାୟୁ ଓ ସ୍ନାୟୁମଣ୍ଡଳାଦି ଦ୍ୱାରା ପରିଚାଳିତ ହୋଇଥାଏ । ଏହା ସତ୍ୟ, ମାତ୍ର ଜୀବ ସ୍ୱାଧୀନରେ ରହି ନିୟନ୍ତ୍ରଣହୀନ ଚିନ୍ତା, ବାକ୍ୟ ଓ କର୍ମାଦି କରିବା ଫଳରେ ଅଧିକ ସୁପ୍ରଭାବଶାଳୀ କୋଷ ଓ ସ୍ନାୟୁ କ୍ରମଶଃ ନିଷ୍କ୍ରିୟ ହୋଇଯାଏ । ତେଣୁ ଜୀବ ନାନା ପ୍ରକାର ଦୁଃଖଦୁର୍ଦ୍ଦଶା ଓ ଦୁଶ୍ଚିନ୍ତାଗ୍ରସ୍ତ ହୋଇ ବିଷାଦପୂର୍ଣ୍ଣ ଜୀବନଯାପନ କରେ । ଅନ୍ୟ ପକ୍ଷରେ ଜୀବ ସ୍ୱ (ଶ୍ରୀଗୁରୁସ୍ୱାମୀ)ଙ୍କ ଅଧୀନରେ ରହି କର୍ମଯୋଗ ଓ ଧର୍ମଧାରା ଅଭ୍ୟାସ ଦ୍ୱାରା କ୍ରମଶଃ ନିୟନ୍ତ୍ରଣାଧୀନ ଚିନ୍ତନ, ବଚନ ଓ କର୍ମ କରିବା ଫଳରେ ସୁପ୍ରଭାବଶାଳୀ କୋଷ ଓ ସ୍ନାୟୁ ସକଳ କ୍ରମଶଃ ସକ୍ରିୟ ହୋଇଥାଆନ୍ତି ଏବଂ କୁପ୍ରଭାବଶାଳୀ କୋଷ ସକଳ ଓ ସ୍ନାୟୁମଣ୍ଡଳ ଧିରେ ଧିରେ ନିଷ୍କ୍ରିୟ ହୋଇଯାଆନ୍ତି । ନିୟମିତ କର୍ମଯୋଗ ଓ ଧର୍ମଧାରା ଅଭ୍ୟାସ ଫଳରୁ ବ୍ୟକ୍ତି ଅନ୍ୟମାନଙ୍କୁ ନିଷ୍କପଟ ଭାବରେ ଅନ୍ତର ଦେଇ ଭଲ ପାଏ, ତା'ର ଆଚରଣ ସରଳସୁନ୍ଦର ନମନୀୟ ହୋଇଯାଏ, ଅନ୍ତଃକରଣ ପରିଶୋଧିତ ହୋଇ ଶୁଦ୍ଧ ହୋଇଯାଏ ଏବଂ ପରିଶେଷରେ ସେ ଏକ ଶୁଦ୍ଧ, ପବିତ୍ର ଜୀବନର ଅଧିକାରୀ ହୋଇ ମାନବ ଜନ୍ମ ଓ ଜୀବନକୁ ସଫଳ ସାର୍ଥକ କରିବା ସହିତ ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମ ପ୍ରାପ୍ତି କରେ । ଏହା ଅବଶ୍ୟ ସତ୍ୟ ସିଦ୍ଧାନ୍ତ ତତ୍ତ୍ୱ ଅଟେ ।

ରକ୍ତୁଗୁର୍ଜରୀ କୋଷ ଅନ୍ତର୍ଗତ ମୈତୀମାୟା ସ୍ନାୟୁର ପ୍ରଭାବରୁ ଶିଶୁ ଜନନୀର ଜରାୟୁରେ ଥାଇ ହିରଣ୍ୟଗର୍ଭରେ ଥିବା ସହସ୍ରବାହୁଦି (ଏକ ମଣ୍ଡଳ) କର୍ମର ବର୍ଣ୍ଣକୁ ଚୈତନ୍ୟରେ ଆଲୋକ ଭାବେ ଅନୁଭବ କରେ । ଶିଶୁ ସେହି ସହସ୍ରବାହୁଦି କର୍ମର ଗୈରିକ ବର୍ଣ୍ଣକୁ ଜନନୀର ଜରାୟୁରେ ଥାଇ ଦର୍ଶନ କରେ । ଏହି ଦର୍ଶନରେ ଜୀବର ମତି

ଅମୃତ ଆନନ୍ଦରେ ଆଚ୍ଛନ୍ନ ହୋଇଯାଏ । ଏହି ବିଚ୍ଛୁରିତ ଆନନ୍ଦ ଶିଶୁ ଭୂମିଷ୍ଠ ହୋଇ ପିଣ୍ଡର ବୃଦ୍ଧି ସହିତ ସମତାଳରେ ସୂକ୍ଷ୍ମ ଆକାର ଧାରଣ କରି ଜୀବର ମୈତୀମାୟା ସ୍ନାୟୁରେ ବିଶ୍ରାମ ନିଏ । ବିଶ୍ରାମ ସମୟରେ ଚେତାପୁରୁଷ ବ୍ରହ୍ମ (ମାୟାରୂପ) ପ୍ରଥମେ ମୈତୀମାୟା ସ୍ନାୟୁରେ ଗୈରିକ ବର୍ଣ୍ଣରେ ଘୁରିବୁଲେ । ଏହାଦ୍ୱାରା ଚେତାପୁରୁଷ ଜୀବପିଣ୍ଡରେ ସୂକ୍ଷ୍ମରେ ପିଣ୍ଡପୁରୁଷ ରୂପରେ ଗଠିତ ହୋଇଯାଏ । ଏହା ସୂକ୍ଷ୍ମ ଓ ଗୋପନରେ ଜୀବର ମସ୍ତିଷ୍କରେ ଗୁଡ଼େଇ ହୋଇ ରହିଥାଏ । ଭୂମିଷ୍ଠ ପରେ ଏହା ଶିଶୁକୁ ମୂକ କରିଦିଏ । ଶୈଶବାବସ୍ଥାରେ ଶିଶୁର ୩ବର୍ଷ ୭ମାସ ପର୍ଯ୍ୟନ୍ତ ପିଣ୍ଡସ୍ଥ ମୈତୀମାୟା ସ୍ନାୟୁ ମସ୍ତିଷ୍କରେ ଥିବା ଶବ୍ଦନାଦକୁ ସଂଯୋଗ କରି ଗୁଣଭାବକୁ ଲୋଡ଼େ । ଏହି ଅବସ୍ଥାରେ ଶିଶୁକୁ କଥା କହିବାର ଅଭ୍ୟାସ ଶିକ୍ଷା ଦେଲେ, ସେ ଧିରେ ଧିରେ ଖନେଇ ଖନେଇ କଥା କହେ । ଶିଶୁ ଜରାୟୁର ଅନୁଭୂତି ସ୍ମରଣରେ ରଖିଥିଲେ ମଧ୍ୟ ଭୂମିଷ୍ଠ ପରେ କ୍ରମଶଃ ଏହା ବିସ୍ମରଣ ହୋଇଯାଏ ଓ ତୁଣ୍ଡରେ ଶବ୍ଦ ତୋଳି କଥା କହିବା ଆରମ୍ଭ କରିବା ସମୟକୁ ସଂପୂର୍ଣ୍ଣ ପାଶୋରି ଯାଇଥାଏ । ମୈତୀମାୟା ସ୍ନାୟୁ ଶିଶୁକୁ କଥା କହିବାରେ ସାହାଯ୍ୟ କରେ । ଶିଶୁର ଜିହ୍ୱା ଶବ୍ଦ ତୋଳିବାର ପ୍ରତି ମୁହୂର୍ତ୍ତରେ ବର୍ଣ୍ଣାଳ ସଂସ୍କାର ସାହାଯ୍ୟ ଲୋଡ଼ିଥାଏ ।

**ମୈତୀମାୟା ସ୍ନାୟୁର କାର୍ଯ୍ୟ :**

ଜନନୀର ଜରାୟୁରେ ସୂକ୍ଷ୍ମଭାବରେ ମୈତୀମାୟା ସ୍ନାୟୁ ଗୈରିକ ବର୍ଣ୍ଣ ଧାରଣ କରିଥାଏ । ସ୍ଥୂଳରେ ଏହା ମିଥ୍ୟା ରୂପକୁ ଶକ୍ତ ରଖେ । ତା ପରବର୍ତ୍ତୀ ଅବସ୍ଥାରେ ଏହା ବ୍ୟକ୍ତି ମନର ଗୋପନୀୟ (ତଥ୍ୟ) ସବୁକୁ ସଦ୍‌ରେ ପ୍ରକାଶ କରିବାକୁ ବାଧ୍ୟ ହୁଏ । ଏହି ସ୍ନାୟୁ ବ୍ୟକ୍ତିର ସ୍ୱାର୍ଥବୁଦ୍ଧିକୁ ବାଧାପ୍ରାପ୍ତ କରାଏ । ଏହି ସ୍ନାୟୁ ବ୍ୟକ୍ତି ମଧ୍ୟରେ ସକ୍ରିୟ ଥିଲେ, ବ୍ୟକ୍ତି ମିଥ୍ୟାଚାର ଦ୍ୱାରା ସ୍ୱାର୍ଥ ସିଦ୍ଧି କରିପାରେ ନାହିଁ । ସଂସାର ପଥରେ ଆଦଯାତ ହେଉଁ ହେଉଁ ଜାଗତିକ ଭାବଦ୍ୱାରା ଜୀବ ମିଥ୍ୟା ରୂପରେଖ ଗ୍ରହଣ କରେ । ମିଥ୍ୟାଚାର ଦ୍ୱାରା ସ୍ୱାର୍ଥ ମଧ୍ୟ ହାସଲ ହୁଏ । ସ୍ୱାର୍ଥ ଜୀବକୁ ନଷ୍ଟ ପଥରେ ଗତି କରାଏ । ଏହି ସମୟକୁ ଜୀବ ମଧ୍ୟରେ ଥିବା ବିକେନ୍ଦ୍ରିୟ ବୃତ୍ତିର ସ୍ନାୟୁ ଭାବ ତୋଳିଥାଏ । ଏହି ସମୟକୁ ଗୁରୁ ଗ୍ରହଣ କରି ବ୍ୟକ୍ତି ଧର୍ମଧାରା ଧରି ଅନୁଶାସନ ମଧ୍ୟରେ ରହିଗଲେ ବିକେନ୍ଦ୍ରିୟ ସ୍ନାୟୁକୁ ନିଷ୍କ୍ରିୟ କରି ସତ୍ୟେନ୍ଦ୍ରିୟ ସ୍ନାୟୁକୁ ସକ୍ରିୟ କରିପାରିବ । ଏହି ଭାବ ପରିବର୍ତ୍ତନ ଅବସ୍ଥାରେ ଯେଉଁ ଜୀବ ତାହିଁବ, ସେ ସଦ୍‌ଭାବକୁ ଦୃଢ଼ ରଖି ପାରିବ ।

ଉଦାହରଣ ସ୍ୱରୂପ - ଜଣେ ବ୍ୟକ୍ତି ଧିରେ ଧିରେ ଚୋରି କରିବାର ଭାବ ଅନ୍ତଃକରଣରେ ସଞ୍ଚୟ କରୁଛି । ଏହା ତା'ର ବିକେନ୍ଦ୍ରିୟ ବୃତ୍ତିର ଭାବରୁ ତା' ମଧ୍ୟରେ ଭାବ ତୋଳୁଛି । ପରଧନ ଅପହରଣ କରିବାର ଭାବ ତା' ମଧ୍ୟରେ ଦୃଢ଼ ହେଉଛି । ଏହି ଭାବକୁ ସେ ସ୍ଥୂଳ କର୍ମରେ ପରିଣତ କରୁଛି । ଫଳରେ ସେ ଚୋରି ହିଁ କରୁଛି । ଥରେ ଦୁଇଥର ଚୋରି କରିବା ପରେ ବା ପୂର୍ବରୁ ଭାବ ତରଙ୍ଗାୟିତ ଅବସ୍ଥାରେ ପ୍ରାଥମିକ ପର୍ଯ୍ୟାୟରେ ସେ ବ୍ୟକ୍ତି ଦୃଢ଼ତାର ସହିତ ସଂଯମ ରକ୍ଷା କରି ନିଜର ମନୋଭାବକୁ ନିୟନ୍ତ୍ରଣ କରି ପାରିଲେ, ଚୋରି ବା ସ୍ୱାର୍ଥପର ଭାବ ମଉଳି ଯାଇ ଲୋପ ପାଇଯାଏ । ବିକେନ୍ଦ୍ରିୟ ସ୍ନାୟୁରୁ ଜାତ ଭାବକୁ ଦୁର୍ବଳ କରିବାର ଏହାହିଁ ସାଧନା । ଏହି ସାଧନା ଅଭ୍ୟାସ ନ କରି ବ୍ୟକ୍ତି ଯଦି ବାରମ୍ବାର ଚୋରି, ବ୍ୟଭିଚାର, ସ୍ୱାର୍ଥପରତା କରିଚାଲେ, ତେବେ ବିକେନ୍ଦ୍ରିୟ ବୃତ୍ତି ସବଳ ଶକ୍ତ ଓ ଦୃଢ଼ ହୋଇଥାଏ ଏବଂ ତଦ୍ଦ୍ୱାରା ମୈତୀମାୟା ସ୍ନାୟୁର ବିକୃତ ଭାବ ମଧ୍ୟ ଶକ୍ତ ହୋଇଯାଏ । ଜଗତରେ ସକଳ ଦୁଷ୍କର୍ମ ଓ ଦୁଷ୍କୃତିର ଏହାହିଁ  ମୌଳିକ ସୂତ୍ର ଅଟେ । ତେଣୁ ଜୀବ ପାଇଁ ସଂସାର ପଥରେ ଗୁରୁବରଣ ଓ ସାଧନା ଅଭ୍ୟାସ ଏକାନ୍ତ ପ୍ରୟୋଜନ । ଏହାଦ୍ୱାରା ସଂସାରରୁ ପାପାଚାର ଓ ଭ୍ରଷ୍ଟାଚାର ବିଲୋପ କରାଯାଇପାରେ ।

ମୈତୀମାୟା ସ୍ନାୟୁର ବିକୃତ ଭାବ ଜୀବର ଐଶ୍ୱର୍ଯ୍ୟହାନି କରେ । ମୁହୂର୍ତ୍ତ ଚଳିବା ମାତ୍ର ସାର ହୁଏ । ଏ ଓଳି ଖାଇଲେ ଆର ଓଳି କ'ଣ ଖାଇବ ସେ ଚିନ୍ତାରେ ଜୀବ ଘାରି ହୁଏ । ପରିବାର ପରିପୋଷଣ ପାଇଁ ନାନା ପ୍ରକାର ମିଥ୍ୟାଚାର, ପାପାଚାର, ଭ୍ରଷ୍ଟାଚାରର ଆଶ୍ରୟ ନିଏ । ତଥାପି ତା'ର ଗୁଳୁରାଣ ମେଣ୍ଟେ ନାହିଁ । ବାର୍ଦ୍ଧକ୍ୟ ଅବସ୍ଥାରେ ଅନାହାର/ଅର୍ଦ୍ଧାହାରରେ ଜୀବନ ଅତିବାହିତ କରେ । ତା'ର ସନ୍ତାନସନ୍ତତି ବଂଶାନୁକ୍ରମେ/ପୁରୁଷାନୁକ୍ରମେ ଜୀବନଯାତ୍ରା ପଥରେ ଦାରିଦ୍ର୍ୟ ଭୋଗ କରନ୍ତି । ମାତ୍ର ବ୍ୟକ୍ତି ଜୀବନକାଳରେ ସଦ୍‌ବଚନ, ସଦ୍‌ଚିନ୍ତନ ଓ ସଦ୍‌କର୍ମରେ ଥିଲେ, ମୈତୀମାୟା ସ୍ନାୟୁ ସତ୍ୟେନ୍ଦ୍ରିୟ ବୃତ୍ତିକୁ ଶକ୍ତି ଓ ପ୍ରେରଣା ଯୋଗାଇ ସାତ୍ତ୍ୱିକ ଗୁଣକୁ ଦୃଢ଼ କରେ ।(କ୍ରମଶଃ)



# କଲ୍ୟାଣ ଦେଉଛି ତୋତେ

କି ସୁନ୍ଦର, କି ଆନନ୍ଦମୟ ଏହି ବିଶାଳ ସୃଷ୍ଟି । ସୃଷ୍ଟିର ଆଦିମୂଳରେ ରହିଛି ସ୍ରଷ୍ଟାଙ୍କର ମଙ୍ଗଳମୟ କରୁଣା ସ୍ପର୍ଶ ପାଇଁ । ପ୍ରଶାନ୍ତ ସାଗର, ଅନନ୍ତ ଆକାଶ, ଜଳ, ସ୍ଥଳ, ବନଗିରି, ବୃକ୍ଷ, ଲତା ସବୁଠି ସେହିଁ ବିରାଜି ଅଛନ୍ତି । ଏହାହିଁ ତାଙ୍କର ପରମ ଓ ଚରମ ଅଲୌକିକତା । ଲୌକିକ ବୁଦ୍ଧିରେ ଏହା ସାଧାରଣ ଭଳି ଜଣାଯାଏ ସତ, ମାତ୍ର ଗଭୀର ଭାବରେ ଚିନ୍ତା କରି ବିଚାରି ଦେଖିଲେ ଏ ସକଳ ମଧ୍ୟରେ ଅସାଧାରଣ ଅଲୌକିକତା ସ୍ପଷ୍ଟ ବାରି ହୋଇ ପଡ଼େ । କରୁଣାମୟ ପ୍ରଭୁଙ୍କର ଏହାହିଁ ଆମ୍ଭମାନଙ୍କ ପ୍ରତି ଦିବ୍ୟ କଲ୍ୟାଣ । ଏହି ଦିବ୍ୟ କଲ୍ୟାଣ ଲାଭ କରି ଆମ୍ଭେମାନେ ଧନ୍ୟ । ଧନ୍ୟ ଆମର ଜନ୍ମ, ଧନ୍ୟ ଆମର ଜୀବନ ।

'ଚରମ'ରେ ଧନ ମୋର ! କହୁଅଛି ଶୁଣ । ଅଲୌକିକ କଥା ଯାହା ଲୌକିକତା ପୁଣ ॥
ବନଗିରି ବୃକ୍ଷଲତା ସରିତ ସାଗର । ତୋ 'ବିଚାରେ ତୋ ଦୃଷ୍ଟିରେ ଲୌକିକ ମାତର ॥
କେତେ ପଶୁପକ୍ଷୀ କୀଟ କେତେ ଯେ ପତଙ୍ଗ । କେତେ କେତେ ସରୀସୃପ କେତେ ଭଳି ରଙ୍ଗ ॥
ଫୁଲ ଫଳ ପତ୍ର ଆଦି କେତେ ରଙ୍ଗ ରସ । କେତେ ଢଙ୍ଗେ କେତେ ରଙ୍ଗେ କେତେ ଯେ ସୁବାସ ॥
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରା କେତେ ପ୍ରକାରରେ । ନିଖିଳ ବିଶ୍ୱ ବିଧାତା କେତେ ଆକାରରେ ॥
ପ୍ରକାଶନ୍ତି ନିଜ ଛବି ପ୍ରତି ମୁହୂର୍ତ୍ତରେ । ଖୋଜିଲେ ପାଇବୁ ଧନ ଲୋଡ଼ିଲେ ଆର୍ତ୍ତରେ ॥
ଇନ୍ଦ୍ରଧନୁ ବର୍ଣ୍ଣଛଟା ବିଜୁଳି ଝଲକ । ସୁମିଷ୍ଟ ଫଳାଦି ରସ ଫୁଲର ମହକ ॥
କୋକିଳ ପଞ୍ଚମ ତାନ ସିଂହ ଗରଜନ । ମୟୁର ଚନ୍ଦ୍ରିକା ରଂଗ ପ୍ରକୃତି ରଞ୍ଜନ ॥
ସୂର୍ଯ୍ୟତାପ ସହିତରେ ଚନ୍ଦ୍ରର ଚନ୍ଦ୍ରିକା । ପ୍ରାବୃଟେ ମେଘମାଳାର ଗର୍ଜନ ମନ୍ଦ୍ରିକା ॥
ସାଗରର ଲୁଣିଜଳ ନଦୀର ମଧୁର । ରାତ୍ରିରେ ବିରହ ଜ୍ୱାଳା ଚକୋର ବଧୂର ॥
ବୀଜରୁ ଅଙ୍କୁର ପୁଣି ଅଙ୍କୁରରୁ ବୃକ୍ଷ । ବୃକ୍ଷରେ ଫୁଲ, ଫୁଲରୁ ଫଳଟି ପ୍ରତ୍ୟକ୍ଷ ॥
ଫଳରୁ ବୀଜଟି ପୁଣି ହୋଇ ଥାଏ ଧନ । ସକଳ ଏ ଅଲୌକିକ ଘେନି ଥାଅ ମନ ॥

ଏଥରକ ଏହିତକ ଧନରେ ଘେନିଥା ।
କଲ୍ୟାଣ ଦେଉଛି ତୋତେ ତୋ' ପରମ ପିତା ॥

# କେଶବ କୈବଲ୍ୟ କଣିକା

*ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀ ଠାକୁରେ ଆଶ୍ରମାଗତ ଗୁରୁଭାଇଭଉଣୀ ଏବଂ ଆଗନ୍ତୁକ ଅନୁଗତମାନଙ୍କ ସହିତ ନାନା ପ୍ରସଂଗରେ ଆଲୋଚନା ରତ ଥିବା ସମୟରେ, ଅଧର ପଲ୍ଲବରୁ ଝରିପଡ଼େ ମହାମୂଲ୍ୟ ମଣିମୁକ୍ତା ତୁଲ୍ୟ ମହାର୍ଘ୍ୟ ବାଣୀ । ସେହି ମୂଲ୍ୟବାନ ବାଣୀଗୁଡ଼ିକୁ ସଂଗ୍ରହ କରାଯାଇ ସଂରକ୍ଷିତ କରାଯାଇଛି । ପ୍ରିୟ ପାଠକପାଠିକାମାନଙ୍କର ଅବଗତି ନିମନ୍ତେ 'ଚରମ' ପୃଷ୍ଠାରେ ଏହି ଶୀର୍ଷକ କ୍ରମରେ ତାହା ନିୟମିତ ପ୍ରକାଶ ହୋଇ ଆସୁଛି । ଏହି କୈବଲ୍ୟ କଣିକା ଗୁଚ୍ଛ ନିତ୍ୟ ପଠନୀୟ, ପାଳନୀୟ ଏବଂ ଅନୁସରଣୀୟ ।*

୧. ଆମେ ଗୋଟିଏ ପାଇଁ ବାହ୍ୟତଃ କୋଟିଏ ଗ୍ରହଣ କରୁ । ଗୋଟିଏ ଗ୍ରହଣ କଲେ, ଅନେକଙ୍କ ସଂସ୍କାର ହୋଇଥାଏ ।

୨. ଶାସ୍ତ୍ରୋକ୍ତ ସମସ୍ତ ବାଣୀ ଆମ କୃପା ଭିତରେ ଶିଷ୍ୟମାନଙ୍କୁ ଦେବା ପ୍ରକ୍ରିୟା ଏକାନ୍ତ ଗୁପ୍ତ ।

୩. ଶାସ୍ତ୍ରବଚନ ଯେତେ ସବୁ ଅଛି, ସେ ସବୁ କେବଳ ଧୂଆଁବାଣ ।

୪. ନିର୍ବିକଳ୍ପ ସମାଧିର ୬୪(ଚଉଷଠି) ସ୍ତର ମଧ୍ୟରୁ ଶେଷ ଅଠରରୁ ବାଇଶ ସ୍ତର କେବଳ ମୂର୍ଚ୍ଛିତ ଅବସ୍ଥା ।

୫. ଅନେକେ ପ୍ରବଚନ ମାଧ୍ୟମରେ ଲୌକିକ ମତ ପୂରାଇ ଅଲୌକିକତ୍ୱକୁ ବିକୃତ କରୁଛନ୍ତି । ସେପରି କରିବା ଆଦୌ ଉଚିତ୍ ନୁହେଁ । ଏହା ଦ୍ୱାରା ପ୍ରବଚକଙ୍କ ଅହଂଜ୍ଞାନ କ୍ରମଶଃ ବୃଦ୍ଧିପାଏ । ସାମୟିକ ଲୋକପ୍ରିୟତା ପାଇଁ ଚିରନ୍ତନ ସତ୍ୟର ଅପଳାପ କରିବା ଆଦୌ ବାଞ୍ଛନୀୟ ନୁହେଁ ।

୬. ଭଲ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କାଳରେ ଅନବରତ ଶିକ୍ଷାର ଭାର ସେମାନଙ୍କ ମସ୍ତିଷ୍କକୁ ଦେବା ଉଚିତ୍ । ମଝିରୁ ଛାଡ଼ିଦେଲେ, ସେମାନଙ୍କର ମନୋବୃତ୍ତି ଅନ୍ୟଦିଗକୁ ଗତି କରିଯିବା ସ୍ୱାଭାବିକ । କାରଣ ସେମାନଙ୍କର ମସ୍ତିଷ୍କ ସତତ କ୍ରିୟାଶୀଳ ।

୭. ଆଦେଶ, ଅନୁଜ୍ଞା ଓ ବାଣୀକୁ ଠିକ୍ ଭାବରେ ପ୍ରଚାର ପ୍ରସାର କରିବା ଉଚିତ୍ । ନିଜସ୍ୱ ଜ୍ଞାନରେ ବା ଅହଂବୁଦ୍ଧିରେ ପ୍ରଚାର ପ୍ରସାର କଲେ, ଅଧ୍ୟାତ୍ମବୁଦ୍ଧି ଅଧଃ ପତନ ଅବଶ୍ୟ ଘଟିବ ହିଁ ଘଟିବ ।

୮. ପୃଥିବୀର ବିଭିନ୍ନ ସ୍ଥାନରେ ନାନାଦି ଅବସ୍ଥାରେ ଥିବା ସାଧୁସନ୍ଥମାନଙ୍କର ପ୍ରାର୍ଥନା ଉପରେ ଯୁଗ ନିର୍ଭର କରୁଛି ।

୯. ପ୍ରସ୍ତାବ ଦେଇ ନିଷ୍ପତ୍ତି ଦେବା ଅପେକ୍ଷା ପ୍ରସ୍ତାବ ନ ଦେଇ ନିଷ୍ପତ୍ତି ଦେବା ଗୁରୁତର । ଏହା ଦ୍ୱାରା ଜୀବ ଅଧୋପତିତ ହୁଏ । ତମେମାନେ ପ୍ରସ୍ତାବ ଦେଇ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଧୈର୍ଯ୍ୟଧରି ଅପେକ୍ଷା କରିବା ଉଚିତ୍ ।

୧୦. ସତ୍ୟ, ଶାନ୍ତି, ଦୟା, କ୍ଷମାର ଆଧାର ହେଉଛନ୍ତି ଗୁରୁ । ପୁଣି ବ୍ରହ୍ମଦର୍ଶୀ ବ୍ରାହ୍ମଣହିଁ ଏହି ଚତୁଃଗୁଣର ଅଧିକାରୀ ।

୧୧. ମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା ନିମିତ୍ତ ବା ସେବା କରିବା ନିମନ୍ତେ ସର୍ବଦା ତୁଳସୀ ପତ୍ର ତୋଳିବ ।

୧୨. ପାପର ପ୍ରାୟଶ୍ଚିତ ଏବଂ ସଂସ୍କାର ନିମନ୍ତେ ରୋଗର ସୃଷ୍ଟି ହୁଏ ।

୧୩. ପୂର୍ବକାଳରେ ସାଧୁସନ୍ଥମାନେ ପାଦରେ ଚାଲି ଚାଲି ଦ୍ୱାର ଦ୍ୱାର ଭିକ୍ଷା ମାଗି ବହୁ କଷ୍ଟ ସ୍ୱୀକାର କରି ଧର୍ମକୁ ବଞ୍ଚାଇ ରଖିଥିଲେ, ଏବେ ଏ ଯୁଗରେ ଏପରି କରିବା ତୁମମାନଙ୍କର ସାଧ୍ୟାତୀତ ।

୧୪. ମର ଶରୀର ମଧ୍ୟରେ ବିଷୟାବିଷ ବି ଅଛି, ପିୟୁଷ ମଧ୍ୟ ଅଛି ।

୧୫. ବ୍ୟକ୍ତିଗତ ବା ସମଷ୍ଟିଗତ ସକଳ ଦାୟିତ୍ୱ ମଧ୍ୟରେ ପରମପିତାଙ୍କ କାର୍ଯ୍ୟକୁ ସଂପାଦନ କରିବା ହିଁ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ।

୧୬. ଦିନବେଳେ ବା ଦିବାଭାଗରେ ମତିର ଭାବ ବିକୃତ ହୋଇଥାଏ । ତେଣୁ ସୂକ୍ଷ୍ମ ଯୋଗୀମାନଙ୍କ ପକ୍ଷରେ ଦିନବେଳେ ବା ଦିବାଭାଗରେ ସତ୍‌ସଂଗ କରିବା ବିଧାନ ଅଛି ।

୧୭. ଅତିବଡ଼ୀ ଜଗନ୍ନାଥ ଦାସ ସାଧନାର ଶେଷ ସ୍ତରରେ ଥାଇ ଭାଗବତରେ ଉଚ୍ଚକୋଟୀର ବାଣୀ ଓ ଦର୍ଶନ ଲେଖି ଯାଇଛନ୍ତି ।

୧୮. ସାଧାରଣ ଜୀବ ଆପଣାର ଭବିଷ୍ୟତ ନ ଜାଣି, ଶପଥ କରି, ଶପଥ ରକ୍ଷା କରିପାରେ ନାହିଁ ।

୧୯. ଆମ ପ୍ରଦତ୍ତ ଧାରାନୁସାରେ ସାଧନ ପଦ୍ଧତିରେ ମନ୍ତ୍ର ମନନ, ଜପ ଓ ଉଚ୍ଚାରଣ ହେଉଥିବାରୁ ଏ ଧାରାରେ ବେଦମତ ରହିଛି ।

୨୦. ଆମ ପ୍ରଦତ୍ତ ଆଦେଶ ପାଳନରେ ତମେମାନେ ବ୍ୟତିକ୍ରମ କଲେ ଶେଷରେ ବାଧ୍ୟହୋଇ ତମଦ୍ୱାରା ତାହା ପାଳନ କରାଇବାର ବ୍ୟବସ୍ଥା ଆମକୁ କରିବାକୁ ପଡ଼ିଥାଏ ।

୨୧. କେତେକ କ୍ଷେତ୍ରରେ ତୁମଠାରେ ଆଦେଶ ପାଳନର ବ୍ୟତିକ୍ରମ ଲକ୍ଷ୍ୟ କଲେ, ଆମ ଦ୍ୱାରା ନିୟମର ପରିବର୍ତ୍ତନ କରାଯାଇଥାଏ ।

୨୨. ବହୁଜ୍ଞାନୀ, ବହୁ ବିବେକୀ ଓ ବହୁ ବୁଝାମଣା ହେଲେ ଯାଇ ଆଧ୍ୟାତ୍ମିକ କ୍ଷେତ୍ରରେ ବା ଗୁରୁଦ୍ୱାରରେ ଆଦେଶବାହୀ ହୋଇ ପାରିବ ।

୨୩. ବିଜ୍ଞାନର ଅବଦାନ ଭୋଗରେ ଲିପ୍ତ ରହି ଧର୍ମପଥରେ ଆଗେଇ ଯିବା କଷ୍ଟକୁ ସ୍ୱୀକାର କରି ନେବା ବର୍ତ୍ତମାନ ସମୟରେ କଷ୍ଟସାଧ୍ୟ ।

୨୪. ଯୋଗୀମାନଙ୍କର ସୂକ୍ଷ୍ମଦର୍ଶନରେ ମୁଦ୍ରା, ଆସନ, ମନ୍ତ୍ର ଆପେ ଆପେ ଆସିଥାଏ । ପ୍ରତ୍ୟେକ ଦେବଦେବୀଙ୍କର ଉପାସନା ନିମନ୍ତେ ମନ୍ତ୍ର, ମୁଦ୍ରା, ଆସନ ସ୍ୱତନ୍ତ୍ର ।

୨୫. ଜୀବଦ୍ୱାରା କିଛି ନା କିଛି ବାସ୍ତବ କର୍ମ ସମ୍ଭବ ବୋଲି ଯୁଗେ ଯୁଗେ ଧର୍ମଗୁରୁମାନେ ଧର୍ମ ଡାକରା ଦେଇଛନ୍ତି ।



# ନୀଳଚକ୍ର ଚରମର ସଙ୍କେତ

## ଧାରାଗ୍ରହଣ ପରେ

'ଚରମ' : ଷଷ୍ଠପୁଷ୍ପ : ଚତୁର୍ଥ ପାଖୁଡ଼ା : ଊନତ୍ରିଂଶତମ ସଂଖ୍ୟାର ଅନୁଶ୍ରୁତିରୁ .....

ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଧ୍ୟାନ, ପୂଜା, ଅର୍ଘ୍ୟ ସମ୍ବନ୍ଧରେ ଅଦ୍ଭୁତ ଧାରଣା ସବୁ ରହିଛି । ସନ୍ଦେଶ ପଥରେ ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟ, ଅର୍ଘ୍ୟଫଳ, ଅର୍ଘ୍ୟତିଥି ଆଦି ସ୍ପଷ୍ଟ ଭାବରେ ଦିଆଯାଇଛି । ଧାରା ଓ ସନ୍ଦେଶପତ୍ର ଗ୍ରହଣ ସମୟରେ ତୁମମାନଙ୍କୁ ମୌଳିକ ଭାବରେ ଧ୍ୟାନ, ପୂଜା, ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ, ତିଥିରେ ଅର୍ଘ୍ୟ ନିବେଦନ ଆଦି ବିଷୟରେ ସଂକ୍ଷେପରେ ବୁଝାଇ ଦିଆଯାଇଛି । ପ୍ରତିଦିନ ଧର୍ମଧାରା ଓ କର୍ମଯୋଗ ଅଭ୍ୟାସ କରିବା ଦ୍ୱାରା ତୁମ ଶରୀର, ମନ, ପ୍ରାଣ ଓ ଆତ୍ମାରେ ସ୍ଥୂଳ ଓ ସୂକ୍ଷ୍ମ ପରିବର୍ତ୍ତନ ନିଶ୍ଚୟ ହେଉଛି । ଏହା ସତ୍ୟସିଦ୍ଧ ସିଦ୍ଧାନ୍ତ । ଏହି ପ୍ରାଥମିକ ପରିବର୍ତ୍ତନ ତୁମେ ଲକ୍ଷ୍ୟ କର ବା ନ କର, ତୁମକୁ ପୂର୍ବରୁ ଯେଉଁମାନେ ଭଲ ରୂପେ ଜାଣିଥିଲେ, ସେମାନେ ଏବେ ତୁମର ପରିବର୍ତ୍ତନ ଅବଶ୍ୟ ଲକ୍ଷ୍ୟ କରି ପାରୁଥିବେ । ବର୍ଷା ଋତୁରେ ପ୍ରକୃତି ଯେପରି ଶ୍ୟାମ ସବୁଜ ସୁନ୍ଦର ହୋଇ ଦେଖାଯାଏ, ବସନ୍ତ ଋତୁରେ ବୃକ୍ଷଲତାଦି ଯେପରି ପାଟଳ ବର୍ଣ୍ଣର କୋମଳ ପତ୍ରରେ ଆଚ୍ଛାଦିତ ହୋଇ କେତେ ପ୍ରକାର ରଂଗ ବେରଂଗର ଫୁଲ ଧରି ଶୋଭାବନ ଦିଶନ୍ତି ଓ କେତେ ରକମର ସୁବାସରେ ଜନମନ ହରଣ କରି ଆମୋଦ ପ୍ରଦାନ କରନ୍ତି, ଠିକ୍ ସେହିପରି ଧାରା ଗ୍ରହଣ ପରେ ନିୟମିତ ନିଷ୍ଠା ଓ ବିଶ୍ୱାସର ସହିତ ବିଧିମତ ଅଭ୍ୟାସ କର୍ମଧାରା ଚାଲୁ ରଖିଲେ, ତୁମମାନଙ୍କର ଶରୀରରେ ସୂକ୍ଷ୍ମ ପରିବର୍ତ୍ତନ ନିଶ୍ଚୟ ହେବ ଓ କ୍ରମେ ତାହା ସ୍ଥୂଳ ଶରୀରରେ ଅବଶ୍ୟ ଫୁଟି ଦିଶିବ । ତୁମ ଚକ୍ଷୁ ଓ ମୁଖମଣ୍ଡଳରେ ତାହା ସ୍ପଷ୍ଟ ବାରି ହୋଇ ପଡ଼ିବ । ପର୍ଯ୍ୟାୟ କ୍ରମିକ ଭାବରେ ଏହି ସ୍ଥୂଳ ପରିବର୍ତ୍ତନ ତୁମ ପାଦଠାରୁ କେଶାଗ୍ର ପର୍ଯ୍ୟନ୍ତ ସର୍ବତ୍ର ପ୍ରକାଶ ପାଇବ ହିଁ ପାଇବ । ସେହିପରି ତୁମ ମନ କ୍ରମଶଃ ସ୍ଥିର ଓ ଅଚଞ୍ଚଳ ହୋଇଯିବ, ଅନ୍ୟମନସ୍କତା ରହିବ ନାହିଁ । ଲୟ ନିଶ୍ଚୟ ପାଦପଦ୍ମରେ ନିଶ୍ଚଳ ରହିବ । ପାଦପଦ୍ମରେ ନିର୍ଭର କର, ନିଶ୍ଚୟ ନିର୍ଭର ଓ ନିର୍ଭୀକ ହୋଇଯିବ । ଦୁର୍ବଳ ମନ ଧରି ଆଧ୍ୟାତ୍ମିକ ରାଜ୍ୟରେ ପାଦ ଦେବା ସମ୍ଭବ ନୁହେଁ । ଅନେକେ ସନ୍ଦେଶପତ୍ର ନେଇ ଧାରା ଅଭ୍ୟାସ କରୁନାହାନ୍ତି, କାରଣ ସେମାନଙ୍କର ମନ ଅତ୍ୟନ୍ତ ଦୁର୍ବଳ । ସେମାନେ ପୂର୍ଣ୍ଣ ରୂପେ ନିର୍ଭର କରି ପାରିନାହାନ୍ତି, ତେଣୁ ନିର୍ଭୟ କି ନିର୍ଭୀକ ହୋଇପାରୁନାହାନ୍ତି ।

ଆମେ ଶୁଣୁଛୁ, ତୁମମାନଙ୍କ ମଧ୍ୟରୁ ଅଧିକାଂଶ ଅଭିଯୋଗ କରୁଛନ୍ତି ଯେ, ମନ ତ ସ୍ଥିର ହେଉନାହିଁ, ଧ୍ୟାନ କରିବୁ କ'ଣ ? ଧ୍ୟାନ ମୁଦ୍ରାରେ ଆସନରେ ବସି ବୀଜମନ୍ତ୍ର ଜପି ଚାଲିଛୁ ସତ, ମାତ୍ର ମନ କାହିଁ କେତେ ଆଡ଼େ ଯାଇ ବୁଲି ଆସୁଛି । ପ୍ରଥମାବସ୍ଥାରେ ଏପରି ହୁଏ, ହେବ । ଏହା ସତ କଥା ତୁମେ ମିଛ କହୁନାହଁ, ଏହାହିଁ ଶୁଭଲକ୍ଷଣ । ଚିନ୍ତା କରି ଥରେ ଦେଖ ତ ଶରୀରରେ ରୋଗ ପ୍ରବେଶ କଲେ, ରୋଗୀ ଔଷଧ ଓ ପଥ୍ୟ ସେବନ କରେ । ଔଷଧ ଓ ପଥ୍ୟ ସମୟ ମୁତାବକ ଡାକ୍ତର ଦେଇଥିବା ବ୍ୟବସ୍ଥାପତ୍ର ଅନୁସାରେ ସେବନ କରିଚାଲିଲେ, ଧିରେଧିରେ ରୋଗର ପ୍ରକୋପ ଉପଶମ ହୋଇଯାଏ । ଶରୀର ରୋଗମୁକ୍ତ ହୁଏ । କେଉଁଠି କେବେ କ'ଣ ଶୁଣିଛ ? ରୋଗ ଭଲ ହୋଇଯାଉ, ତା'ପରେ ଯାଇ ଔଷଧ ଖାଇବି । ଠିକ୍ ସେହିପରି ମନର ଅସ୍ଥିରତା, ଚଞ୍ଚଳତା

ଓ ଅନ୍ୟମନସ୍କତା ଏକପ୍ରକାର ମାନସିକ ରୋଗ । ତା'ପରେ ମୌଳିକ ଭାବରେ ଦେଖିଲେ, ଅସ୍ଥିରତା ହିଁ ମନର ପ୍ରକୃତି । ଶରୀରରେ ଥିବା କୋଷ ଓ ସ୍ନାୟୁ ଇନ୍ଦ୍ରିୟାଦି ଦ୍ୱାରା ପ୍ରଭାବିତ ଓ ଆକର୍ଷିତ ହୋଇ ଚଞ୍ଚଳ ହୋଇଯାଏ । କୋଷ, ସ୍ନାୟୁ ଓ ଇନ୍ଦ୍ରିୟାଦିର ପ୍ରଭାବ ଓ ଆକର୍ଷଣରୁ ମନକୁ ମୁକ୍ତ କରିବା ପାଇଁ ତୁମକୁ ସାଷ୍ଟାଙ୍ଗ ପ୍ରଣାମ ଓ ପ୍ରଣାମ ମୁଦ୍ରା, ପ୍ରଣାମ ମନ୍ତ୍ର, ପ୍ରଣାମ ପଦ୍ଧତିର ସୂତ୍ର ବତାଇ ଦିଆଯାଇଛି । ଅଭ୍ୟାସ କରୁଁ କରୁଁ ପ୍ରଣାମ ତୁମର ନିର୍ଭୁଲ ହୋଇଯିବ । ମନ ମଧ୍ୟ କୋଷ, ସ୍ନାୟୁ ଓ ଇନ୍ଦ୍ରିୟାଦିର କବଳରୁ ମୁକ୍ତ ହୋଇ ସ୍ଥିର ହୋଇଯିବ । ଦ୍ୱିତୀୟତଃ ମାନସଜପ ଅଭ୍ୟାସ କରିବା ଦ୍ୱାରା ମଧ୍ୟ ଧିରେଧିରେ ମନ ସ୍ଥିର ହେବ ହିଁ ହେବ । ପୁଣି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସ୍ଥାନରେ, ନିର୍ଦ୍ଦିଷ୍ଟ ବସ୍ତ୍ରରେ, ନିର୍ଦ୍ଦିଷ୍ଟ ଆସନରେ ବସି ସନ୍ଦେଶପଥରେ ବତାଇ ଦିଆଯାଇଥିବା ଆସନ, ମୁଦ୍ରା, ଲୟ, ଧ୍ୟେୟ ଓ ମନ୍ତ୍ରରେ ଧ୍ୟାନ ଅଭ୍ୟାସ କରୁକରୁ ମନ ପୂର୍ଣ୍ଣରୂପେ ନିଶ୍ଚୟ ସ୍ଥିର ହୋଇଯିବ । ମାନସିକ ଶାନ୍ତି ତୁମେ ଅନୁଭବ କରିପାରିବ । ଆନନ୍ଦ ଉପଲବ୍ଧ କରିପାରିବ । ସୂକ୍ଷ୍ମ ସୂତ୍ରୀୟ ସୁଖ ଲାଭ କରିପାରିବ । ଧ୍ୟାନ ସିଦ୍ଧ ହୋଇଯିବ । ତେଣିକି ପରବର୍ତ୍ତୀ ପର୍ଯ୍ୟାୟରେ ଜୀବନର ଯେ କୌଣସି ଅବସ୍ଥାରେ, ଯେ କୌଣସି ସ୍ଥାନରେ, ବିନା ଆସନରେ, ବିନା ମୁଦ୍ରାରେ, ଯେ କୌଣସି ସମୟରେ, ଯେ କୌଣସି ବସ୍ତ୍ରରେ ତୁମର ଧ୍ୟାନ ଅବିରତ ହୋଇ ପାରିବ । ଥରେ ତୁମ ମଧ୍ୟରେ ଥିବା ଇଚ୍ଛାଶକ୍ତିକୁ କାମରେ ଲଗାଇ ଦୃଢ଼ତାର ସହି ଅଭ୍ୟାସ କର୍ମଧାରାରେ ସମୟ ଜଗି ବିଧିମତ ଭାବରେ ଲାଗି ପଡ଼ । ଦେଖିବ, ସବୁ ଅସମ୍ଭବ ସମ୍ଭବ ହୋଇଯାଉଛି । ତୁମେ ନିର୍ଭର କରିଯିବ ପଦ୍ମପାଦକୁ, ଭୟଶୂନ୍ୟ ହୋଇଯିବ । ଆଧ୍ୟାତ୍ମିକ ରାଜ୍ୟ ମଧ୍ୟକୁ ଅତି ସହଜରେ ପ୍ରବେଶ କରିଯିବ । ପରମାର୍ଥ ଲାଭ କରି ପାରିବ ।

ଧ୍ୟାନ କାହିଁକି କରାଯାଏ ? ଧ୍ୟାନ କରିବା ଦ୍ୱାରା ତୁମମାନଙ୍କର କଣ ଲାଭ ହୁଏ ? ଏ ସବୁ ବିଷୟରେ ତୁମମାନଙ୍କର ଏ ପର୍ଯ୍ୟନ୍ତ ଜ୍ଞାନ ହୋଇନାହିଁ । ନୁହେଁ ? ଯେ କୌଣସି କାମ ତୁମେ କରନା କାହିଁକି, ସେ କାମ ତୁମେ କାହିଁକି କରୁଛ ଓ ତଦ୍ଦ୍ୱାରା ତୁମର କ'ଣ ଉପକାର ହେଉଛି ? ସେ ସଂପର୍କରେ ତୁମର ଜ୍ଞାନ ନ ରହିଲେ, ତାହା ଯାନ୍ତ୍ରିକ ହୋଇଯିବ । ଦେଖ, ପଙ୍ଖାଟିର ସୁଇଚ୍ ଟିପି ଦେଲେ ପଙ୍ଖାଟି ବୁଲୁଛି । ତାକୁ ବନ୍ଦ ନ କରିବା ପର୍ଯ୍ୟନ୍ତ ତାହା ବୁଲି ଚାଲୁଛି । ଏହା ଏକ ଯାନ୍ତ୍ରିକ କ୍ରିୟା କିନ୍ତୁ ପଙ୍ଖାଟି କାହିଁକି ବୁଲୁଛି ? ପଙ୍ଖା ବୁଲିବା ଦ୍ୱାରା କଣ ଉପକାର ହେଉଛି ? ଏ ସଂପର୍କରେ ପଙ୍ଖାର ଆଦୌ ଧାରଣା ହିଁ ନାହିଁ । ସେହିପରି ବଳଦକୁ ଯୋଚି ଦେଲେ, ସେ ଗାଡ଼ିଶଗଡ଼ ଟାଣୁଛି, ହଳ ଲଙ୍ଗଳ ଟାଣୁଛି । କିନ୍ତୁ ସେ କାହିଁକି ଏହା କରୁଛି ଓ ଏହା ଦ୍ୱାରା କଣ ଲାଭ ହେଉଛି ? ସେ ବିଷୟରେ ମଧ୍ୟ ବଳଦର ଧାରଣା ନାହିଁ । ତୁମେମାନେ ସେହିପରି ବଳଦିଆ ନୀତିରେ କେବଳ ଧ୍ୟାନ କରି ଚାଲିଛ । ଆସନ, ମୁଦ୍ରା, ଲୟ, ଧ୍ୟେୟ, ମନ୍ତ୍ର ତ ପାଇ ଯାଇଛ, ବେଶ୍ ଧ୍ୟାନ କରି ପକାଉଛ । କାହିଁକି ଧ୍ୟାନ କରୁଛ, ଧ୍ୟାନ କରିବା ଦ୍ୱାରା କି ଲାଭ ପାଉଛ, ପଚାରିଲେ ପାଟି ଫିଟୁ ନାହିଁ । ନ ବୁଝି ନ ଶୁଝି କଲେ, ତା'କୁ ବଳଦିଆ ନୀତି କୁହାଯାଏ । ଆମ କଥା ଶୁଣି, ତୁମେ ମନ ଭଣା କରିବ ନାହିଁ । ନିଜକୁ ନିଜେ ସମ୍ଭାଳି ନେବ । ଆଗକୁ ଆଗକୁ ପାଦ ପକାଇ ଅମଡ଼ା ବାଟରେ ଆଗେଇ ଯିବାକୁ ପଡ଼ିବ । ଆମେ ପରା ତୁମ ସାଂଗେ ସାଂଗେ ରହିଛୁ, ଭୟ କ'ଣ ?

ନିଶ୍ଚଳ ମନରେ ଲୟ ଓ ଧ୍ୟେୟ ସ୍ଥିର କରି ମାନସ ଜପ ସହିତ ଧ୍ୟାନ କଲେ, ଧ୍ୟେୟଙ୍କ ସହିତ ସୂକ୍ଷ୍ମ ସଂଯୋଗ ସ୍ଥାପନ କରାଯାଇ ଥାଏ । ଏହି ସଂଯୋଗରୁ ତାଙ୍କ ଠାରୁ ଶକ୍ତି ସଂଗ୍ରହ କରାଯାଏ । ତୁମର ଆବଶ୍ୟକ ଅନୁଯାୟୀ ଶାରୀରିକ, ମାନସିକ, ନୈତିକ, ଆଧ୍ୟାତ୍ମିକ ଆଦି ସକଳ ଶକ୍ତି ସେ ତୁମକୁ ସୂକ୍ଷ୍ମସୂତ୍ରରେ ଦେଉଥାନ୍ତି । ତାହାରି ବଳରେ ତୁମେ ସଂସାରପଥରେ ଯାତ୍ରୀ ହୁଅ । ସେ ଶକ୍ତି ବଳରେ ତୁମେ ତୁମର ସାଂସାରିକ କାର୍ଯ୍ୟ ସକଳ କରିବା ସହିତ ତାଙ୍କ କାର୍ଯ୍ୟରେ ମଧ୍ୟ ମନ ଲଗାଇ କାମ କର । ମନକୁ ଶାନ୍ତ, ସରଳ, ଆନନ୍ଦମୟ କରି ସେ ତୁମକୁ ସକଳ ଦୁର୍ବିପାକରୁ ରକ୍ଷା କରନ୍ତି । ତୁମେ ତାଙ୍କଠାରୁ ପାଇଥିବା ସରଳତାକୁ ତ୍ୟାଗ କରି କୁଟିଳ, କପଟୀ ହେଲେ, ତାଙ୍କଠାରୁ ପ୍ରାପ୍ତ ଶାନ୍ତିକୁ ତ୍ୟାଗ କରି ଅଶାନ୍ତ ମନ ଧରି ଅଶାନ୍ତି ମଧ୍ୟରେ ଜୀବନ ଅତିବାହିତ କଲେ, ଏବଂ ତାଙ୍କ ପ୍ରଦତ୍ତ ଆନନ୍ଦମୟ ଭାବକୁ ପରିତ୍ୟାଗ କରି ବିଷାଦମୟ ଓ ଦୁଃଖପୂର୍ଣ୍ଣ ଭାରାକ୍ରାନ୍ତ ମନ ନେଇ ବିଷର୍ଣ୍ଣ ହେଲେ, ତାଙ୍କର ଦୋଷତ୍ରୁଟି ରହିଲା କେଉଁଠି ? ଧ୍ୟାନ ନିୟମିତ ବିଧିବଦ୍ଧ ଭାବରେ ଅଭ୍ୟାସ କଲେ, ତହିଁରେ ତୁମର ହିଁ ଲାଭ, ଜଗତର ମଧ୍ୟ କଲ୍ୟାଣ ତହିଁରେ ନିହିତ ।

ଧ୍ୟାନ ସଂପର୍କରେ ସବୁ କଥା ଫିଟାଇ ବୁଝାଇ ଲେଖି ବସିଲେ, ପୋଥିଟିଏ ହେବ । ତଥାପି ଆରମ୍ଭ କଲୁଣି ଯେତେବେଳେ ସଂକ୍ଷେପରେ ଠିକେ ଠିକେ ତୁମମାନଙ୍କୁ ଇସାରା ଦେଇ ଲେଖିବା । ତୁମେମାନେ ସମସ୍ତେ ଜାଣିଛ, ଦେହଟି ମୂଳ, ଦେହଟି ଆଧାର । ତେଣୁ କୁହାଯାଇଛି 'ଶରୀରମାଦ୍ୟମ୍ ଖଳୁ ଧର୍ମ ସାଧନମ୍' । ପ୍ରଥମେ ଶରୀରକୁ ସୁସ୍ଥ ସବଳ ନ ରଖିଲେ, ଅସୁସ୍ଥ ଓ ଦୁର୍ବଳ ଦେହ ଧରି ତୁମେ କି ସାଧନା କରିପାରିବ ? କହୁନ ? ଜଗନ୍ନାଥ ଦାସେ ବି କହି ନାହାନ୍ତି ?

'ଶରୀର ଥିଲେ ସର୍ବପାଇ । ଜଳେ ଯେସନ ଚନ୍ଦ୍ର ଛାଇ ।।'

କୃପା, କଲ୍ୟାଣ, କରୁଣା, ମୁକ୍ତି, ମୋକ୍ଷ ଯାହା କିଛି ପାଇବା କଥା ତାହା ଏ ଶରୀର ଥିଲେ ସିନା ପାଇବ, ଶରୀର ନ ଥିଲେ କିଏ ପାଇବ ? ତେଣୁ, ଧ୍ୟାନ ମାଧ୍ୟମରେ ଧ୍ୟେୟଙ୍କ ସହିତ ଲୟ ଲଗାଇ ପ୍ରଥମେ ଶରୀରର ସୁସ୍ଥତା (ସ୍ୱାସ୍ଥ୍ୟ), ଶାରୀରିକ ବଳବୀର୍ଯ୍ୟ ପାଇଁ ସୂକ୍ଷ୍ମରେ ପ୍ରାର୍ଥନା କର । ତାଙ୍କ ପାଖରେ ତୁମ ପ୍ରାର୍ଥନା ପହଞ୍ଚିଯିବ । ସେ ଯଥା ସମୟରେ ତୁମର ପ୍ରାର୍ଥନା ଅବଶ୍ୟ ପୂରଣ କରିବେ ଯଦି ତୁମେ ତୁମ ଶରୀରକୁ ତୁମର ମଂଗଳ ଓ ଜଗତର କଲ୍ୟାଣ ପାଇଁ ବିନିଯୋଗ କରିବାର ଦକ୍ଷତା ଅର୍ଜନ କରିପାରିବ ।

ଏହାପରେ ମନ । ଶରୀର ମଧ୍ୟରେ ମନ ସୂକ୍ଷ୍ମ ସ୍ୱରୂପରେ ବିରାଜମାନ । ଦେହ ଓ ମନ ମଧ୍ୟରେ ସଂପର୍କ ସ୍ଥାପିତ ହୁଏ କୋଷ, ସ୍ନାୟୁ ଓ ଇନ୍ଦ୍ରିୟଗଣଙ୍କ ମାଧ୍ୟମରେ । ଦେହ ଅସୁଖୀ ଓ ଅସୁସ୍ଥ ହେଲେ, ମନ ମଧ୍ୟ ଅସୁଖୀ ଓ ଅସୁସ୍ଥ ହୋଇଥାଏ । ସେହିପରି ମନ ଦୁର୍ବଳ, ଅସୁଖୀ ଓ ଅସୁସ୍ଥ ହୋଇ ପଡ଼ିଲେ ଦେହ ମଧ୍ୟ ଦୁର୍ବଳ ଅସୁଖୀ ଓ ଅସୁସ୍ଥ ହୋଇଥାଏ । ତୁମେ ଧ୍ୟାନାସନରେ ବସି ସ୍ଥିର ଲୟରେ ଧ୍ୟେୟଙ୍କୁ ସୂକ୍ଷ୍ମ ସୂତ୍ରରେ ସୁସ୍ଥ ଓ ସବଳ ମନ ପାଇଁ ପ୍ରାର୍ଥନା କର । ସେ ଅବଶ୍ୟ ଯଥାକାଳରେ ତୁମର ପ୍ରାର୍ଥନା ପୂର୍ଣ୍ଣ କରିବେ । ସେହି ମନକୁ ସରଳ, ଶାନ୍ତ, ନିଷ୍କପଟ କରି ଶାନ୍ତି ଓ ଆନନ୍ଦ ଉପଭୋଗ କର । ଯେତେ ଅଧିକ ପାରୁଛ ସେତେ ମାନସ ଜପ କର । ଅଯଥା ଗୁଡାଏ ଗପ ନାହିଁ । ଯେତେ ସମ୍ଭବ କମ୍ କଥାବାର୍ତ୍ତା କର । ସଂକ୍ଷେପରେ କଥାବାର୍ତ୍ତା ଶେଷ କର । ଏହା ଦ୍ୱାରା ତୁମର ଲାଭ । ତୁମେ ମାନସିକ ଶକ୍ତି ସଂଚୟ କରିପାରିବ । ଅଯଥା ଦ୍ୱନ୍ଦ୍ୱ, ସଂଘର୍ଷ, ବାଦବିବାଦ, କଳହ, ମିଥ୍ୟାଚାରରୁ ରକ୍ଷା ପାଇଯିବ । ପୁଣି ତୁମ ମନକୁ ଜଗତ କଲ୍ୟାଣରେ ବିନିଯୋଗ କର । ଅଯଥାରେ ଅନ୍ୟମାନଙ୍କୁ ସନ୍ଦେହ କର ନାହିଁ । ଅନ୍ୟମାନଙ୍କୁ ସନ୍ଦେହ କଲେ, ସୂକ୍ଷ୍ମ ଓ ସ୍ଥୂଳ ଉଭୟ ଭାବରେ ତୁମର ହିଁ କ୍ଷତି ହେବ । ଗୀତା ପଢୁଛ ପରା । ତହିଁରେ ଲେଖାଅଛି – 'ସଂଶୟାତ୍ମା ବିନଶ୍ୟତି' । ପ୍ରାର୍ଥନାରେ ବୋଲୁଛ : 'ସେହି ଭାଷା ମୋର କଣ୍ଠରେ ଦିଅ ହେ ଯେଉଁଟି ମଧୁରତମ ।' ପ୍ରଭୁ ତ ତୁମମାନଙ୍କୁ ଶାନ୍ତ ସୁନ୍ଦର ମଧୁର ଭାଷା ଦେଉଛନ୍ତି । ହେଲେ ତୁମେ କରୁଛ କଣ ? ପ୍ରଭୁ ତୁମ କଣ୍ଠରେ ଦେଇଥିବା ମଧୁର ଭାଷାକୁ ଥୁ ଥୁ କରି ଫୋପାଡି ଦେଇ ତୁମର ଗରଳ ବୋଳା କର୍କଶ କଠିନ କପଟତା ପୂର୍ଣ୍ଣ ଭାଷା ଅନ୍ୟକୁ ପ୍ରୟୋଗ କରୁଛ । ନୁହେଁ ? ଥରେ ଭାବି ଦେଖିଲ–ଏପରି କରିବା ଦ୍ୱାରା ତୁମେ ନା ନିଜର ମଙ୍ଗଳ କରିପାରୁଛ, ନା ଜଗତର କଲ୍ୟାଣ କରିପାରୁଛ ? ଭାଷା ହୁଡ଼ିବା ଦ୍ୱାରା କଲ୍ୟାଣକର କାର୍ଯ୍ୟ ସକଳ କେତେ ମାତ୍ରାରେ ଯେ ବାଧାପ୍ରାପ୍ତ ହେଉଛି, ତାହା ସିନା ଜାଣି ପାରୁନାହଁ, ହେଲେ ଆମେ ଠିକ୍ ଠିକ୍ ଜାଣୁଛୁ ।

ପ୍ରାର୍ଥନାର ପରାକାଷ୍ଠା ଯେପରି ଅସୀମ । ପ୍ରାର୍ଥନା ଦ୍ୱାରା ଯେପରି ଅସମ୍ଭବକୁ ସମ୍ଭବ କରାଯାଇପାରେ, ଠିକ୍ ସେହିପରି ଧ୍ୟାନର ପରାକାଷ୍ଠା ମଧ୍ୟ ଅନନ୍ତ । ଧ୍ୟାନଦ୍ୱାରା କଣ ସମ୍ଭବପର ନ ହୋଇ ପାରେ ? ସୁସ୍ଥ ଦେହ, ପ୍ରଶାନ୍ତ ମନର ଅଧିକାରୀ ଥରେ ହୋଇଯାଇ ଦେଖ, ତୁମର ନୈତିକ ଓ ଆଧ୍ୟାତ୍ମିକ ଶକ୍ତିର ଯଥେଷ୍ଟ ବିକାଶ ହୋଇଯାଇଛି । ସେହି ଶକ୍ତି ବଳରେ ତୁମେ ନିଜର, ପରିବାରର, ତୁମ ସନ୍ତାନସନ୍ତତି ମାନଙ୍କର ମଙ୍ଗଳ ବିଧାନ କରିପାରୁଛ ଓ ଜଗତର ଯଥେଷ୍ଟ କଲ୍ୟାଣ ସାଧନ କରିପାରୁଛ । ଏଥିପାଇଁ ସ୍ୱାର୍ଥପରତା, କପଟଚାରିତା, ଆତ୍ମକେନ୍ଦ୍ରିକତାକୁ ଅବଶ୍ୟ ସର୍ବାଗ୍ରେ ପରିତ୍ୟାଗ କରିବାକୁ ହେବ ହିଁ ହେବ ।

......(କ୍ରମଶଃ)

## 'ଚରମ'-୨୯ସଂଖ୍ୟାରେ ପ୍ରକାଶିତ ଅଚ୍ୟୁତଙ୍କ କବିତା'ର ସରଳ ସହଜ ବ୍ୟାଖ୍ୟା:

ଶୈଶବରେ ଅଗଣିତ ଓ ଅନାମ ପ୍ରଭୃତି ନାମରେ ସମ୍ବୋଧିତ ହେଉଥିଲେ ମଧ୍ୟ ଯୌବନରେ ସିନ୍ଧୁରାନନ୍ଦ ନାମରେ ପରିଚିତ, ପରବର୍ତ୍ତି କାଳରେ ଅଚ୍ୟୁତାନନ୍ଦ ମହାପୁରୁଷରେ ପରିଣତ ହୋଇଥିଲେ । ସେ ତିଳକଣା ଗ୍ରାମରେ ଭୂମିଷ୍ଠ ହୋଇଥିଲେ ଏବଂ ଅଦୂରବର୍ତ୍ତୀ ନେମାଳ ତାଙ୍କର ସାଧନା ପୀଠ ଥିଲା । ସାଧନ ମାର୍ଗରେ ସେ ଯୋଗ ସୋପାନମାନ ଆରୋହଣ କରି ନିରାକାର ବ୍ରହ୍ମଙ୍କ ସହିତ ସଂଯୋଗ ସ୍ଥାପନ କରିପାରୁଥିଲେ । ସେହି ଅବସ୍ଥାର ଯୋଗାନୁଭୂତି ତାଙ୍କ ରଚନାର ଛତ୍ରେ ଛତ୍ରେ ବିକଶିତ । ମହାପୁରୁଷଙ୍କର ଅସଂଖ୍ୟ କ୍ଷୁଦ୍ର କବିତା ମଧ୍ୟରୁ ଉଦ୍ଧୃତ ଗୋଟିଏ କବିତା ଓ ତାହାର ବ୍ୟାଖ୍ୟା ଯୋଗପନ୍ଥୀମାନଙ୍କର ଗୋଚରାର୍ଥେ ଏଠାରେ ସ୍ଥାନିତ ହୋଇଅଛି ।

ନିଶବଦ ଘରୁ ..............................................ଆକାର ନାହିଁ ।।୦।।

ନିଶବଦ ଘର ବୋଇଲେ ଅନ୍ତର୍ମନ୍ଦିରକୁ ବୁଝାଏ । ଶବଦ ଶୁଣ ହେଉଛି ଆକାଶ । ଆକାଶର ଉର୍ଦ୍ଧ୍ୱରେ ନିଃଶବ୍ଦ ଅଞ୍ଚଳ ଅବସ୍ଥିତ । ଏହା ସହସ୍ରାରକୁ ବୁଝାଏ । ଏହା ଚୈତନ୍ୟ ପୁରୁଷଙ୍କ ବାସସ୍ଥଳୀ । ଏହିଠାରୁ ଶବଦ ଅର୍ଥାତ୍ ଦ୍ୱାଦଶ ଧ୍ୱନି ଶୁଣାଯାଏ । ଯୋଗୀ ଯୋଗମାର୍ଗରେ ଗତି କରୁକରୁ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହେବା ପରେ ଉର୍ଦ୍ଧ୍ୱଗାମୀ ହେଉଥିବା ଧ୍ୱନି ବାଙ୍କୋଟ ସୁଷୁମ୍ନା ମାର୍ଗରେ ଯାଇ ଷଡଚକ୍ର ଅତିକ୍ରମ କରି ସହସ୍ରାର ଚକ୍ରରେ ଲୀନ ହୁଏ ।

ପରଂବ୍ରହ୍ମ ଅଣାକ୍ଷର ଅଟନ୍ତି । ତାଙ୍କୁ ଅଣାକାର ବା ନିରାକାର କୁହାଯାଏ । ତାଙ୍କୁ କୌଣସି ଅକ୍ଷର ବା ଆକାର ସଂଯୋଗରେ ଜାଣି ହୁଏ ନାହିଁ । ସେ ଅରୂପ ଓ ଅଣାକାର, ମାତ୍ର ଅକ୍ଷର ପ୍ରଣବାତ୍ମକ ଓ ରୂପ ବା ଆକାର ଯୁକ୍ତ ଅଟନ୍ତି । ତେଣୁ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କୁ ଅଣାକାର ବୋଲି ଏଠାରେ ବର୍ଣ୍ଣନା କରିଅଛନ୍ତି ।

କାଳେନ୍ଦୀ ହ୍ରଦରେ ..............................................ହେଉଛି ବାଇ ।।୧।।

କାଳେନ୍ଦୀ ହ୍ରଦ ବୋଇଲେ ବ୍ରହ୍ମାଣ୍ଡ ତତ୍ତ୍ୱରେ ଯମୁନା ନଦୀର ଅଂଶ ବିଶେଷକୁ ବୁଝାଏ । ମାତ୍ର ପିଣ୍ଡତତ୍ତ୍ୱ ମତରେ କାଳେନ୍ଦୀ ହ୍ରଦକୁ ହୃଦୟ ବୋଲି ବୁଝାଯାଏ । ହୃଦୟ ବୋଇଲେ ଏଠାରେ ବକ୍ଷସ୍ଥଳ ନୁହେଁ । ଏହା ସହସ୍ରାରକୁ ବୁଝିବାକୁ ହୁଏ । ଏହି ସହସ୍ରାରରେ ସହସ୍ରଦଳ ବିଶିଷ୍ଟ ପଦ୍ମ ଫୁଟି ଅଛି । ପିଣ୍ଡମତରେ ଆଜ୍ଞାଚକ୍ର ବା ଗୋଲାହାଟକୁ ପଦ୍ମବୋଲି ଯୋଗୀ କଳ୍ପନା କରି ସାଧନ ପ୍ରକ୍ରିୟା ଚଳାଇ ରଖେ । ଯୋଗୀ ଯୋଗସାଧନା ମାଧ୍ୟମରେ ମନକୁ ଆଜ୍ଞାଚକ୍ରରେ ପ୍ରଥମେ ବନ୍ଦୀ କରିବାକୁ ମନ ବଳାଏ । ଏହି ସାଧନାରେ ଯୋଗୀ ସଫଳ ହେବା ପରେ, ପରବର୍ତ୍ତୀ ସୋପାନ ଚଢ଼ିବାକୁ ସାଧନା ଚଳାଏ । ସହସ୍ରାର ସହସ୍ରଦଳପଦ୍ମ ନିମ୍ନମୁଖୀ ଅଟେ । ଯୋଗୀର ମନ ସେହି ସହସ୍ରାର ସହସ୍ରଦଳ ବିଶିଷ୍ଟ ପଦ୍ମର କେଶରକୁ ଯିବାପାଇଁ ପାଗଳ ପ୍ରାୟ ହୋଇଥାଏ ।

ହାଟୁଆ ଥିଲାକୁ .............................................. ରହିବ ନାହିଁ ।।୨।।

ଗୋଲାହାଟକୁ ବ୍ରହ୍ମପୁରୁଷ ଜଗି ଥିଲା ବୋଲି ଜୀବ ଜୀବନ ଧରି ରହିଥିଲା । ଘଟ ବା ଜୀବପିଣ୍ଡକୁ ପ୍ରକୃତି ଜଗିଥିଲା ବୋଲି ଜୀବ ଶରୀର ଧାରଣ କରି ରହିଥିଲା । ସଂସାର ଏକ ନଦୀ ସ୍ୱରୂପ, ଏ ଦେହ ଏକ ନୌକା ଏବଂ ପରମପୁରୁଷ ନାଉରିଆ ଅଟନ୍ତି । ସେ ଘାଟିଆ ବା ଘଟୁଆଳ ହୋଇ ଘାଟ ବା ଘଟକୁ ଜଗି ରହିଥାନ୍ତି । ଜୀବ ସଂସାର ଲୀଳା ସମାପନ କରିବା ସଙ୍ଗେ ସଙ୍ଗେ ହାଟ ଭାଙ୍ଗିଯାଏ ଏବଂ ଜୀବ ଜୀବନ ତ୍ୟାଗ କରିବାରୁ ଜଡ ଶରୀର ପଡ଼ି ରହେ । ଜୀବ ଶରୀର ଜଡ ହୋଇଗଲେ, ମନର ସ୍ଥାନ ଆଉ ସେଠାରେ ରହେ ନାହିଁ । ଆତ୍ମା ମନ ଏବଂ ପଞ୍ଚଜ୍ଞାନେନ୍ଦ୍ରିୟାନୁଭୂତିକୁ ସଙ୍ଗରେ ଧରି ସ୍ଥୂଳ ଶରୀର ତ୍ୟାଗ କରେ ଏବଂ ସୂକ୍ଷ୍ମ ଶରୀର ସ୍ୱରୂପରେ ପୁନର୍ଜନ୍ମ ପର୍ଯ୍ୟନ୍ତ ଅପେକ୍ଷା କରେ ।

ତ୍ରିବେଣୀର ଜଳ ..........................................ରୟଣୀ ନାହିଁ ।।୩।।

ଇଅଁଳା, ପିଅଁଳା ଓ ସୁଷୁମ୍ନାର ମିଳନ ସ୍ଥଳକୁ ତ୍ରିବେଣୀ କୁହାଯାଏ । ଗଙ୍ଗା (ଦକ୍ଷିଣା ପୁଡ଼ା), ଯମୁନା (ବାମପୁଡ଼ା) ଓ ସରସ୍ୱତୀ (ମଧ୍ୟସ୍ଥଳସୁଷୁମ୍ନା)ରେ ପ୍ରବାହିତ ବାୟୁର ମିଳନକୁ ମଧ୍ୟ ତ୍ରିବେଣୀ କୁହାଯାଏ । ଏହା ପିଣ୍ଡସ୍ଥ ବଙ୍କନାଳରେ ଅବସ୍ଥିତ । ଏହା ଅତ୍ୟନ୍ତ ନିର୍ମଳ ସ୍ଥାନ ଅଟେ । ଏହି ତ୍ରିବେଣୀର ସ୍ଥାନ ନାସାମୂଳ ଓ ଦୁଇ ଭ୍ରୂ-ମଧ୍ୟସ୍ଥ ସ୍ଥାନ ତ୍ରିକୂଟରେ ଅବସ୍ଥିତ । ସେଠାରେ କୋଟି ଚନ୍ଦ୍ରତୁଲ୍ୟ ଜ୍ୟୋତିଃ ଜ୍ୱଳମାନ ଅବସ୍ଥାରେ ଥାଏ । ତ୍ରିକୂଟରେ ନିତ୍ୟ ରାଧା ଏବଂ ନିତ୍ୟକୃଷ୍ଣ (ପରମପୁରୁଷ ଓ ପରମପ୍ରକୃତି) ଲୀଳା କରୁଅଛନ୍ତି ବୋଲି ମହାପୁରୁଷ ଅଚ୍ୟୁତାନନ୍ଦ ନିଜର ଯୋଗାନୁଭୂତିରୁ ପ୍ରକାଶ କରିଅଛନ୍ତି । ତ୍ରିକୂଟରେ ସର୍ବଦା ଜ୍ୟୋତିଃ ପ୍ରଜ୍ୱଳିତ ହୋଇ କୋଟିଏ ଚନ୍ଦ୍ରର କିରଣ ବିତରଣ କରୁଥିବାରୁ, ସେଠାରେ ଦିବା ରାତ୍ର (ରଜନୀ) ନାହିଁ ।

ଧନ ଦାରାସୁତ ..........................................ମଶାଣି ଭୂଇଁ ।।୪।।

ଜୀବ ଧରାପୃଷ୍ଠରେ ମାୟାମୋହ ବନ୍ଧନରେ ପଡ଼ି ଧନ ସଂପତ୍ତି, ସ୍ତ୍ରୀ ପୁତ୍ର କନ୍ୟାଦିକୁ ଆପଣାର ଭାବି ବିଷୟା ସଂସାରରେ ମଜ୍ଜି ରହିଥାଏ । ସେ ଅହଂଭାବରୁ ପରମପୁରୁଷଙ୍କର ପରମ ସତ୍ତାକୁ ଉପଲବ୍ଧ କରି ନ ପାରି ଭାବର ଅଭାବରୁ ନିଜକୁ କର୍ତ୍ତା ବୋଲି ମନେ କରୁଥାଏ । କିନ୍ତୁ ମାୟାମୋହର ଏହି ଜାଲ ଅହଂକାରର ଫାଶକୁ ଦୃଢ଼ କରିଥିଲେ ମଧ୍ୟ ବିଧାତାର ବିଚିତ୍ର ବିଧାନରେ ଜୀବର ବିଷୟା ସୁଖ ନିମିଷକ ମଧ୍ୟରେ ଅବଶ୍ୟ ଭାଙ୍ଗିଯାଏ । ସେତେବେଳେ ଜୀବ ଦେହରୁ ଶିବ ଅନ୍ତର ହୋଇଯାଆନ୍ତି । ଯେତେବେଳେ ପିଣ୍ଡରୁ ପ୍ରାଣ ଚାଲିଯିବ ତାର ଜଡ ପିଣ୍ଡକୁ ମଡା (ମୁର୍ଦ୍ଦାର) ବୋଲି ଜ୍ଞାତିପରିଜନ ମଶାଣିକୁ ନେଇଯିବେ ।

ବିଅର୍ଥ ହୋଇକୁ ..........................................ପାଇବୁ ନାହିଁ ।।୫।।

ମାୟାମୋହ ଓ ଅହଂକାରର ବଶବର୍ତ୍ତୀ ହୋଇ ଜୀବ ଯେତେ ହଟଚମଟ ଦେଖାଇ ହେଉଥିଲେ ମଧ୍ୟ ମଡା ପାଲଟି ଗଲେ ସବୁ ବ୍ୟର୍ଥ ହୋଇଯିବ । ମାୟା,ମୋହ,ସ୍ନେହ, ମମତା ସବୁ ନିଷ୍ଫଳ ହୋଇଯିବ ଓ ସେତେବେଳେ ସେ କିଛି କରିପାରିବ ନାହିଁ । ଏହା ନ ଜାଣି ଅହଂକାର ବଶରୁ ଜୀବ ଦୟା ଧର୍ମ ବିବର୍ଜିତ ହୋଇ ବିବେକଶୂନ୍ୟ ଭାବରେ ନିର୍ଦ୍ଦୟ ଓ ନିଷ୍ଠୁର ଆଚରଣ କରେ । ଫଳରେ ସଂସାର ପଥରେ ଗତି କରୁ କରୁ ଧର୍ମ ପଥ ତ୍ୟାଗ କରି ଅଧର୍ମ ପଥରେ ବାଟ ଚାଲୁଥାଏ । ସେହି ପରମପୁରୁଷ ପରମବ୍ରହ୍ମଙ୍କର ଚରମପାଦ ପୀଠରେ ଶରଣ ନେଲେ, ଜୀବ ଜନ୍ମ ମୃତ୍ୟୁ ଚକ୍ରରୁ ରକ୍ଷା ପାଇଥାଏ ବୋଲି ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ଆମ୍ଭମାନଙ୍କର ଅବଗତି ନିମନ୍ତେ ଜୀବ ମଙ୍ଗଳ ଓ ବିଶ୍ୱ କଲ୍ୟାଣ ପାଇଁ ସ୍ପଷ୍ଟ ଭାବରେ ପ୍ରକାଶ କରିଅଛନ୍ତି ।

❀❀❀

'ସୁ' ବିଚାର 'କୁ' ବିଚାର ।
କାଳ ରୂପିଣୀ ମାୟା ସଂସାର ।।

ଭାବର ମାୟା ସଂସାର ପରି ।
ଇନ୍ଦ୍ରିୟ ବଶେ ପିଣ୍ଡେ ଆବୋରୀ ।।

# ପୂର୍ବ ସଂଖ୍ୟାରେ ପତ୍ରସ୍ଥ ପୌରାଣିକ ଗଳ୍ପାଂଶର ମୀମାଂସା ଖଣ୍ଡ :

ପିଣ୍ଡତତ୍ତ୍ୱ ମତରେ ଏହି ଗଳ୍ପାଂଶର ପ୍ରାରମ୍ଭରେ ବକ୍ରକୁଣ୍ଡଳିନୀ ସ୍ନାୟୁକୋଷ ସମୂହକୁ ଶୌନକାଦି ଋଷିଗଣ ବୋଲି କୁହାଯାଇଅଛି । ବକ୍ରକୁଣ୍ଡଳିନୀ ସ୍ନାୟୁକୋଷ ସମୂହ ଆତ୍ମାକୁ ଧ୍ୟାନଗତ ହୋଇ ପିଣ୍ଡ ମଧ୍ୟରେ ରହିଥାଆନ୍ତି । ବ୍ରହ୍ମା ବୋଇଲେ ବିନ୍ଦୁବ୍ରହ୍ମ ଏବଂ ବ୍ରହ୍ମାପୁତ୍ର ସନତ୍ କୁମାର ଅର୍ଥ ନାଦବ୍ରହ୍ମ । ନାଦବ୍ରହ୍ମ ବିଜ୍ଞାନ ତତ୍ତ୍ୱଜ୍ଞାନରେ ସାହାଯ୍ୟ କରେ । ବିଲ୍ୱପତ୍ରର ଅର୍ଥ ହେଉଛି ଯୋଗୀର ସ୍ଥିତପ୍ରାଜ୍ଞ ଅବସ୍ଥାର ଶୁଦ୍ଧ ଶୋଧନ କର୍ମଧାରା । ଷଡଚକ୍ର ଭେଦ ସୂତ୍ରରେ କୁଣ୍ଡଳିନୀ ଯୋଗ ସାଧନ ପ୍ରକ୍ରିୟାରେ ଏହି ଶୁଦ୍ଧ ଶୋଧନ କର୍ମଧାରା ଉପଯୋଗୀ ହୁଏ । ଶିବ ହେଉଛନ୍ତି ଜ୍ଞାନଶକ୍ତି । ଜ୍ଞାନଶକ୍ତିର ପ୍ରତୀକ ଶିବ ଯୋଗୀର ସ୍ଥିତପ୍ରାଜ୍ଞ ଅବସ୍ଥାର ଶୁଦ୍ଧ କର୍ମଧାରାରେ ସନ୍ତୁଷ୍ଟ ହୁଅନ୍ତି ।

ରଜ ଓ ତମ ମିଶ୍ରିତ ଭାବସୂତ୍ରୀ ଇନ୍ଦ୍ରିୟାଦିଗଣଙ୍କୁ ଏଠାରେ ହୃଜବଳ ଚୋର ବୋଲି ଆଖ୍ୟା ଦିଆଯାଇଛି । ଜୀବର ବୌହିତ୍ର କୋଷରୁ ଏହି ଭାବ ଉଦ୍‌ଭବ ହୁଏ । ଏହି ବୌହିତ୍ର କୋଷ ଜୀବପିଣ୍ଡର ସୃଜାନା ସ୍ନାୟୁଦ୍ୱାରା ପ୍ରକୃତି ଓ ଇନ୍ଦ୍ରିୟର ଚରିତାର୍ଥ ନିମନ୍ତେ କୁଭାବ ଓ କୁନୀତି ଆହରଣ କରେ । ଏହି କଥାକୁ ଗଳ୍ପରେ ଚୌରବିଦ୍ୟା ଓ ଦ୍ରବ୍ୟାଦି ହରଣ କରି ନେବା ଅର୍ଥରେ ଲେଖାଯାଇଅଛି । ଅଁପନ୍ତରା ବାଟର ତତ୍ତ୍ୱ ହେଉଛି ମ୍ଲେଚ୍ଛ ମାର୍ଗ । ମ୍ଲେଚ୍ଛ ମାର୍ଗରେ ଠେଙ୍ଗା ଅର୍ଥାତ୍ ହିଂସା । ବୌହିତ୍ର କୋଷ ସୃଜାନା ସ୍ନାୟୁର ସଂସର୍ଗରେ ଆସି କୁଭାବ ଓ କୁନୀତିର ବଶବର୍ତ୍ତୀ ହୋଇ ମ୍ଲେଚ୍ଛ ମାର୍ଗରେ ହିଂସା ଆଚରଣ କରି ବିଚ୍ଛେନ୍ଦ୍ରିୟ ବୃତ୍ତିରେ ଜୀବକୁ ପରିଚାଳନା କରିଥାଏ । ପଥ ହେଉଛି. ଲୟ, ପଥିକ ହେଉଛି ସିଦ୍ଧାନ୍ତ । ଠେଙ୍ଗା ପ୍ରହାର ହେଉଛି ବିଚ୍ଛେନ୍ଦ୍ରିୟ ବୃତ୍ତିର ଦମନ ଓ ସତ୍ୟେନ୍ଦ୍ରିୟ ବୃତ୍ତି ସକ୍ରିୟ ହେବା । ସେ ବାଟ ସବୁଦିନ ପାଇଁ ବନ୍ଦ ହୋଇଯିବାର ଅର୍ଥ ହେଉଛି କୁସଂଗ ମାର୍ଗ ବନ୍ଦ ହୋଇଯିବା । ଏହା ଜୀବର ଯୋଗସାଧନା ଦ୍ୱାରା ଶୂତ୍ୟେନ୍ଦ୍ରି ସ୍ନାୟୁକୋଷର କାର୍ଯ୍ୟକାରିତା ବନ୍ଦ ହୋଇଯିବା ଦ୍ୱାରା ସମ୍ଭବ ହୁଏ । ନିଶାକାଳର ତାତ୍ତ୍ୱିକ ଅର୍ଥ ହେଉଛି ଦୃଶ୍ୱିଅଃ କର୍ମ । ଏହି କର୍ମଧାରା ପରା ସୂତ୍ରରେ ଯୋଗୀର ଅନ୍ତଃକରଣରେ ନିର୍ଜନ ମୁହୂର୍ତ୍ତରେ ଜାଗରିତ ହୁଏ । ଗ୍ରାମଗୁଡ଼ିକରେ ପଶି ଦ୍ରବ୍ୟମାନ ଚୋରି କରିବାର ଅର୍ଥ ସଦ୍‌ସ୍ୱଭାବ ଆହରଣ କରି ଆଚରଣରେ ଫୁଟାଇବା । ଭୌମୀଧଃ ସୂତ୍ରରେ ଏହା ଯୋଗୀଠାରେ ସ୍ୱତଃ ପରିଲକ୍ଷିତ ହୁଏ । ଗ୍ରାମବାସୀ ବୋଇଲେ ବିଚ୍ଛେନ୍ଦ୍ରିୟ ବୃତ୍ତି ସକଳ । ଦରିଦ୍ର ହେବାର ଅର୍ଥ ବିଚ୍ଛେନ୍ଦ୍ରିୟ ବୃତ୍ତିର ଦମନ ଓ ଦୁର୍ବଳତା । ଫଳରେ ଯୋଗ ପ୍ରଭାବରୁ କୁସ୍ୱଭାବ, କୁଚିନ୍ତା, କୁନୀତି ଓ କୁଭାବ ଭୟଭୀତ ହୋଇ ଲୁଚି ଛପି ଯିବା ତତ୍ତ୍ୱକୁ ଏଠାରେ ଗ୍ରାମବାସୀମାନେ ଭୟଭୀତ ହୋଇ ଦିନ ଥାଉଁ ଥାଉଁ କବାଟ କିଳି ରହିବା କଥାରେ ପ୍ରକାଶ କରାଯାଇଅଛି । ଗ୍ରାମ ଦାଣ୍ଡରେ ସର୍ବଦା 'ଚୋର ଚୋର' ଡାକ ଶୁଭିବାର ତତ୍ତ୍ୱ ହେଉଛି – ସ୍ନାନ୍ତୟ ସ୍ନାୟୁ ମାର୍ଗରେ ଭୂତ୍ୟେନ୍ଦ୍ରି କୋଷ ଦ୍ୱାରା ପିଣ୍ଡ ମଧ୍ୟରେ ସୂକ୍ଷ୍ମସୂତ୍ରୀୟ ଭୈରବୀଡାକ ପଡ଼ିବା । କ୍ରମେ ବାଟଘାଟ ସବୁ ବନ୍ଦ ହୋଇଯିବାର ଅର୍ଥ – ଯୋଗୀ ଯୋଗମାର୍ଗରେ ଉର୍ଦ୍ଧ୍ୱତର ସୋପାନକୁ ଗତି କଲେ, ଶରୀରର ଦଶଦ୍ୱାର ସଂଯମ ଅବସ୍ଥାକୁ ଆସିଯାଏ । ଲୋକମାନେ ବିଷମ ସଂକଟରେ ପଡ଼ିବାର ଅର୍ଥ ବିଚ୍ଛେନ୍ଦ୍ରିୟ ବୃତ୍ତି ସକଳର ବିଷମ ସଂକଟ ଭାବ ଅବସ୍ଥା । ଚୋର ଧରିବାର ଉପାୟ ଚିନ୍ତା କରିବାର ତତ୍ତ୍ୱ ସୌଧୀସ୍ନାୟୁ ଦ୍ୱାରା ସଂଘଟିତ ରଜ ଓ ତମ ମିଶ୍ରିତ ଭାବସୂତ୍ରୀୟ ଇନ୍ଦ୍ରିୟାଦିଗଣକୁ ଆୟତ୍ତକୁ ଆଣିବାର ଉପାୟ ମଧ୍ୟରେ ନିହିତ ଅଛି । ଯୋଗୀ ଯୋଗମାର୍ଗରେ ଅଗ୍ରସର ହେଉଥିବା ଅବସ୍ଥାରେ କାଳ ଓ ପର୍ଯ୍ୟାୟକ୍ରମରେ ଯୋଗୀର ଅନ୍ତକରଣ ଓ ପିଣ୍ଡ ମଧ୍ୟରେ ଯୋଗକ୍ରିୟାର ପ୍ରଭାବରୁ ବିଭିନ୍ନ କୋଷ ଓ ସ୍ନାୟୁର ସୂକ୍ଷ୍ମ ଓ ସ୍ଥୂଳ ଉଭୟ ସୂତ୍ରୀୟ ପ୍ରଭାବ ଅନୁଭୂତ ହୁଏ, କେତେ ପ୍ରକାରର ଭଙ୍ଗାଗଢ଼ା ମଧ୍ୟରେ ଯୋଗୀ ସାଧନ ପଥରେ ଆଗେଇ ଚାଲେ ।

ସନ୍ଧ୍ୟା ସମୟ ଅର୍ଥାତ୍ ଯୋଗମାର୍ଗର ପରିବର୍ତ୍ତନକାଳ । ଏ ସମୟରେ ଧିରେ ଧିରେ ଯୋଗୀ ବିଚ୍ଛେନ୍ଦ୍ରିୟ ବୃତ୍ତିର ପ୍ରଭାବରୁ ମୁକ୍ତ ହୋଇ ସତ୍ୟେନ୍ଦ୍ରିୟ ବୃତ୍ତି ଦ୍ୱାରା ପ୍ରଭାବିତ ହୁଏ । ଏହି ଅବସ୍ଥାରେ ଯୋଗୀର ନାନାପ୍ରକାର ଭାବଧାରା ଓ କର୍ମଧାରାରେ ବାରମ୍ବାର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ରଜ ଓ ତମ ଗୁଣର ଭାବ ଦ୍ୱାରା ମିତ୍ରନ୍ତୀ କୋଷ ଓ ସ୍ନାୟୁଦ୍ୱାରା ଅନ୍ତଃକରଣରେ ଇନ୍ଦ୍ରିୟାଦିଗଣ ସଂଯତ (ସୂକ୍ଷ୍ମସୂତ୍ରରେ) ହେବା ପ୍ରକ୍ରିୟା ଆରମ୍ଭ ହେବା ତତ୍ତ୍ୱକୁ ଏଠାରେ ସମସ୍ତେ ମିଳି ସବୁ ସ୍ଥାନରେ ଚୋରକୁ ଧରିବା ପାଇଁ ଲୁଚି ରହିବା କଥା ଗଳ୍ପାଂଶରେ ପ୍ରକାଶ କରାଯାଇଅଛି । ରାତିରେ ଚୋର ଧରା ପଡ଼ିଲା – ଏହି ଅଂଶରେ ଏକ ଗୂଢ଼ ତତ୍ତ୍ୱ ସନ୍ନିବିଷ୍ଟ ହୋଇଅଛି । ଯୋଗୀର ଦୃଶ୍ୱିଅଃ କର୍ମଧାରା ପରାସୂତ୍ରରେ ସକ୍ରିୟ ହେବା ଫଳରେ ଆତ୍ମାରୂପୀ ଭଗବାନ ଚୋର ରୂପରେ

ଯୋଗୀ ନିକଟରେ ଧରା ପଡ଼ନ୍ତି । ଭୂଜବଳ ଚୋର ଅତ୍ୟନ୍ତ ବଳିଷ୍ଠ । ଏହାର ତାତ୍ତ୍ୱିକ ଅର୍ଥ ଜୀବବ୍ରହ୍ମ ଶକ୍ତି । ଏହା ପରଂବ୍ରହ୍ମଙ୍କର ଅଂଶ ବିଶେଷ । ତେଣୁ ଅଜର, ଅମର, ଅବିନଶ୍ୱର । ଲୋକେ କୌଶଳରେ ତା'କୁ ଆଗୁଳି ବାନ୍ଧି ପକାଇବାର ଅର୍ଥ ଭକ୍ତଯୋଗୀ ଭାବଭକ୍ତିର ଡୋରିରେ ଭଗବାନଙ୍କୁ ବାନ୍ଧି ପକାଇବାର ତତ୍ତ୍ୱ ଅଟେ । ପୂର୍ବ ଅହନ୍ତା ଶୁଝାଇବାକୁ ତାକୁ ମାରି ମାରି ହୀନସ୍ତା କରିବାର ତତ୍ତ୍ୱ ହେଉଛି ପ୍ରକୃତି ଇନ୍ଦ୍ରିୟାଦି ବଳଦ୍ୱାରା ପିଣ୍ଡସ୍ଥ ଆତ୍ମାକୁ ଗଞ୍ଜଣା ଦେଇ ହୀନସ୍ତା କରିବା । ତାକୁ ନେଇ ରାଜାଙ୍କ ସମ୍ମୁଖରେ ଛିଡ଼ା କରାଇବାର ଅର୍ଥ ହେଉଛି ରୌହିତ୍ୱ କୋଷର ପ୍ରଭାବରୁ ଜୀବର ରଜ ଓ ତମ ମିଶ୍ରିତ ଭାବସୂତ୍ରୀ ଇନ୍ଦ୍ରିୟଗଣକୁ ନେଇ ବିବେକ ସ୍ୱରୂପ ରାଜାଙ୍କ ସମ୍ମୁଖରେ ହାଜର କରାଇବା । ଏଠାରେ ସୂକ୍ଷ୍ମତଃ ଚିତ୍ତର ମନରୂପକୁ ଚୋର ଓ ବିବେକକୁ ରାଜା ବୋଲି କୁହାଯାଇଅଛି । କାରଣ ମନ ଆତ୍ମାର ଛାୟା ସ୍ୱରୂପ ପିଣ୍ଡ ମଧ୍ୟରେ ଅବସ୍ଥିତ ଅଟେ । ଚୋର ମିଛ କହିବାର ତାତ୍ତ୍ୱିକ ଭାବ ହେଉଛି, ଚିତ୍ତର ସପ୍ତମ ଅବସ୍ଥା ମିଥ୍ୟା ଓ ଏହା ମୂର୍ଦ୍ଧାୟି ସ୍ନାୟୁର କ୍ରିୟାଶୀଳତାରୁ ସଂଘଟିତ ହୋଇଥାଏ । ରାଜା ଚୋର କଥାର ସତ୍ୟତା ପାଇଁ ସାକ୍ଷୀ ଖୋଜିବାର ଭାବତତ୍ତ୍ୱକୁ ବିବେକ ମନକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବା ପାଇଁ ମତିକୁ ଲୋଡ଼ିବା । ମତି ମଧ୍ୟ ମନର ଅନ୍ୟ ଏକ ସ୍ତର । ଏହା କୁ ଓ ସୁ ଭାବ ଦ୍ୱାରା ପ୍ରଭାବିତ ହୋଇଥାଏ । ଚୋରକୁ ରାଜ୍ୟରୁ ବାହାର କରି ଦେବାର ଅର୍ଥ ହେଉଛି ଯୋଗୀ ଯୋଗ ସୋପାନର ସମାଧି ସ୍ତରରେ ଉପନୀତ ହେଲେ ତାର ନିଜସ୍ୱ ମନ ବୋଲି କିଛି ନ ଥାଏ । ସେ ନିର୍ଲିପ୍ତ, ନିର୍ବିକାର ଅବସ୍ଥାରେ ପହଞ୍ଚି ଯାଇଥାଏ । ଏହି ତତ୍ତ୍ୱ ଏଠାରେ ନିହିତ ଅଛି ।

ନିଜ ପରିବାର ଲୋକ ବୋଇଲେ ଇନ୍ଦ୍ରିୟାଦିଗଣ ସହିତ ଷଡ଼ରିପୁ, ଅଷ୍ଟପାଶ ଓ ସକଳ ବୃତ୍ତିପ୍ରବୃତ୍ତିକୁ ବୁଝାଯାଏ । କେତେ ବନ ପର୍ବତର ଅର୍ଥ ପିଣ୍ଡରେ ଥିବା ଅସଂଖ୍ୟ କୋଷ, ସ୍ନାୟୁ, ନାଡ଼ି, ପେଶି ଇତ୍ୟାଦି । ଅବନୀ ରାଜ୍ୟ କହିଲେ ରୌହିତୀ ଚିତ୍ତକୁ ବୁଝାଏ । ଏହା ଜୀବକୁ ସଜାଗ ରଖେ । ରାଜାଙ୍କର ବଗିଚାର ତତ୍ତ୍ୱ ଚୈତନ୍ୟର କେନ୍ଦ୍ରସ୍ଥଳ ଅଟେ । ବେଲଗଛର ତତ୍ତ୍ୱ ବ୍ରହ୍ମସୂତ୍ରୀ ବିଜ୍ଞାନ କର୍ମଧାରାରେ ନିହିତ । କୁଣ୍ଡଳିନୀ ଯୋଗ ସାଧନ ପ୍ରକ୍ରିୟାର ଏହା ଅନ୍ତର୍ଗତ ଅଟେ । ପାଚିଲା ବେଲର ଅର୍ଥ ଯୋଗୀ ସମାଧି ଅବସ୍ଥାରେ ଲାଭ କରୁଥିବା ଜ୍ଞାନାଲୋକ ତତ୍ତ୍ୱଜ୍ଞାନ ପରିପକ୍ୱ ହୋଇ ଯୋଗୀର ସିଦ୍ଧି ଆନୟନରେ ସହଯୋଗ କରେ । ତାରିବେଦର ସୌରଭକୁ ଚତୁର୍ଦ୍ଦଶୀ ତିଥି ଏବଂ ସୌମୀହୃତିକୁ ସୋମବାର ବୋଲି ଏଠାରେ କୁହାଯାଇଛି । ଶିବ ହେଉଛନ୍ତି ତତ୍ତ୍ୱଜ୍ଞାନ ଶକ୍ତି । ବେଲପତ୍ର ପାଇଁ ଆଗ୍ରହ ଲେଖିବା ଦ୍ୱାରା ଗଳ୍ପାଂଶରେ ଧୃତିକା ସ୍ନାୟୁ ଦ୍ୱାରା କ୍ଷରିତ ଜ୍ଞାନର ପ୍ରଭାବରୁ ଯୋଗୀର ଶୁଦ୍ଧଶୋଧନ କର୍ମଧାରାରେ ତତ୍ତ୍ୱଜ୍ଞାନ ଶକ୍ତିର ଆଗ୍ରହ ଥିବା ତତ୍ତ୍ୱ ପ୍ରକାଶ ପାଉଛି । ଅଦିନ ମେଘ ବୋଇଲେ ମିର୍ଜୋରୀକା ସ୍ନାୟୁ । ଏହାଦ୍ୱାରା ଯୋଗୀ ହୃଦୟରେ ହଠାତ୍ ଜ୍ଞାନତତ୍ତ୍ୱ କ୍ଷରଣ ହୁଏ । ପ୍ରଚଣ୍ଡ ପବନ ଘଡ଼ଘଡ଼ି, ବିଜୁଳି ସହିତ ଅଳ୍ପ ଅଳ୍ପ ବର୍ଷା ହେବାର ତତ୍ତ୍ୱ ହେଉଛି – କାପ୍ତୀକ କୋଷ, ବାସଭୂକୟଗ ସ୍ନାୟୁ, ହୃଦୟର ପ୍ରେରିତେ ଭାବର ଉଚ୍ଛ୍ୱାସ ଓ ଜ୍ଞାନତତ୍ତ୍ୱ ମିଶ୍ରିତ ଭକ୍ତିଭାବ । ଏହା ଯୋଗୀର କୈବଲ୍ୟ ଅବସ୍ଥାରେ ଦୃଶ୍ୟ ଓ ଅନୁଭବ ହୁଏ । ବେଲଗଛ ମୂଳରେ ଶିବଲିଙ୍ଗ ବୋଇଲେ, ଶୃତିକଭୁଜୟ ସ୍ନାୟୁରେ ଜ୍ଞାନର ଆଧାର ଠୁଳ ହେବାର ଅବସ୍ଥା । ବର୍ଷାଜଳ ହେଉଛି ସୃତିସ୍ନାୟୁ କୋଷ । ବେଲପତ୍ର ସହିତ ଶିବଲିଙ୍ଗ ଉପରେ ପଡ଼ିବାର ତତ୍ତ୍ୱ ହେଉଛି – ଶୁଦ୍ଧସ୍ନାନ ଜ୍ଞାନାଭ୍ୟୁଦୟଃ କୋଷ । ଏହି ଦୁଇ କୋଷ ଦ୍ୱାରା ଯୋଗୀର ଅନ୍ତଃକରଣରେ ଭକ୍ତିଭାବ ସହିତ ଜ୍ଞାନ ମିଶ୍ରିତ ହୋଇ ଠୁଳ ଅବସ୍ଥାରେ ରହେ ।

ସନ୍ନିପାତ ଜ୍ୱରରେ ପ୍ରାଣତ୍ୟାଗ କରିବାର ତତ୍ତ୍ୱାର୍ଥ ହେଉଛି, ବୃଦବାଣଂ ସ୍ନାୟୁ ନିଷ୍କ୍ରିୟ ହେବା । ସାଧନ ସୂତ୍ରରେ ବୃଦବାଣଂ ସ୍ନାୟୁ ନିଷ୍କ୍ରିୟ ହେବା ଦ୍ୱାରା ଇନ୍ଦ୍ରିୟାଦିଗଣର ବଳ ନଷ୍ଟ ହୋଇଯାଏ । ପ୍ରକୃତି ଗଣ ହେଉଛନ୍ତି ଯମଦୂତ । ଇନ୍ଦ୍ରିୟା ସୌରୀସ୍ନାୟୁ ହେଉଛି ଚର୍ମପାଶ । ଶିବଗଣ ବୋଇଲେ ଜ୍ଞାନର ସମଷ୍ଟି ଓ ତାହାର ଠୁଳ କେନ୍ଦ୍ର । ଯମପୁରର ପିଣ୍ଡ ତାତ୍ତ୍ୱିକ ମତର ଅର୍ଥ ହେଉଛି ନୃଶୀକ୍ଷକ ସ୍ନାୟୁକୋଷ । ଜ୍ଞାନଚୈତନ୍ୟପୁରକୁ ଏଠାରେ ଶିବଲୋକ ବୋଲି କୁହାଯାଇଅଛି । ଯମରାଜ ବୋଇଲେ, ବିଜେନ୍ଦ୍ରିୟ ବୃତ୍ତି ଦ୍ୱାରା ସଂପାଦିତ ବ୍ରହ୍ମ ଆସୁରୀ କର୍ମ । ଚିତ୍ରଗୁପ୍ତ ହେଉଛି ଚିତ୍ତର ପଞ୍ଚମ ଅବସ୍ଥା । ଏହା ଜୀବର ସକଳ ଗୋପନୀୟତା ଠୁଳେଇ ରଖେ ଓ ମୃତ୍ୟୁକାଳ ଉପନୀତ ହେବାର ଠିକ୍ ପୂର୍ବରୁ ଜୀବାତ୍ମାକୁ ଦର୍ଶାଇ ଥାଏ ।

ଧ୍ୟାନ ଯୋଗରେ ଏହି ଗଳ୍ପାଂଶର ସାରତତ୍ତ୍ୱ ଯୋଗୀ  ଧୈମୀ କର୍ମ ପିଣ୍ଡରେ ବ୍ରହ୍ମ ଅନୁଭବ ଦ୍ୱାରା ଉପଲବ୍ଧ କରିପାରନ୍ତି ।

# ଉତ୍ସବ ପରିକ୍ରମା

ଭକ୍ତପୁରୁଷଙ୍କ ସହିତ ମିଶି ଏକାକାର ହୋଇଯିବା ହିଁ ଉତ୍ସବ । ଏହି କ୍ରମରେ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବସୂଚୀ ଅନୁକ୍ରମେ ଗତ ପୌଷ ପୂର୍ଣ୍ଣିମା, ୧୪୦୬ସାଲ, ଧନୁ ଦି୧୮ନ, ଶନିବାର, ଇଂରାଜୀ ୧୯୯୯ ମସିହା ଜାନୁଆରୀ ଦୁଇ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ମାଟିଆଗୁନିଠାରେ ପାଳିତ ଉତ୍ସବର ଇତିବୃତ୍ତ 'ଚରମ' ଷଷ୍ଠ ପୃଷ୍ଠ ପଞ୍ଚମପାଖୁଡ଼ା : ତ୍ରିଂଶତିତମ (୩୦ଶ) ସଂଖ୍ୟାରେ ଆମର ଅର୍ଘ୍ୟ । ଭକ୍ତ ମନୋବାଞ୍ଛା ପରିପୂରଣ କରିବା ପାଇଁ ଭକ୍ତବନ୍ଧୁ ଭକ୍ତବାଞ୍ଛା କଳ୍ପତରୁ ଯୁଗପୁରୁଷ ଯୁଗେ ଯୁଗେ ଅଭୂତପୂର୍ବ କୃତି ପ୍ରଦର୍ଶନ କରିଯାଇଅଛନ୍ତି । ଅତୀତ ଦୃଷ୍ଟାରେ ଏହାର ପର୍ଯ୍ୟାୟ ପ୍ରାସଂଗିକତା ଉପଲବ୍ଧ, ବର୍ତ୍ତମାନ ସମୟରେ ତାହାର ତତୋଽଧିକ ଘଟଣାର ପୁନରାଲୋଚନା ପ୍ରତ୍ୟକ୍ଷରେ ଅନୁଭୂତ । ଲୋକଲୋଚନ ଅଗୋଚରରେ ବିସ୍ମୃତ ବିଗତ ଘଟଣା ସମୂହର ସମାୟନରେ ଋଦ୍ଧିମନ୍ତ ପ୍ରତିଟି ଉତ୍ସବର ପୃଷ୍ଠଭୂମି ସାଧନା ଓ ସାଧନାର ଦିବ୍ୟ ଆଲୋଚନାରେ ଆଲୋକିତ ଧରାପୃଷ୍ଠରେ ସକଳ ସ୍ୱାଭାବିକତା ମଧ୍ୟରେ ସ୍ରଷ୍ଟାପୁରୁଷଙ୍କର ଇଚ୍ଛାରେ ଅସ୍ୱାଭାବିକ ପ୍ରତୀତ ଘଟଣା ସଂଘଟିତ ହୋଇ ଅଲୌକିକତାର ଦିବ୍ୟ ଝଲକରେ ଝଲସି ଉଠେ । ଯୁଗଯୁଗାନ୍ତର ପାଇଁ ଏତାଦୃଶ ଅଲୌକିକ ଘଟଣା ସମୟର ଲଲାଟରେ ଗଭୀର ରେଖାଙ୍କନ କରିଥାଏ । ଏହିଭଳି ଅନେକ ରେଖାଙ୍କନ ମଧ୍ୟରୁ ଋଷିପ୍ରାଣ ଅଭୋଦିଙ୍କର ଅମରଗାଥା ଗୋଟିଏ । କୋଟିଏରୁ ଗୋଟିଏ – ଅନେକରୁ ଏକ – ଅଭୋଦିଙ୍କର ପରବର୍ତ୍ତୀ କଳ୍ପବୃତ୍ତାନ୍ତ ଅତୀବ ରହସ୍ୟୋଦ୍ଦୀପକ ଏବଂ ରସୋତ୍ତୀର୍ଣ୍ଣ । ତାଙ୍କ ଦିବ୍ୟ ସ୍ମୃତିର ସ୍ୱାକ୍ଷର ବହନ କରେ ଏଥରର ଅର୍ଘ୍ୟ : ନନ୍ଦଶ୍ରୁତି ପୂଜା ଜୟନ୍ତୀ ଉତ୍ସବର ବିବରଣୀ ।

## ନନ୍ଦଶୃତି ସ୍ମରଣେ

ସବୁ ଜଳଯାକ ସମୁଦ୍ରେ ଠୁଳ । ସମୁଦ୍ରୁ ଯାଇ ଆକାଶରେ ମେଳ ।
ଆକାଶେ ଥାଇ ବରଷା କରଇ । ସେ ସକଳ ପୁଣି ସମୁଦ୍ରେ ଯାଇ ।
ଅରୂପରୁ ରୂପ ପ୍ରକାଶ ହେବ । ରୂପ ଯାଇଣ ଅରୂପେ ମିଶିବ ।
ରୂପ ଅରୂପ ସମ କରିଥିବୁ । ସମତା ରୂପରେ ସବୁ ପାଇବୁ ।

*(ଅଚ୍ୟୁତାନନ୍ଦଙ୍କ ରଚିତ ତତ୍ତ୍ୱବୋଧିନୀ)*

ସ୍ରଷ୍ଟାଙ୍କ ଇଚ୍ଛାରେ ସୃଷ୍ଟିର ଆରମ୍ଭରୁ ସାଧନା କ୍ଷେତ୍ରରେ ରୂପ, ଅରୂପର ଲୁଚକାଳି ଖେଳ ରହି ଆସିଅଛି । ସଂସାର ଅରଣ୍ୟ ମଧ୍ୟରେ ଜୀବ ଓ ପରମ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀପରି ଦୁଇଟି ଆଧାରର ବସ୍ତୁମାତ୍ର । ପ୍ରତ୍ୟେକ ଯୁଗରେ ସାଧକ ମାନେ ଜୀବ ପରମର ମିଳନ କ୍ରିୟାକୁ ସ୍ରଷ୍ଟାଙ୍କର ଲୀଳା ଛନ୍ଦରେ ରୂପାନ୍ତରିତ କରି ଅଜସ୍ର ଉଦାହରଣ ରଖି ଯାଇଛନ୍ତି । ମିଳନ ଲୀଳାରେ ରୂପ, ଅରୂପର କୌଣସି ପ୍ରଭେଦ ନାହିଁ । ଉଭୟ ଆଧାର ସମାନ ପର୍ଯ୍ୟାୟଭୁକ୍ତ ଅଟେ । ରୂପ ଯେପରି ଅରୂପ ପାଇଁ ବ୍ୟାକୁଳ ହେଉଥାଏ, ଅରୂପ ବା ପରମ ମଧ୍ୟ ଠିକ୍ ସେହିପରି ରୂପ ବା ଜୀବ ପାଇଁ ବିଚ୍ଛେଦରେ ହାହାକାର କରୁଥାଏ ।

ମର୍ତ୍ତ୍ୟଭୂମିର ସମସ୍ତ ଜଳ ସମୁଦ୍ରରେ ଠୁଳ ହୁଏ । ଏଠାରୁ ଜଳ ବାଷ୍ପ ଆକାରରେ ଆକାଶରେ ମେଘଖଣ୍ଡ ହୋଇ ରହେ । ପୁନଶ୍ଚ ଆକାଶରୁ ବର୍ଷା ହୋଇ ମର୍ତ୍ତ୍ୟକୁ ଆସେ ଏବଂ ସମୁଦ୍ରରେ ଏକତ୍ର ହୁଏ । ଠିକ୍ ସେହିପରି ଅରୂପ ବା ପରମାତ୍ମା ରୂପ ଗ୍ରହଣ କରି ଜୀବ ରୂପକ ସ୍ଥୂଳ ସତ୍ତା ଗ୍ରହଣ କରନ୍ତି ଏବଂ ଅରୂପର ଦର୍ଶନ ପାଇଁ ବ୍ୟାକୁଳ ହୋଇ ସାଧନ କରନ୍ତି । ସାଧନ ଶେଷରେ ଅରୂପ ବା ପରମ ରୂପବନ୍ତ ହୋଇ ଆବିର୍ଭାବ ହୁଅନ୍ତି ଓ ରୂପ ବା ଜୀବ ସହ ଏକତ୍ର ହୋଇ ରୂପ, ଅରୂପର ମିଳନ କରାନ୍ତି । ଏହି ପର୍ଯ୍ୟାୟକୁ ବିଭିନ୍ନ ସ୍ତର ମାଧ୍ୟମରେ

ଦିବ୍ୟଦ୍ରଷ୍ଟାମାନେ ''ଦର୍ଶନଲୀଳା'' ନାମରେ ନାମିତ କରିଥାଆନ୍ତି । ଉକ୍ତ କ୍ରିୟା ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ଲାଗି ରହିଥିବ । ଯେ ପର୍ଯ୍ୟନ୍ତ ଜୀବ ଓ ପରମ ଉଭୟଙ୍କର ସ୍ଥିତି ଥିବ, ସେ ପର୍ଯ୍ୟନ୍ତ ରୂପ ଅରୂପର ଖେଳ ଲାଗିଥିବ । ସେହି ମର୍ମରେ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ''ଶୂନ୍ୟ ସଂହିତା'' ରେ ଲେଖିଛନ୍ତି,

''ଅରୂପରୁ ନାମ ରୂପ ହୁଏ ସିନା ସ୍ୱରୂପେ ଅରୂପେ ମିଶେ ।
ଅରୂପରେ ଯେହୁ ସ୍ୱରୂପରେ ସେହୁ ବସ୍ତୁ ଭିନ୍ନ କର୍ମେ ବସେ ।।''

ଯେଉଁ ପରମସତ୍ତା ବାହ୍ୟଜଗତରେ ରହି ସାଧକକୁ ଚମତ୍କୃତ କରିଦିଅନ୍ତି, ଅନ୍ତର୍ଦୃଷ୍ଟିରେ ଦେଖିଲେ ସେହି ପୁଣି ସାଧକର ଆପଣା ମଧ୍ୟରେ ଦର୍ଶନ ଦିଅନ୍ତି । ସେତେବେଳେ ସାଧକ ଉଭୟ ଅବସ୍ଥା (ବାହ୍ୟ ଦର୍ଶନ ଓ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ)ର ସ୍ମାରକ ପାଇଁ ବ୍ୟାକୁଳ ହୋଇ ଉଠେ । କାରଣ ଥରେ ଶରୀର ମଧ୍ୟରେ ଦର୍ଶନ ପ୍ରାପ୍ତି ହୋଇଗଲେ ବାହ୍ୟଦର୍ଶନର ଆବଶ୍ୟକତା ରହେ ନାହିଁ କିମ୍ବା ବାହ୍ୟଦର୍ଶନର କୌଣସି ଗୁରୁତ୍ୱ ସାଧକ ସ୍ମରଣ ରଖି ପାରେ ନାହିଁ । ସେଥିପାଇଁ ସମାଧି ଅବସ୍ଥାରେ ପିଣ୍ଡ ବ୍ରହ୍ମାଣ୍ଡ ମଧ୍ୟରେ ପରମାତ୍ମାଙ୍କୁ ଦର୍ଶନ କରିବା ସମୟରେ ତା'ର ପୂର୍ବାବସ୍ଥାର ସ୍ମୃତି ପାଇଁ ବରଭିକ୍ଷା କରିନିଏ । ଉପଯୁକ୍ତ ଅବସ୍ଥାରେ ସେହି ବର କାର୍ଯ୍ୟକାରୀ ହୁଏ । ସେହିପରି ଜଣେ ସାଧକଙ୍କର ଅମରଗାଥା ଆଜି ''ନନ୍ଦୀ ଶୃତି ପୂଜା ଜୟନ୍ତୀ'' ନାମରେ ପାଳିତ ହେଉଛି ।

ଦ୍ୱାପର ଯୁଗରେ ଏକ ଅବସ୍ଥା । ''ଋଷି ନନ୍ଦୁଦର'' ଓ ''ସାଧ୍ୱୀପତ୍ନୀ ସୁରଭି'' ବାସୁଦେବଙ୍କ ଆରାଧନାରେ ସେମାନଙ୍କର ସମସ୍ତ ତପଶକ୍ତି ବିନିଯୋଗ କରିଥିଲେ । ମାତ୍ର ବିଧିର ବିଡ଼ମ୍ବନାରେ ସେମାନେ ଅପୁତ୍ରିକ ଥିଲେ । ସେଥିପାଇଁ ଯଜ୍ଞାନୁଷ୍ଠାନ କରି ବାସୁଦେବଙ୍କୁ ଏକ ସୁସନ୍ତାନ ପାଇଁ ପ୍ରାର୍ଥନା କଲେ । କଲ୍ୟାଣମୟ ଶ୍ରୀକୃଷ୍ଣ ଋଷିଦମ୍ପତିଙ୍କୁ ଏକ ପୁତ୍ର ସନ୍ତାନ ପ୍ରଦାନ କଲେ । ଯଥା ସମୟରେ ସେମାନଙ୍କର କୋଳମଣ୍ଡନ କରି ଜନ୍ମନେଲେ ଏକ ଦେବଶିଶୁ । ପିତା ଶ୍ରଦ୍ଧାରେ ତାଙ୍କର ନାମକରଣ କଲେ ''ଅଭୋଦି'' । ବିଷ୍ଣୁପ୍ରାଣ ପିତାମାତାଙ୍କର ବଳିଷ୍ଠ ପ୍ରେରଣାରେ ଅଭୋଦି ଶୈଶବରୁ ହିଁ ବାସୁଦେବଙ୍କ ପ୍ରୀତିରେ ନିଜକୁ ହଜାଇ ଦେଲେ । ଆଜନ୍ମ ବ୍ରହ୍ମଚର୍ଯ୍ୟ ପାଳନର ବ୍ରତ ନେଇ ବାସୁଦେବଙ୍କ ଦର୍ଶନ ନିମନ୍ତେ ତପ ଆରମ୍ଭ କରିବା ପାଇଁ ପିତା ଓ ମାତାଙ୍କ ଅନୁମତି ଭିକ୍ଷା କଲେ । ଯଥା ସମୟରେ ପୁତ୍ରର ଇଷ୍ଟପ୍ରେମ ଲକ୍ଷ୍ୟ କରି ପିତା ନନ୍ଦୁଦର ପୁତ୍ରକୁ ସନ୍ୟାସ ମନ୍ତ୍ରରେ ଦୀକ୍ଷିତ କରି ଆଶ୍ରମରୁ ବିଦାୟ ଦେଲେ । ସେତେବେଳେ ପ୍ରଭୁ ଶ୍ରୀରାମଙ୍କର ଅପୂର୍ବ ଲୀଳା ଭୂମି ତାଙ୍କର ମାତୃଳାଳୟ କୋଶଳ ରାଜ୍ୟ ତପ ପାଇଁ ପ୍ରସିଦ୍ଧ ଥିଲା । ତେଣୁ ପିତାଙ୍କ ନିର୍ଦ୍ଦେଶରେ ଅଭୋଦି କୋଶଳ ରାଜ୍ୟ ଅନ୍ତର୍ଗତ ଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କରି ତାଙ୍କର ତପ ସାଧନ ଆରମ୍ଭ କଲେ । ଦ୍ୱାପର ଶେଷ ହୋଇ ଆସିଲା । ଋଷି ଅଭୋଦିଙ୍କର କଠୋର ସାଧନ ଅବ୍ୟକ୍ତପତିଙ୍କୁ ଅସ୍ତବ୍ୟସ୍ତ କରି ପକାଇଲା । ଶେଷରେ ଅଭୋଦିଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା । ସମାଧିସ୍ଥ ହୋଇ ଋଷି ଅଭୋଦି ପ୍ରଭୁଙ୍କର ଦର୍ଶନ ଲାଭ କଲେ । ଭକ୍ତ ବତ୍ସଳ ଶ୍ରୀହରି ବର ଯାଚଞ୍ଚା କରନ୍ତେ ଅଭୋଦି ନିବେଦନ କଲେ ''ହେ ସ୍ୱାମୀ ! ମୋତେ ତିନିଗୋଟି ବର ପ୍ରଦାନ କରନ୍ତୁ । ପ୍ରଥମ ବରରେ – ଏହି ପବିତ୍ର ସ୍ଥାନ ଯୁଗ ଯୁଗ ପାଇଁ ଆପଣଙ୍କ ଉପସ୍ଥିତିର ସ୍ମାରକ ବହନ କରୁ । ସବୁ ଯୁଗରେ ଆପଣ ସ୍ଥୂଳ ଅବତାର ନେଇ ଧରାପୃଷ୍ଠକୁ ଅବତରଣ କରିବା ସମୟରେ ଏହି ସ୍ଥାନକୁ ଆପଣଙ୍କ ଶ୍ରୀପଦ ସ୍ପର୍ଶ ଦେଇ ଆମ ମିଳନର ସ୍ମୃତି ରକ୍ଷା କରନ୍ତୁ । ଦ୍ୱିତୀୟ ବରରେ – ସୃଷ୍ଟିଚକ୍ରରେ ଆପଣଙ୍କର ଅବତାରବାଦର ସମସ୍ତ ଲୀଳା ସଂପର୍କିତ ଜ୍ଞାନ ଓ ଦର୍ଶନ ଦାନ କରନ୍ତୁ । ତୃତୀୟରେ – ସୃଷ୍ଟିତତ୍ତ୍ୱ ସଂବଳିତ ଜ୍ଞାନ ପ୍ରଦାନ କରନ୍ତୁ ।'' ନିଜକୁ ତିଳତିଳ କରି ଦହନ କରିଥିବା ଭକ୍ତର ଅଭିଷ୍ଟ ନିଶ୍ଚୟ ପୂର୍ଣ୍ଣ ହେବ । ପ୍ରଭୁ ପରମେଶ୍ୱର ବରଦାନ କରି କହିଲେ, ''ହେ ମୋର ପ୍ରିୟ ପୁତ୍ର ! ତୁମର ପ୍ରଥମ ଓ ଦ୍ୱିତୀୟ ବର ମୁଁ ଏହି ମୁହୂର୍ତ୍ତରେ ଦାନ କରୁଛି । ପ୍ରତି ଯୁଗରେ ମୁଁ ତୁମର ଏହି ସ୍ଥାନକୁ ନିଶ୍ଚୟ ଆସିବି । ମୋର ଆଗାମୀ ଅବତାର ଲୀଳାକୁ ମଧ୍ୟ ତୁମେ ଦର୍ଶନ କର । କିନ୍ତୁ ତୃତୀୟ ବର ପାଇଁ ଅପେକ୍ଷା କରିବାକୁ ହେବ । କାରଣ ତୁମ ପ୍ରଥମ ଜନ୍ମରୁ ହିଁ ତୁମେ ବ୍ରହ୍ମଚର୍ଯ୍ୟ ପାଳନ କରି ସନ୍ୟାସ ନେଲ । ସଂସାରର ଗୃହସ୍ଥାଧର୍ମ ତୁମର ଅଜ୍ଞାତ ହେଲା । ସୁତରାଂ ସୃଷ୍ଟିତତ୍ତ୍ୱ ପୂର୍ଣ୍ଣଜ୍ଞାନ ଆହରଣ ପାଇଁ ତୁମକୁ ପୁନଶ୍ଚ ଜନ୍ମ ନେବାକୁ ହେବ । ସେହି ଜନ୍ମରେ ଗୃହସ୍ଥ ହୋଇ ସଂସାର କର୍ମ ନିର୍ବାହ ସହ ସୃଷ୍ଟି ତତ୍ତ୍ୱ ସମ୍ୱଳିତ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେବ ।'' ପ୍ରଥମ ଓ ଦ୍ୱିତୀୟ ବର ପ୍ରାପ୍ତିର ପ୍ରଭାବରେ ଅଭୋଦି କଳିରେ ପ୍ରଭୁଙ୍କର ଅବତାର ଲୀଳା ଦର୍ଶନ କରି ସାରିଥିଲେ । ତେଣୁ ମୁହୂର୍ତ୍ତେ କାଳବିଳମ୍ବ ନ କରି ପ୍ରାର୍ଥନା କଲେ, ''ହେ ପ୍ରଭୁ ! ଯଦି ବାସ୍ତବରେ ଏ ଅକିଞ୍ଚନ ପ୍ରତି ଏତେ କରୁଣା, ତେବେ କୃପା କରନ୍ତୁ ଯେପରି କଳିଯୁଗର ଆସନ୍ତା ଜନ୍ମରେ ମୁଁ ଏହି ପବିତ୍ର ସ୍ଥାନରେ ହିଁ ଜନ୍ମ ଗ୍ରହଣ କରିବି । ଆପଣଙ୍କ

ଆଶୀର୍ବାଦରୁ ସୁପତ୍ନୀ ଗ୍ରହଣ କରି ସଂସାର ଧର୍ମ ପାଳନ କରିବି । ଆପଣ ସ୍ୱୟଂ ଆବିର୍ଭୂତ ହୋଇ ମୋର ଇଚ୍ଛା ପୂର୍ଣ୍ଣ କରିବେ ।'' ଭକ୍ତବନ୍ଧୁ ଭକ୍ତର ସମସ୍ତ ଅଳି ଗ୍ରହଣ କରିନେଲେ ।

କଳିର ଅନ୍ତିମ ଚରଣରେ ଆଜକୁ ୫୪୦ (ପାଞ୍ଚଶହ ଚାଳିଶି) ବର୍ଷ ପୂର୍ବେ ସେହି ମହାପୁରୁଷ କୋଶଳ ରାଜ୍ୟର ପୂର୍ବ ନିର୍ଦ୍ଧାରିତ ପବିତ୍ର ପୀଠରେ ପୁନର୍ଜନ୍ମ ନେଇଥିଲେ । ତାଙ୍କ ପିତା ମାତାଙ୍କ ନାମ ଯଥାକ୍ରମେ ''ଶୁଦ୍ଧୋଗ୍ରହ'' ଓ ''ବାରୁଣୀ'' ଥିଲା । ପିତାମାତା ପୁତ୍ରର ନାମ ''ନନ୍ଦୀ'' ରଖିଥିଲେ । ଯୌବନ ଅବସ୍ଥା ପ୍ରାପ୍ତ ହେବାରୁ ପିତା ଶୁଦ୍ଧୋଗ୍ରହ ଉଜ୍ଜୟିନୀ ନଗ୍ରର ''ଶୁଚି'' ନାମକ ଏକ କନ୍ୟାସହ ନନ୍ଦୀଙ୍କର ବିବାହ କରାଇଦେଲେ । ''ଶୁଚି''ଙ୍କ ପିତାଙ୍କ ନାମ ''ଶୁରୋମଣି'' ଓ ମାତାଙ୍କ ନାମ 'ରୋହିଦତ୍ୟା' ଥିଲା । ଦ୍ୱାପରରେ ପ୍ରାପ୍ତ ବରର ପ୍ରଭାବରେ ନନ୍ଦୀ ଶୁଚିଙ୍କୁ ସହଯାତ୍ରୀ କରି ସନ୍ୟାସ ଗ୍ରହଣ କଲେ । ତାଙ୍କର ଜନ୍ମ ହୋଇଥିଲା କୁମ୍ଭାର କୁଳରେ । ତେଣୁ ମାନସ ସ୍ତରରେ ସନ୍ୟାସ ନେଇ ଅନ୍ତର ମଧ୍ୟରେ ଉଭୟ ସୂକ୍ଷ୍ମ ସାଧନାରେ ରହିଲେ । ମାତ୍ର ବାହ୍ୟ ଆଚରଣରେ ମାଟି ପିତୁଳା ନିର୍ମାଣ କରି ନିଜର କୌଳିକ ପ୍ରଥା ବଜାୟ ରଖିଲେ । ମାଟି ପିତୁଳା ବିକ୍ରୟ କରି ନିଜର ଜୀବିକା ନିର୍ବାହ କଲେ । ଅତ୍ୟନ୍ତ ନିଷ୍ଠାର ସହ ଗୃହସ୍ଥାଧର୍ମ ପାଳନ କରୁଥିବା ସମୟରେ ଉଭୟ ଗୁରୁ ''ନମ୍ଭୁଜା ବ୍ରହ୍ମା''ଙ୍କର ସଂସ୍ପର୍ଶରେ ଆସିଲେ । ଦିବ୍ୟଦ୍ରଷ୍ଟା ନମ୍ଭୁଜାବ୍ରହ୍ମା ଦମ୍ପତିଙ୍କର ଏକାଗ୍ରତା, ନିଷ୍ଠା ଓ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ଉଭୟଙ୍କୁ ସନ୍ୟାସ ବ୍ରତ ସହ ବାସୁଦେବ ବୀଜମନ୍ତ୍ର ପ୍ରଦାନ କଲେ । ଏହାପରେ ନନ୍ଦୀ ଓ ଶୁଚି କଠୋର ତପରେ ବୁଡ଼ିଗଲେ । ଶେଷରେ ସେମାନଙ୍କର ଅଭିଷ୍ଟ ପୂର୍ଣ୍ଣ ହେଲା । ପୌଷ ପୂର୍ଣ୍ଣିମାର ପବିତ୍ର ରାତ୍ରିରେ ବାସୁଦେବ ଶ୍ରୀକୃଷ୍ଣଙ୍କର ଦର୍ଶନ ଲାଭ କଲେ । ଦ୍ୱାପରର ପ୍ରତିଶ୍ରୁତି ଅନୁସାରେ ଶ୍ରୀହରି ଉଭୟଙ୍କୁ ସୃଷ୍ଟିତତ୍ତ୍ୱର ପୂର୍ଣ୍ଣଜ୍ଞାନ ପ୍ରଦାନ କଲେ । ଗୃହସ୍ଥ ଧର୍ମ ପାଳନ କରି ମାୟା ମୋହ ଘେରା ସଂସାର ମଧ୍ୟରେ ନିଜର ସଂଯମତା ରକ୍ଷା କରି ପୂର୍ଣ୍ଣବ୍ରହ୍ମଙ୍କ ଦର୍ଶନ ଲାଭ କରିଥିବାରୁ ପ୍ରଭୁ ସେମାନଙ୍କ ଉପରେ ଅତ୍ୟନ୍ତ ପ୍ରସନ୍ନ ହୋଇଗଲେ । ଉକ୍ତ ଦମ୍ପତିଙ୍କ ବାହ୍ୟକର୍ମ ମାଟି ପିତୁଳା ନିର୍ମାଣ ଥିଲା । କିନ୍ତୁ ଅନ୍ତର ମଧ୍ୟରେ ସର୍ବଦା ଇଷ୍ଟଙ୍କର ନାମ, ଲୀଳା ସ୍ମରଣ କରି କେବଳ ତାଙ୍କୁ ହିଁ ଗୁଣି ବା ଝୁରି ହେଉଥିଲେ । ତେଣୁ ଉଭୟ କର୍ମର ସ୍ମୃତିରକ୍ଷା ପାଇଁ ସେହି ମହାନ ପୀଠକୁ ''ମାଟିଗୁଣା'' ନାମରେ ନାମିତ କଲେ । ତତ୍‌ପରେ ଯେତେବେଳେ ଭକ୍ତଦ୍ୱୟଙ୍କୁ ବର ଦେବାପାଇଁ ଇଚ୍ଛା ପ୍ରକଟ କରନ୍ତି, ସେତେବେଳେ ପତି, ପତ୍ନୀ ଉଭୟେ ବରଭିକ୍ଷା କଲେ, ''ହେ ବାସୁଦେବ ! ହେ ଆତ୍ମାଧିପତି ! ଦର୍ଶନ ଦେଇ ଧନ୍ୟ କରିସାରିବା ପରେ ଆଉ କିଛି ମାଗିବାର ନାହିଁ । ମାଗିବା ପୂର୍ବରୁ ସବୁ ତ ପୂର୍ଣ୍ଣ କରି ସାରିଛନ୍ତି । ଯଦି ତଥାପି ବର ଦେବାପାଇଁ କରୁଣା କରୁଛନ୍ତି, ତେବେ ଏହି (କଳି)ଯୁଗ ଶେଷରେ ଯେତେବେଳେ ଆପଣ ଶ୍ରୀ କେଶବ ନାମ ଧରି ଅବତରିତ ହେବେ, ସେତେବେଳେ ଏହି ପବିତ୍ର ତିଥିରେ ଆପଣ ସ୍ୱୟଂ ଏଠାରେ ଉପସ୍ଥିତ ହୋଇ ପୀଠ ସଂସ୍କାର କରି ପବିତ୍ର ପୀଠର ମାନ୍ୟତା ପ୍ରଦାନ କରିବେ । ଯେଉଁ ପଥ, ମତ ମାଧ୍ୟମରେ ଆପଣ ଆମ୍ଭର ଅଭିଷ୍ଟ ପୂର୍ଣ୍ଣ କରିଛନ୍ତି, ସେହି ସମସ୍ତ ସ୍ମୃତିକୁ ଆଧାର କରି ଆମରି ନାମରେ ''ନନ୍ଦୀଶୁଚି ଅଭିଷ୍ଟ ଯଜ୍ଞାନୁଷ୍ଠାନ'' କରାଇବେ । କଳିଯୁଗ ଶେଷରେ ଧର୍ମପ୍ରତିଷ୍ଠା ପାଇଁ ଆପଣଙ୍କର ମୁଖ୍ୟ ଆୟୁଧ ''ସନାତନୀ କେତନ'' ଏହିଠାରେ ଉତ୍ତୋଳନ କରାଇ ସତ୍‌ସଂଗ କରାଇବେ ଓ ''ମାଟିଗୁଣା''କୁ ଏ ଯୁଗର ଏକ ମହାନ ପୀଠର ମର୍ଯ୍ୟାଦା ଦାନ କରିବେ । କିନ୍ତୁ ଦ୍ୱାପରରୁ ଏ ପର୍ଯ୍ୟନ୍ତ କେବଳ ଆପଣଙ୍କର ଶ୍ରୀକୃଷ୍ଣ ରୂପ ଦର୍ଶନ କରିଥିବାରୁ କଳିରେ ଶ୍ରୀକେଶବ ରୂପରେ ଉପସ୍ଥିତ ହେଲେ ମଧ୍ୟ ''ବାସୁଦେବ-ଯଜ୍ଞପୁରୁଷ'' ନାମରେ ଯଜ୍ଞାହୁତି ଗ୍ରହଣ କରିବେ ।'' ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରିବାର ବଚନ ଦେଇ ପ୍ରଭୁ ପ୍ରସ୍ଥାନ କଲେ ।

ଭକ୍ତ, ଭଗବାନଙ୍କର ଉକ୍ତ ଅମରଗାଥାକୁ ମହାପୁରୁଷ ଅଚ୍ୟୁତ ତାଙ୍କର କଳିଲୀଳା ଦର୍ଶନ ସମୟରେ ପ୍ରଭୁ ନିରାକାରଙ୍କ ଠାରୁ ଜାଣିବାକୁ ପାଇଥିଲେ ଓ ତାଙ୍କର ଅମରକୃତି ମାଳିକାରେ ବର୍ଣ୍ଣନା କରିଥିଲେ । ଯଥା :-

''ଶୁଣ ଅଚ୍ୟୁତ ଦେଉଛି ବତାଇ । କୋଶଳ ରାଜ୍ୟ ଯେ ସାହାର ଭୂଇଁ ॥
ମାଟିରେ ପିତୁଳା ନନ୍ଦୀ ଗଢ଼ଇ । ସମାଧିରେ ଗୁଣି ରଖି ସେବଇ ॥
ଶୁଚି ମାତା ସବୁ ନ୍ୟାସଟି ଠାଣି । ମାଗିଥିଲେ ବର କଳିରେ ଜାଣି ।।''

ଉପରୋକ୍ତ ପଦ୍ୟାଂଶର ଅର୍ଥ ଖୁବ୍ ସରଳ ଓ ତାହାର ବ୍ୟାଖ୍ୟା ଉପରବର୍ଣ୍ଣିତ ବିଷୟ ବସ୍ତୁରେ ବର୍ଣ୍ଣନା କରାଯାଇଅଛି ।

''ଅଷ୍ଟାଦଶ ମିଶି ଏକ ବେଳାରେ । ଫିରିଙ୍ଗି ଅଙ୍କ ସେ ଗୁପ୍ତ ଖେଳାରେ ॥
ବେନି ପାଞ୍ଚଦଶ ଏକଇ ଊଣା । ଧନୁ ଅଠରକୁ ନ ହେବୁ ବଣା ॥
ଶନିଶ୍ଚର ବାସ ବାର ଦିନକୁ । ଦେବ ଅଭିଷେକ ପୂର୍ଣ୍ଣିମା ଡାକୁ ।।''

ଉକ୍ତ ପଦ୍ୟାଂଶରେ ମହାପୁରୁଷ ବରପ୍ରାପ୍ତିର କାର୍ଯ୍ୟକାରୀ ଦିବସ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଛନ୍ତି । ''ଅଷ୍ଟାଦଶ ମିଶି ଏକ'' ଅର୍ଥାତ୍ ୧୮+୧=୧୯ । ମହାପୁରୁଷ ଇଂରାଜୀକୁ ସର୍ବଦା ଫିରିଙ୍ଗି ବୋଲି ସମ୍ବୋଧନ କରିଛନ୍ତି । ତେଣୁ ଏହି ''୧୯'' ସଂଖ୍ୟାକୁ ଇଂରାଜୀ ଅଙ୍କ ବୋଲି ସୂଚନା ଦେଇଛନ୍ତି । ''ବେନି ପାଞ୍ଚ ଦଶ ଏକଇ ଊଣା'' ଅର୍ଥାତ୍ ପାଞ୍ଚଦଶ - ୫x୧୦=୫୦, ବେନି ପାଞ୍ଚଦଶ ଅର୍ଥ - ୨x୫୦=୧୦୦, ଏକଇ ଊଣା ଅର୍ଥ = ୧୦୦ ରୁ ଏକ ଊଣା = ୯୯ । ଉପର ଅଙ୍କ ୧୯ । ଏହିପରି ମସିହା ହୋଇଥିବ ୧୯୯୯ । 'ଧନୁ ଅଠରକୁ ନ ହେବୁ ବଣା'' । ଏଠାରେ ନିରାକାର ଅଚ୍ୟୁତଙ୍କୁ ସମ୍ବୋଧନ କରି କହୁଛନ୍ତି ''ହେ ଅଚ୍ୟୁତ ! ୧୯୯୯ ମସିହା ଧନୁ ମାସ ଦି୧୮ନ ଦେବାଭିଷେକ ପୂର୍ଣ୍ଣିମା ଶନିବାରକୁ କେବେ ବଣା ହେବୁ ନାହିଁ ଅର୍ଥାତ୍ ଭୁଲିଯିବୁ ନାହିଁ କାରଣ ଏହିଦିନ :-

''ଯଜ୍ଞରେ ଆହୁତି ଶେଷ ହୋଇବ । ଏହିଠାରେ ଭକ୍ତ ମେଳଟି ଥିବ ॥
କେଶବ ଆସିବ ଏଠାକୁ ଧାଇଁ । ଯଗିଥିବୁ ବାବୁ ମନେ ପକାଇ ॥

ନନ୍ଦୀଶୃଚି ମାଗିଥିବା ''ଅଭିଷ୍ଟଯଜ୍ଞ'' ର ପୂର୍ଣ୍ଣାହୁତି ହେବ । ସେତେବେଳେ ଏଠାରେ ଭକ୍ତମାନଙ୍କର ମେଳି ହୋଇଥିବ । ସେହି ସମୟରେ ମୁନିଦମ୍ପତିଙ୍କୁ ଦେଇଥିବା ବଚନ ରକ୍ଷାକରି ''କେଶବ'' ଧାଇଁ ଆସିବେ । ସୂକ୍ଷ୍ମରେ ଥାଇ ଏହି ପରମ ପବିତ୍ର ଲୀଳା ମନେ ପକାଇ ଜଗି ରହିଥିବୁ ।

''ସୂକ୍ଷମରେ ରହି ସବୁ ବେଳାରେ । ଲୀଳା ଚହଟିବ ନିଶି ଖେଳାରେ ॥
ଏତକ କଥାକୁ ରଖି ସଜାଡି । ସତ୍, ସଙ୍ଗ ନାମ ତ୍ରି ସନ୍ଧ୍ୟା ବେଡି ।।''

ଶ୍ରୀକେଶବ ଏଠାରେ ସ୍ଥୂଳରେ ଅବସ୍ଥାନ କରିବେ । ଦିବସରେ ସୂକ୍ଷ୍ମ ଲୀଳା ପ୍ରକଟ କରି ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଆନନ୍ଦ ବିତରଣ କରିବେ । ନିଶି ଅର୍ଥାତ୍ ରାତ୍ରିର ନିଃଶବ୍ଦତାରେ ସେ ଅନେକ ସୂକ୍ଷ୍ମ ଦିବ୍ୟଲୀଳା ପ୍ରକଟ କରିବେ । ସତ୍‌ସଂଗ ସହ ନାମକୀର୍ତ୍ତନ ତ୍ରିସଂଧ୍ୟା ଅର୍ଥାତ୍ ତିନୋଟି ସଂଧ୍ୟାକୁ ବେଢ଼ି କରି ରହିବ । ହେ ଅଚ୍ୟୁତ ! ଏହି ସମସ୍ତ ତଥ୍ୟକୁ ତୋର ମାନସପଟରେ ସଜାଡ଼ି ରଖି ସୂକ୍ଷ୍ମରେ ରହି ଦର୍ଶନ କରିବୁ ।

ହେ ଭକ୍ତବୃନ୍ଦ ! ଆଜି ହେଉଛି ସେହି ଆକାଂକ୍ଷିତ ଦିବସ । ପୌଷ ଦେବାଭିଷେକ ପୂର୍ଣ୍ଣିମା । ୧୯୯୯ ମସିହା ଧନୁ ଦି୧୮ନ ଶନିବାର । ଗତ ଦୁଇ ଦିନ ଧରି ଏଠାରେ ଯଜ୍ଞ, ସତ୍‌ସଂଗ ଓ ନାମ ସଂକୀର୍ତ୍ତନ ଚାଲିଛି । ଆଜି ତ୍ରିସଂଧ୍ୟା ଅର୍ଥାତ୍ ଉଦ୍‌ଯାପନୀ ସନ୍ଧ୍ୟା । ନନ୍ଦୀଶୃଚିଙ୍କର କଠୋର ତପ ପ୍ରଭାବରେ ଏହି ପବିତ୍ର ସ୍ଥାନ ତ୍ରିଲୋକ ସ୍ୱାମୀଙ୍କର ପଦସ୍ପର୍ଶ ପାଇ ମର୍ତ୍ତ୍ୟଧାମରେ ଏକ ପ୍ରସିଦ୍ଧ ପୀଠର ମର୍ଯ୍ୟାଦା ଲାଭ କରିଛି । ସ୍ଥାନଟି ୪୫୦ ବର୍ଷ ପୂର୍ବେ ''ମାଟିଗୁଣା'' ନାମରେ ନାମିତ ହୋଇଥିଲେ ମଧ୍ୟ କାଳଚକ୍ରର ଘୂର୍ଣ୍ଣାୟମାନ ପର୍ଯ୍ୟାୟରେ ଅନେକ ପରିବର୍ତ୍ତିତ ନାମ ଗ୍ରହଣ କରିଛି । ମାତ୍ର ଠିକ୍ ଉଦୟ ବେଳକୁ ସାମାନ୍ୟ ଅପଭ୍ରଂଶ ହୋଇ ''ମାଟିଆଗୁନି'' ନାମରେ ପରିଚିତ ହେଉଛି ।

ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରିବାପାଇଁ ଏ ଯୁଗରେ ଯୁଗପତି ଏଠାରେ ଯେଉଁ ଅପୂର୍ବ ଲୀଳା ପ୍ରକଟ କରିଗଲେ ତାହା ଯୁଗଯୁଗ ଧରି ଅମ୍ଳାନ ହୋଇ ରହିବ । ଉକ୍ତ ବାସ୍ତବ ଲୀଳାକୁ ଯିଏ ପ୍ରେମ, ଭକ୍ତି ଓ ବିଶ୍ୱାସର ସହ ପଠନ, ଶ୍ରବଣ କରିବ, ତା' ପୁଣ୍ୟର ହିସାବ ସେହି ଲୀଳାମୟଙ୍କ ବ୍ୟତୀତ ଆଉ କିଏ ବା କରି ପାରିବ ?

ହେ ଭକ୍ତ ବତ୍ସଳ ! ତୁମରି ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ମାହାଙ୍ଗା**
**୧୪୦୬ ସାଲ, ଦେବାଭିଷେକ ପୂର୍ଣ୍ଣିମା**
**ଶନିବାର**

**ସ୍ୱର୍ଣ୍ଣକ୍ଷେତ୍ର**
**ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍**

# ଆଶ୍ରମ ସନ୍ଦେଶ

| | |
|---|---|
| ତା ୧୬.୧.୯୯ ରିଖ ଶନିବାର - | ଅବାଦବାଗ କେନ୍ଦ୍ର ସଂଗଠନ ଅଧିନସ୍ଥ ଗୋବିନ୍ଦପୁର ଶାଖାର ବାର୍ଷିକୋତ୍ସବ ପାଳନ । |
| ତା ୨୨.୧.୯୯ ରିଖ ଶୁକ୍ରବାର - | ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀପଞ୍ଚମୀ ପୂଜା ଓ ଆଏଣ୍ଡା ଗୁରୁଭାଇ ବାବାଜି ଚରଣ ସାହୁଙ୍କ ବାର୍ଷିକ ନାମଯଜ୍ଞ । |
| ତା ୨୪.୧.୯୯ ରିଖ ରବିବାର - | ସଠିଲୋ ଗୁରୁଭ୍ରାତା ନୟନ ମହାନ୍ତିଙ୍କ ବାର୍ଷିକ ନାମ । |
| ତା ୨୫.୧.୯୯ ରିଖ ସୋମବାର - | ଦାନପୁରରେ ଅବସ୍ଥିତ ଗୁରୁଭାଇ ପ୍ରିୟନାଥ ସାହୁଙ୍କ ବାର୍ଷିକ ନାମ । |
| ତା ୨୭.୧.୯୯ ରିଖ ବୁଧବାର - | ଖଇରା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୨୮.୧.୯୯ ରିଖ ଗୁରୁବାର - | ସାହାପୁର ଗୁରୁଭାଇ ବଂଶୀଧର ବେହେରାଙ୍କ ବାର୍ଷିକ ପାରିବାରିକ ସତ୍‌ସଙ୍ଗ । |
| ତା ୨୯.୧.୯୯ ରିଖ ଶୁକ୍ରବାର - | ମାହାଳ ଶାଖାର ଗୁରୁଭାଇ ଭ୍ରମରବର ନାୟକଙ୍କ ବାର୍ଷିକ ନାମ । |
| ତା ୩୧.୧.୯୯ ରିଖ ରବିବାର - | ଜଗତପୁର ଶାଖାରେ ସନାତନୀ କେତନ ଉତ୍ତୋଳନ ଓ ସତ୍‌ସଂଗ ଅଧିବେଶନ । |
| ତା ୮.୨.୯୯ ରିଖ ସୋମବାର - | ଗୋପାଳପୁର ଗୁରୁଭାଇ କୈଳାସ ଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ବାର୍ଷିକ ନାମ । |
| ତା ୧୪.୨.୯୯ ରିଖ ରବିବାର- | ସିଲଦା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୨୦.୨.୯୯ ରିଖ ଶନିବାର - | ମାଳଶାସନ ଶାଖାର ଓ ଡୋଭା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୨୨.୨.୯୯ ରିଖ ସୋମବାର- | ଗୋବିନ୍ଦପୁର ଶାଖା ଗୁରୁଭାଇ କୈଳାସ ଜେନାଙ୍କ ବାର୍ଷିକ ନାମ । |
| ତା ୨୩.୨.୯୯ ରିଖ ମଙ୍ଗଳବାର- | ବାଳିକଣ ଗୁରୁଭାଇ ରମେଶ ରାଉତରାୟଙ୍କର ବାର୍ଷିକ ନାମ ଓ ଯାମୁନୀଳିଆ ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୨୫.୨.୯୯ ରିଖ ଗୁରୁବାର - | ବେଲରପା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୨୭.୨.୯୯ ରିଖ ଶନିବାର - ଠାରୁ ତା ୪.୩.୯୯ ରିଖ ଗୁରୁବାର - | ବାରିପଦା ଛଉ ପଡିଆରେ ଶ୍ରୀବିଶ୍ୱ ପୂଜା ଦିବସ, ଯଜ୍ଞାନୁଷ୍ଠାନ ଓ ବାରିପଦା ସଦର ଶାଖାର କେତନ ସତ୍‌ସଂଗ ଅଧିବେଶନ ଓ ନୂତନ ଭାଇଭଉଣୀ ମାନଙ୍କର ଧର୍ମଧାରା ଗ୍ରହଣ । |
| ତା ୧.୩.୯୯ ରିଖ ସୋମବାର - | ବେଲରପା ଗୁରୁଭାଇ ଚନ୍ଦ୍ରମଣି ତିୱାରୀଙ୍କ ବାର୍ଷିକ ନାମ । |
| ତା ୨.୩.୯୯ ରିଖ ମଙ୍ଗଳବାର - | ବେଲରପା ଗୁରୁଭାଇ ଗୋବିନ୍ଦ ବେହେରାଙ୍କର ବାର୍ଷିକ ନାମ । |
| ତା ୫.୩.୯୯ ରିଖ ଶୁକ୍ରବାର - | ବେଲରପା ଗୁରୁଭାଇ ନଟବର ଜେନାଙ୍କ ବାର୍ଷିକ ନାମ । |
| ତା ୭.୩.୯୯ ରିଖ ରବିବାର - | କେନ୍ଦୁଝର ଜିଲ୍ଲା ପଦ୍ମପୁର ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୯.୩.୯୯ ରିଖ ମଙ୍ଗଳବାର - | କେନ୍ଦୁଝର ଜିଲ୍ଲା ବାଉରିପଦା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୧୧.୩.୯୯ ରିଖ ଗୁରୁବାର - | ଓଡାସିଂହ ଶାଖାର ବାର୍ଷିକ ସତ୍‌ସଂଗ ଅଧିବେଶନ । |
| ତା ୧୩.୩.୯୯ ରିଖ ଶନିବାର - | କେନ୍ଦୁଝର ଜିଲ୍ଲା ପୁରୁଙ୍ଗା ଶାଖାର କେତନ ବାର୍ଷିକୋତ୍ସବ ପାଳନ । |
| ତା ୧୫.୩.୯୯ ରିଖ ସୋମବାର - | ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟିଂ ଶାଖାର କେତନ ବାର୍ଷିକୋତ୍ସବ ପାଳନ୍ । |

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି